RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-134 ♦MONDAY ♦10 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୪ ♦ସୋମବାର ♦୧୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



ପ୍ରମୋଦଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ
▶କ୍ରୀଡ଼ା ପୃଷ୍ଠାରେ...

### ▶▶ ବିହାରରେ ସରିଲା ନିର୍ବାଚନ ପ୍ରଚାର: ୧୧ରେ ଭୋଟ, ୧୪ରେ ଫଳାଫଳ

# ନିଦ ହଜାଇଛନ୍ତି ମହିଳା ଭୋଟର

**ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମତଦାନ**
**ଦ୍ୱନ୍ଦ୍ୱରେ ନେତା, ଉତ୍ସାହିତ ମତଦାତା**
**ଆକଳନ କରିପାରୁ ନାହାନ୍ତି ବିଶେଷଜ୍ଞ**



**ପାଟନା, ୯।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାର ଅଭିଯାନ ଶେଷ ହୋଇଛି। ଆସନ୍ତା ୧୧ ତାରିଖ ମଙ୍ଗଳବାର ଦିନ ଅନ୍ତିମ ପର୍ଯ୍ୟାୟରେ ୧୨୨ ଆସନରେ ମତଦାନ ହେବାକୁ ଯାଉଛି। ଏଥିପାଇଁ ଆଜି ସନ୍ଧ୍ୟା ୫ଟାରୁ ନିରବ ସମୟ (ସାଇଲେଣ୍ଟ ଆୱାର) ଆରମ୍ଭ ହୋଇଛି। ୧୪ ତାରିଖ ତଥା ଶୁକ୍ରବାର ଫଳାଫଳ ପ୍ରକାଶ ପାଇବ। ମତଦାନ ପୂର୍ବରୁ ଭାରତ-ନେପାଳ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ସୀମା ସିଲ୍ କରିଦିଆଯାଇଛି। ଏହି ଅବଧି ମଧ୍ୟରେ ସୀମାରେ ଲୋକଙ୍କ ଗମନାଗମନ ଉପରେ କଟକଣା ଲଗାଇଦିଆଯାଇଛି। ବିହାର ନିର୍ବାଚନରେ ମୁଖ୍ୟ ମୁକାବିଲା ବିଜେପି ମେଣ୍ଟ ଏବଂ ଆରଜେଡି ମେଣ୍ଟ ମଧ୍ୟରେ ହେଉଛି। ଉଭୟ ପକ୍ଷ ବିଜୟକୁ ନେଇ ଆଶାବାଦୀ ଥିବା ବେଳେ ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ | କ୍ଷେତ୍ର ଛାଡ଼ିଲେ ବାହାର ନେତା

**ରବିବାର ଅପରାହ୍ଣ ୪ଟାରୁ ନିରବ ଅବଧି ଆରମ୍ଭ**
**ନିର୍ବାଚନମଣ୍ଡଳୀରେ ୫୭ ସମ୍ବେଦନଶୀଳ ବୁଥ୍**
**ଆଜି ମତଦାନ କେନ୍ଦ୍ରକୁ ଯିବେ ପୋଲିଂ ପାର୍ଟି**

**ନୂଆପଡ଼ା, ୯।୧୧(ସମିସ):** ରାଜ୍ୟର ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ରବିବାର ସନ୍ଧ୍ୟାରେ ଶେଷ ହୋଇଛି ପ୍ରଚାର। ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସମେତ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ▶ପୃଷ୍ଠା-୭

# ଆଗକୁ ବ୍ୟାଙ୍କର ମହାମିଶ୍ରଣ

### ସବୁ ମିଶି ଦେଶରେ ରହିବେ ୫ଟି ବ୍ୟାଙ୍କ



**ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି):** କେନ୍ଦ୍ର ସରକାର ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଯୋଜନା କରୁଛନ୍ତି। ଏହାର ଏକ ଅଂଶ ସ୍ୱରୂପ, ସରକାର ବ୍ୟାଙ୍କଗୁଡ଼ିକର ମହାମିଶ୍ରଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଦେଶରେ ବ୍ୟାଙ୍କଗୁଡ଼ିକର ମିଶ୍ରଣ କରି ଏକ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଦେଶରେ ଥିବା ସମସ୍ତ ବ୍ୟାଙ୍କର ମିଶ୍ରଣ ଘଟାଇ କେବଳ ୫ଟି ବ୍ୟାଙ୍କ ରଖିବାକୁ ପ୍ରସ୍ତାବ ଥିବା ସୂଚନା ମିଳିଛି।

ରିପୋର୍ଟ ଅନୁଯାୟୀ, 'ନିତି' ଆୟୋଗର ସୁପାରିସ ଆଧାରରେ ସରକାର ଛୋଟ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହିତ ମିଶ୍ରଣ କରିପାରନ୍ତି। ଏହି ମେଗା ମିଶ୍ରଣର ଏକ ଅଂଶ ସ୍ୱରୂପ, ସରକାର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ମିଶ୍ରଣ କରିବାକୁ ଯୋଜନା କରୁଛନ୍ତି। ତେବେ ଏହା ଗ୍ରାହକମାନଙ୍କ ପାଇଁ କିଛିଟା ସମସ୍ୟା ଆଣିପାରେ।

ମିଶ୍ରଣ ପରେ, ବ୍ୟାଙ୍କଗୁଡ଼ିକୁ ନୂତନ ବ୍ୟାଙ୍କ ପାଇଁ ସମସ୍ତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ପ୍ରକ୍ରିୟାକରଣ କରିବାକୁ ପଡିବ, ଯାହା ସେମାନଙ୍କର କାର୍ଯ୍ୟଭାର ବୃଦ୍ଧି କରିବ।

ଭାରତ ଏବେ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଆଗକୁ ବଢୁଛି। ଉଦ୍ଦେଶ୍ୟ ରହିଛି ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା, ଯାହା ଭିତ୍ତିଭୂମି, ମ୍ୟାନୁଫାକଚରିଂ ଏବଂ ଟେକ୍ନୋଲୋଜି ଭଳି ବୃହତ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ବଡ଼ ଆକାରରେ ଋଣ ଦେଇପାରିବ। ଆଉ ଏହି ଉଦ୍ଦେଶ୍ୟର ଏକ ଅଂଶ ହେଉଛି ଦେଶର ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ (ପିଏସ୍‌ୟୁ) ଗୁଡିକର ମିଶ୍ରଣ। ଏହି ଯୋଜନା କେବଳ ଯେ, ଭାରତୀୟ ▶ପୃଷ୍ଠା-୭

# ଡିସେମ୍ବରରୁ ମୋବାଇଲ ରିଚାର୍ଜ ମହଙ୍ଗା



**୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହେବ**
**ରିଚାର୍ଜ ଖର୍ଚ୍ଚ ପୂର୍ବାପେକ୍ଷା ୧୨% ବଢ଼ିବ**

**ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):** ଦେଶର କୋଟି କୋଟି ମୋବାଇଲ ଉପଭୋକ୍ତାଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆସନ୍ତା ଡିସେମ୍ବରରୁ ମୋବାଇଲ ସେବା ମହଙ୍ଗା ହେବ। ଟେଲିକମ୍ କମ୍ପାନୀଗୁଡିକ ଡିସେମ୍ବରରେ ସେମାନଙ୍କ ରିଚାର୍ଜ ଓ ଡାଟା ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବାକୁ ଯାଉଛନ୍ତି। ଦେଶର ତିନି ଟେଲିକମ୍ କମ୍ପାନୀ ଏୟାରଟେଲ୍, ଜିଓ ଏବଂ ଭୋଡାଫୋନ୍ ଆଇଡିଆ ସେମାନଙ୍କର ପ୍ରିପେଡ୍ ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବେ। ନୂଆ ରିଚାର୍ଜ ପ୍ଲାନ୍ ଲାଗୁ ହେବା ପରେ ଉପଭୋକ୍ତାଙ୍କୁ ପୂର୍ବ ଅପେକ୍ଷା ୧୦-୧୨ ପ୍ରତିଶତ ଅଧିକ ଅର୍ଥ ଦେବାକୁ ପଡ଼ିପାରେ। ଏମିତିକି ବର୍ତ୍ତମାନ ଚାଲୁଥିବା ୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହୋଇଯିବ। ଏହାଛଡା ୮୪ ଦିନିଆ ବୈଧତା ବିଶିଷ୍ଟ ୨ ଜିବି ଦୈନିକ ଡାଟା ପ୍ଲାନର ମୂଲ୍ୟ ୯୪୯ ଟଙ୍କାରୁ ୯୯୯ ଟଙ୍କା ମଧ୍ୟରେ ହୋଇପାରେ। ତେବେ ସରକାରୀ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏହି ଦର ବୃଦ୍ଧିରୁ ବାହାରେ ରହିପାରେ।

## ନବୀନଙ୍କ ଭିଡିଓ ବାର୍ତ୍ତା | ସୁଖଦୁଃଖର ସାଥୀ ହେବେ ସ୍ନେହାଙ୍ଗିନୀ

### ନୂଆପଡ଼ାରୁ ହିଁ ଆରମ୍ଭ ହେବ ବିଜେପିର ପରାଜୟ



**ଭୁବନେଶ୍ୱର, ୯।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରୁ ବନ୍ଦ ହୋଇଛି ପ୍ରଚାର। ମଙ୍ଗଳବାର ସକାଳୁ ଉପନିର୍ବାଚନ ପାଇଁ ମତଦାନ ହେବ। ଏହା ପୂର୍ବରୁ ନୂଆପଡ଼ାର ଭୋଟରଙ୍କ ପାଇଁ ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବାର୍ତ୍ତାରେ ନବୀନ ତାଙ୍କର ନୂଆପଡ଼ା, କୋମନା, ଖରିଆର୍ ରୋଡ୍ ସଭାରେ ବହୁ ସଂଖ୍ୟାରେ ଯୋଗ ଦେଇଥିବା ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛନ୍ତି। ନୂଆପଡ଼ାରେ ରହି ନୂଆପଡ଼ାବାସୀଙ୍କ ସେବା କରିବାକୁ ସ୍ନେହାଙ୍ଗିନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସବୁବେଳେ ନୂଆପଡ଼ାବାସୀଙ୍କର ସୁଖ ▶ପୃଷ୍ଠା-୭

# ଦୁର୍ଘଟଣା ନେଲା ୪ ଜୀବନ

## ଅଜଣା ଗାଡ଼ି ଧକ୍କାରେ ମା'-ପୁଅଙ୍କ ମୃତ୍ୟୁ





**ରେଢ଼ାଖୋଲ, ୯।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଡିମିରିକୁଦା ଗ୍ରାମ ନିକଟରେ ଆଜି ଏକ ଦୁର୍ଘଟଣାରେ ମା'-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରେଙ୍ଗାଲି ପଞ୍ଚାୟତ ପିପିଲିକାନୀ ଗ୍ରାମର ମନୋଜ ମାଝୀ (୨୫) ଓ ତାଙ୍କ ମା' ମଞ୍ଜୁ ମାଝୀ (୬୦)। ୯ ମାସର ଗର୍ଭବତୀ ସ୍ତ୍ରୀକୁ ସାକ୍ଷାତ କରିବା ପାଇଁ ମନୋଜ ନିଜ ଶାଶୂଘର ନାକଟିଦେଉଳ ବ୍ଲକ୍ ଝାରବେଢ଼ା ଗାଁକୁ ବାଇକ୍‌ରେ ▶ପୃଷ୍ଠା-୭

## ବାଇକ୍ ଧକ୍କାରେ ୨ ମୃତ

**କବିସୂର୍ଯ୍ୟନଗର / ପୋଲସରା / କୋଦଳା, ୯।୧୧ (ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଜଣେ ବୃଦ୍ଧଙ୍କୁ ବାଇକ୍ ଧକ୍କା ଦେବାରୁ ବୃଦ୍ଧଙ୍କ ସହ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ ଓ ବାଇକ ଚାଳକ ପୋଲସରା ଥାନା ଅନ୍ତର୍ଗତ ରାଣିପଡ଼ା ଗ୍ରାମର ମିଟୁ ପରିଡ଼ା।

ମିଟୁ ଶନିବାର ରାତିରେ କୋଦଳା ଥାନା ଉଷ୍ଟାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରିଥିଲେ। ନାଟକ ସରିବା ପରେ ରବିବାର ଭୋର୍‌ରେ ସେ ବାଇକ୍ ଯୋଗେ ▶ପୃଷ୍ଠା-୭

## ୧୫ ଡିଗ୍ରୀ ତଳେ ୮ ସହର ତାପମାତ୍ରା

**ଭୁବନେଶ୍ୱର, ୯।୧୧ (ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ। ଲଗାତାର ଗତ ୨-୩ ଦିନ ହେବ ଅଧିକାଂଶ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟରେ ବର୍ତ୍ତମାନ କ୍ରମାଗତ ଭାବେ ଉତ୍ତରା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ ୮ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ଥିବା ବେଳେ ୨ଟି ସହର ତାପମାତ୍ରା ୧୧ଡିଗ୍ରୀ ଛୁଇଁଛି। ଦାରିଙ୍ଗବାଡିରେ ତାପମାତ୍ରା ୧୧ଡିଗ୍ରୀ ଛୁଇଁଥିବା ବେଳେ ଝାରସୁଗୁଡା ୧୧.୭, ଫୁଲବାଣୀ ୧୨, ରାଉରକେଲା ୧୩.୨, ଭଦ୍ରକ ୧୪, ଅନୁଗୁଳ ୧୪.୬, କେନ୍ଦୁଝର ୧୪.୬ ଓ କୋରାପୁଟରେ ତାପମାତ୍ରା ୧୪.୬ ଡିଗ୍ରୀ ରେକର୍ଡ ହୋଇଛି। ଏହାବ୍ୟତୀତ ବର୍ତ୍ତମାନ ▶ପୃଷ୍ଠା-୭

## ମୟୂରଭଞ୍ଜରେ ଚାଞ୍ଚଲ୍ୟ | ଲୁଟ୍ ପାଇଁ ଗୁଳି କରି ମାରିଦେଲେ

**ବଳଦ କିଣିବାକୁ ହାଟକୁ ଯାଉଥିଲେ**
**ଲୁଟି ନେଲେ ୫୦ ହଜାର ଟଙ୍କା**

**ରାଇରଙ୍ଗପୁର / ଶୁକୃଳି, ୯।୧୧ (ସମିସ):** ଯୁବକଙ୍କୁ ଗୁଳି କରି ହତ୍ୟା କରିବା ସହ ଲୁଟିନେଲେ ୫୦ହଜାର ଟଙ୍କା॥ ।ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ କେନ୍ଦୁଆପୋଲ ନିକଟରେ ରବିବାର ଦିନ ଦ୍ୱିପହରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ, ହାରା ମହାନ୍ତ। ତାଙ୍କ ଘର କଳନ୍ଦାରେ। ସେ କେନ୍ଦୁଝର ଜିଲ୍ଲାର ଖୁଣ୍ଟାପଡ଼ାସ୍ଥିତ ଶଶୁର ଘରେ ରହୁଥିଲେ। ଘାଗରବେଢ଼ା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ, ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ବଳଦ କିଣିବାକୁ ହାରା ଆଜି ଅଙ୍ଗାରପଦା ସାପ୍ତାହିକ ହାଟକୁ ଏକ ବାଇକ୍‌ରେ ଯାଉଥିଲେ। ପାଖରେ ତାଙ୍କର ୫୦ ହଜାର ଟଙ୍କା ଥିଲା। ଏହି ସମୟରେ କିଛି ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ସେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା କେନ୍ଦୁଆ ପୋଲ ପାର୍ ହେଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବାଟ ଓଗାଳିଥିଲେ। ହାରା କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ▶ପୃଷ୍ଠା-୭

### ମୁଗ ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରୁନି ଓଡ଼ିଶା

# ଚାଷୋପଯୋଗୀ ହେଉନି ସରକାରୀ ବିହନ

**ରୋଗ ସହଣି କ୍ଷମତା କମ୍; ସୁହାଉନି ଜଳବାୟୁ**
**ଧଳା ମାଛି ଲାଗି ହଳଦିଆ ପଡ଼ିଯାଉଛି ପତ୍ର**
**ସ୍ଥାନୀୟ କିସମ ବିକଶିତ ହେଲେ ଉତ୍ପାଦନ ବଢ଼ିବ**



**ଭୁବନେଶ୍ୱର, ୯।୧୧ (ବିଶ୍ୱଜିତ ଗାଇଗରିଆ):** ଧାନ ଚାଷ ପରେ ଡାଲି ଜାତୀୟ ଫସଲ କଲେ ମାଟିର ଉର୍ବରତା ବଢ଼ିବ। ଡାଲି ଜାତୀୟ ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ। ଡାଲି ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ ହେବା ସହିତ କୃଷକଙ୍କ ବାର୍ଷିକ ଆୟ ମଧ୍ୟ ବଢ଼ିବ। ଏପରି ମହତ ଉଦ୍ଦେଶ୍ୟ ନେଇ ସରକାର ରାଇସ୍ ଫେଲୋ ମ୍ୟାନେଜମେଣ୍ଟ (ଆର୍‌ଏଫ୍‌ଏମ୍) ଯୋଜନା ଅଧୀନରେ ଚାଷୀମାନଙ୍କୁ ମୁଗ ବିହନ ପ୍ରଦାନ କରୁଛନ୍ତି। ହେଲେ ସରକାରୀ ବିହନ ଗଜା ହେଉନି। ଯେତିକି ଗଛ ଉଠୁଛି ତହିଁରେ ରୋକପୋକ ଅଧିକ ମାତ୍ରାରେ ଲାଗୁଛନ୍ତି। ଫଳରେ ସରକାରୀ ବିହନକୁ ଚାଷ କରିବା ପରିବର୍ତ୍ତେ ବଜାରରୁ ଡାଲି କିଣି ରାନ୍ଧି ଖାଇବାକୁ କୃଷକମାନେ ଶ୍ରେୟସ୍କର ମଣୁଛନ୍ତି।

ମୁଗ ଚାଷ ପାଇଁ ସରକାର ଏକର ପିଛା ୮କେଜି ବା ହେକ୍ଟର ପିଛା ୨୦ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର **99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ଗୁଜରାଟରେ ତିନି ଆତଙ୍କବାଦୀ ଗିରଫ

ଅହମଦାବାଦ, ୯।୧୧ (ଏଜେନ୍ସି): ଗୁଜରାଟ ପୁଲିସ ଆଜି ଅହମଦାବାଦରେ ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଦାବି କରିଛି। ସେମାନେ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ପାଇଁ କାମ କରୁଥିଲେ ବୋଲି ଜଣାପଡ଼ିଛି। ଏହାକୁ ନେଇ ସାରା ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକୁ ଗୁଜରାଟ ଏଟିଏସ ସତର୍କ କରିଦେଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଦୁଇ ଆତଙ୍କବାଦୀ ଉତ୍ତରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣକ ହାଇଦରାବାଦର ବାସିନ୍ଦା। ତିନି ଜଣ ଯାକ ଉତ୍ତର ପ୍ରଦେଶରୁ ଗୁଜରାଟର ଆଦାଲଜରେ ପହଞ୍ଚି ଥିଲେ। ଏମାନଙ୍କ ନିକଟରୁ ତିନୋଟି ପିସ୍ତଲ, ୩୦ କ୍ୟାଟ୍ରିଜ ଏବଂ ବିପୁଳ ମାତ୍ରାରେ ରାସାୟନ ସାମଗ୍ରୀ ଜବତ କରାଯାଇଛି। ଏହି ଆତଙ୍କବାଦୀ ଅସ୍ତ୍ରଶସ୍ତ୍ର ଠୁଳ କରିବା ପାଇଁ ଗୁଜରାଟ ଆସିଥିଲେ। ଗିରଫ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ଡାକ୍ତର ସାମିଲ ରହିଛି। ସେ ଚୀନରୁ ଏମ୍‌ବିବିଏସ କରିଥିବା ଏବଂ ଇସଲାମିକ୍ ଷ୍ଟେଟ୍ ଖୋରାସନ ପ୍ରଦେଶ ସହିତ ସମ୍ପର୍କରେ ଥିବା ଜଣାପଡ଼ିଛି। ଏଟିଏସ ଡିଆଇଜି ସୁନୀଲ ଜୋଶୀ କହିଛନ୍ତି ଯେ ହାଇଦରାବାଦର ୩୫ ବର୍ଷୀୟ ଅହମ୍ମଦ ମୋହିଉଦ୍ଦିନ ଚୀନ୍‌ରୁ ଡାକ୍ତରୀ ପଢ଼ା ସାରି ଭାରତ ଫେରି ଆସିଥିଲା।

## ଅଜିତ ପାୱାରଙ୍କ ପୁଅ ବିରୋଧରେ ଆଉ ଏକ ଜମି ହଡ଼ପ ଅଭିଯୋଗ

ମୁମ୍ବଇ, ୯।୧୧ (ଏଜେନ୍ସି): ମହାରାଷ୍ଟ୍ରରେ ବିଜେପିର ସହଯୋଗୀ ଦଳ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଲାଗିଛି। ତାଙ୍କ କମ୍ପାନୀ ଅମେଡିଆ ହୋଲ୍ଡିଂସ୍‌ର ଆଉ ଏକ ଜମି ଦୁର୍ନୀତି ମାମଲା ସାମ୍ନାକୁ ଆସିଛି। ଏହି ମାମଲା ବିପିଡି ଅଞ୍ଚଳର। ଏହା କୃଷି ବିଭାଗ ଜମି ହୋଇଥିବା ସତ୍ତ୍ୱେ ତହସିଲଦାରଙ୍କ ସହ ମିଶି ଜମି ହଡ଼ପ କରିଥିବା ଏବଂ ଜାଲ୍ କାଗଜପତ୍ର ପ୍ରସ୍ତୁତିର ଅଭିଯୋଗ ଲାଗିଛି। ଏହାକୁ ନେଇ କମ୍ପାନୀର ନିର୍ଦ୍ଦେଶକ ଦିଗବିଜୟ ଅମରସିଂହ ପାଟିଲଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ପାର୍ଥଙ୍କ କମ୍ପାନୀ ଉପରେ ପୁନେର ମୁଣ୍ଢୱାରେ ଜମି ହଡ଼ପ କରିଥିବା ଅଭିଯୋଗ ଲାଗିଥିଲା। ଏହି ମାମଲାରେ ଜଣେ ଅଧିକାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। ଏହାର ଯାଞ୍ଚ ଲାଗି ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପୁଅ କମ୍ପାନୀର ଏହି ଚୁକ୍ତିକୁ ରଦ୍ଦ କରିଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି। ଏବେ ଷ୍ଟାମ୍ପ ଶୁଳ୍କ ରଦ୍ଦ କରିଥିବାରୁ ଏ ବାବଦକୁ ପାର୍ଥଙ୍କ କମ୍ପାନୀଙ୍କୁ ୪୨ କୋଟି ଟଙ୍କା ପୈଠ କରିବାକୁ ପଡ଼ିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ଶନିବାର କହିଥିଲେ ଯେ ପୁନେ ଜମି ଚୁକ୍ତି ମାମଲାରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିରେ କାହାକୁ ସୁରକ୍ଷା ଦିଆଯିବ ନାହିଁ।

## ରାହୁଲ ଗାନ୍ଧୀଙ୍କୁ ଦଣ୍ଡ

ଭୋପାଳ, ୯।୧୧ (ଏଜେନ୍ସି): ନିୟମ ସମସ୍ତଙ୍କ ପାଇଁ ସମାନ। ବଡ଼ ପଦାଧିକାରୀ ହୁଅନ୍ତୁ ଅବା ତୃଣମୂଳସ୍ତରର ସାଧାରଣ କର୍ମୀ ସମସ୍ତଙ୍କୁ ନିୟମ ପାଳନ କରିବାକୁ ପଡ଼ିଥାଏ। ଶୃଙ୍ଖଳା ପାଇଁ ଏହା ଜରୁରୀ ମଧ୍ୟ। ଏହାକୁ ବଜାୟ ରଖିବା ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏପରି ଏକ ନିୟମ ଉଲ୍ଲଙ୍ଘନ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦଣ୍ଡ ପାଇଛନ୍ତି। ଆଉ ଏଥିପାଇଁ ତାଙ୍କୁ ୧୦ ପୁଶ୍-ଅପ୍ ମାରିବାର ଦଣ୍ଡ ମଧ୍ୟ ମିଳିଛି। ରାହୁଲ ଏହି ଦଣ୍ଡ ଭୋଗିଛନ୍ତି ମଧ୍ୟ। ସମସ୍ତଙ୍କ ସାମ୍ନାରେ ୧୦ ପୁଶ୍-ଅପ୍ ମାରିଛନ୍ତି। ସେ ଏପରି କରି ନିୟମକୁ ସମ୍ମାନ ଦେଇଛନ୍ତି ଏବଂ ଅନୁଶାସନହୀନତାକୁ ପ୍ରଶୟ ଦିଆଯିବ ନାହିଁ ବୋଲି ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ହିଲ୍ ଷ୍ଟେସନ ପଚମଢୀରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶନିବାର ହୋଟେଲ ହାଇଲାଣ୍ଡରେ ଅନୁଷ୍ଠିତ କଂଗ୍ରେସ ଜିଲ୍ଲାଧ୍ୟକ୍ଷଙ୍କ ପ୍ରଶିକ୍ଷଣ ଶିବିରକୁ ଦୁଇ ମିନିଟ ବିଳମ୍ବରେ ପହଞ୍ଚିଥିବାରୁ ରାହୁଲଙ୍କୁ ଏହି ଦଣ୍ଡ ଦିଆଯାଇଥିଲା। କଂଗ୍ରେସ ପ୍ରଶିକ୍ଷଣ ବିଭାଗର ମୁଖ୍ୟ ସଚିନ ରାଓ କହିଥିଲେ ଯେ ଅନୁଶାସନ ପାଳନ ନ କଲେ ପ୍ରଶିକ୍ଷଣ ଶିବିରରେ ଏହି ଦଣ୍ଡ ଦିଆଯାଇଥାଏ। ଆଉ ରାହୁଲ ଏହି ଦଣ୍ଡକୁ ସ୍ୱୀକାର କରିଥିଲେ।

## ବେଙ୍ଗାଲୁରୁ ଜେଲ୍‌ରେ ଦୁର୍ଦ୍ଦାନ୍ତ କଏଦୀଙ୍କ ମସ୍ତି



ବେଙ୍ଗାଲୁରୁ, ୯।୧୧ (ଏଜେନ୍ସି): ଚଳଚ୍ଚିତ୍ରରେ ଜେଲ୍‌ରେ ଜୀବନକୁ ଅତ୍ୟନ୍ତ କଷ୍ଟକର ଭାବେ ଦେଖାଯାଇଥାଏ। କିନ୍ତୁ ବାସ୍ତବରେ ଏହା ବୀପରିତ ହୋଇଥାଏ। ଜେଲ୍ ଭିତରେ ଗରିବ କଏଦୀଙ୍କୁ କୌଣସି ସୁବିଧା ମିଳୁନଥିବାବେଳେ ଟଙ୍କା ଦେଇପାରୁଥିବା ଦୁର୍ଦ୍ଦାନ୍ତ ଆତଙ୍କବାଦୀ, ଅପରାଧୀଙ୍କୁ ସବୁ ବିଳାସପୂର୍ଣ୍ଣ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ବେଙ୍ଗାଲୁରୁର ପରପ୍ପାନା ଅଗ୍ରହାରା କେନ୍ଦ୍ରୀୟ ଜେଲ୍‌ରୁ ଏଭଳି ମାମଲା ସାମ୍ନାକୁ ଆସିଛି। ଏଠାରେ ଆଇଏସଆଇଏସ ଆତଙ୍କବାଦୀ ଜୁହେବ ହମିଦ ସକିଲ ମନ୍ନା ଫୋନ ବ୍ୟବହାର କରୁଥିବା ଦେଖାଯାଉଛି। ୨୦୨୧ ନଭେମ୍ବର ୧୭ରେ ଦିଲ୍ଲୀ ବିମାନବନ୍ଦରରୁ ସକିଲକୁ ଏନଆଇଏ ଗିରଫ କରିଥିଲା। ସେ ଯୁବ ଗୋଷ୍ଠୀଙ୍କୁ ଆତଙ୍କବାଦରେ ସାମିଲ କରିପାଣ୍ଠି ସଂଗ୍ରହର ଅଭିଯୋଗ ଲାଗିଛି। ଏହା ବ୍ୟତୀତ ସିରିଏଲ କିଲର ତଥା ଦୁଷ୍କର୍ମକାରୀ ଉମେଶ ରେଡ୍ଡୀକୁ ମଧ୍ୟ ମୋବାଇଲ ଫୋନ ବ୍ୟବହାର କରୁଥିବା ଦେଖାଯାଉଛି। ଆଉ କିଛି କଏଦୀ ଜେଲ୍ ଭିତରେ ଟିଭି ଦେଖୁଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଜେପି ବିଧାୟକ ବିଜେନ୍ଦ୍ର ୟେଦିୟୁରପ୍ପା ଏହି ଭିଡିଓ ସେୟାର କରିଛନ୍ତି। କର୍ଣ୍ଣାଟକ ଜେଲ୍ ଏବେ ରିସୋର୍ଟରେ ବଦଳି ଯାଇଛି ବୋଲି ସେ ଲେଖିଛନ୍ତି। ଏହି ଜେଲ୍‌ରେ ଦେଶଦ୍ରୋହୀ, ଆତଙ୍କବାଦୀ, ଦୁଷ୍କର୍ମକାରୀ, ଚୋର ଏବଂ ହତ୍ୟାକାରୀଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଉଥିବା ସେ କହିଛନ୍ତି। ବିବାଦ ବଢିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ମାମଲାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ସେ ଘଟଣାର ରିପୋର୍ଟ ମାଗିଛନ୍ତି।

ଏହି ଭାଇରାଲ ଭିଡିଓ ଜେଲ୍ ସୁରକ୍ଷା ବ୍ୟବସ୍ଥା ଏବଂ ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଜେଲ୍‌ଅଧିକାରୀମାନେ କହିଛନ୍ତି ଯେ ଏହି ଭିଡିଓଗୁଡ଼ିକର ସତ୍ୟତା ଯାଞ୍ଚ କରିବା ପାଇଁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ପୂର୍ବରୁ କିଛି ଦିନ ତଳେ ଗୁବ୍ବାଚି ସିନା ନାମକ ଜଣେ କୁଖ୍ୟାତ ଅପରାଧୀ ଜେଲ ଭିତରେ ଜନ୍ମଦିନ ପାଳନ କରୁଥିବାର ଦେଖାଯାଇଥିଲା। ସେ କେକ୍ କାଟି ସାଥୀ କଏଦୀମାନଙ୍କ ସହିତ ଉତ୍ସବ ମନାଉଥିଲା।

## ଭାରତରେ କେହି ଅଣହିନ୍ଦୁ ନୁହନ୍ତି: ମୋହନ ଭାଗବତ

ବେଙ୍ଗାଲୁରୁ, ୯।୧୧ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ନୀତିକୁ ସମର୍ଥନ ଦିଏ। କୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳକୁ ସଂଘ ସମର୍ଥନ ଦିଏ ନାହିଁ। ଯଦି କଂଗ୍ରେସ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଦାବିକୁ ମାନି ନେଇଥାଆନ୍ତା ତେବେ ଆରଏସଏସ କର୍ମୀ ଏହି ଦଳକୁ ମଧ୍ୟ ସମର୍ଥନ ଦେଇଥାନ୍ତେ।



ଆରଏସଏସକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ମୁଖ୍ୟ ମୋହନ ଭାଗବତ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଆରଏସଏସ କୌଣସି ରାଜନୈତିକ ଦଳକୁ ସମର୍ଥନ ଦିଏ ନାହିଁ। ନିର୍ବାଚନ ରାଜନୀତିରେ ସଂଘ ଅଂଶଗ୍ରହଣ କରେନାହିଁ। ସଂଘ ସମାଜକୁ ଯୋଡ଼ିବା ପାଇଁ କାମ କରିଥାଏ। କିନ୍ତୁ ରାଜନୀତି ବିଭାଜନକାରୀ ହୋଇଥାଏ। ଆମେ ଦେଶକୁ ଗୋଟିଏ ନିର୍ଦ୍ଦିଷ୍ଟ ମାର୍ଗରେ ନେବାକୁ ପ୍ରୟାସ କରୁଛୁ। ଯିଏ ଏହି ଦିଗରେ କାର୍ଯ୍ୟ କରିବ ଆରଏସଏସ ତାହାକୁ ସମର୍ଥନ ଦେବ। ରାମ ମନ୍ଦିର ନିର୍ମାଣକୁ ସମର୍ଥନ ଦେଇଥିବା ଦଳକୁ ସ୍ୱୟଂସେବକ ଭୋଟ କରିଥିଲେ। ସେହିପରି ଭାରତରେ କେହି ଅଣହିନ୍ଦୁ ନୁହନ୍ତି। ସଂଘ କାହାର ବିରୋଧୀ ନୁହେଁ। ଶାଖାକୁ ମୁସଲମାନ, ଖ୍ରୀଷ୍ଟିଆନ ଏବଂ ହିନ୍ଦୁ ବି ଆସନ୍ତି। କିଏ କ'ଣ ବୋଲି କାହାକୁ କେବେବେଳେ ବି ପ୍ରଶ୍ନ କରାଯାଇ ନ ଥାଏ। ଆମେ ସମସ୍ତେ ଭାରତ ମାତାଙ୍କ ସନ୍ତାନ। ଏହା ହିଁ ସଂଘର କାର୍ଯ୍ୟଶୈଳୀ। ସଂଘ ଗେରୁଆକୁ ଗୁରୁ ମାନୁଛି ଏବଂ ତ୍ରିରଙ୍ଗାକୁ ବହୁତ ସମ୍ମାନ ଦେଉଛି ବୋଲି ଭାଗବତ କହିଛନ୍ତି।

# ଚିନ୍ତା ବଢ଼ାଉଛି ବାଂଲା-ପାକ୍ ସମ୍ପର୍କ

ଢ଼ାକା, ୯।୧୧ (ଏଜେନ୍ସି): ପାକିସ୍ତାନର ଅତ୍ୟାଚାରରୁ ମୁକ୍ତି ଦେବା ପାଇଁ ଭାରତ ୧୯୭୧ରେ ସ୍ୱତନ୍ତ୍ର ସେନା ଅଭିଯାନ ଆରମ୍ଭ କରିଥିଲା। ପାକିସ୍ତାନ ସେନାକୁ ଧୂଳି ଚଟାଇ ବାଂଲାଦେଶ ଗଠନ କରିଥିଲା। କିନ୍ତୁ ଏବେ ଭାରତ ଅବଦାନକୁ ବାଂଲାଦେଶ ଭୁଲି ଯାଇଛି। ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ବିତାଡ଼ିତ କରିବା ପରେ ମହମ୍ମଦ ୟୁନୁସ କାମଚଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ଜଣେ ପାକିସ୍ତାନ ପ୍ରେମୀ ଭାବେ ପରିଚିତ। କ୍ରମାଗତ ଭାବେ ୟୁନୁସ ଭାରତ ବିରୋଧୀ ପଦକ୍ଷେପ ନେଇ ଚାଲିଛନ୍ତି। ବିଭ୍ରାନ୍ତିକର ଦାବି କରିବା ସହିତ ଭାରତ ସହ ସମ୍ପର୍କ ଖରାପ କରିବାରେ ଲାଗିଛନ୍ତି। ଯେଉଁ ଦେଶ ବାଂଲାଦେଶରେ ଅତ୍ୟାଚାର କରି ଲକ୍ଷ ଲକ୍ଷ ମହିଳାଙ୍କୁ ଦୁଷ୍କର୍ମ ଏବଂ ହତ୍ୟା କରିଥିଲା ସେହି ଦେଶ ସହ ୟୁନୁସ ସମ୍ପର୍କ ବୃଦ୍ଧି କରି ନିଜ ଜନତାଙ୍କୁ ବି ଧୋକା ଦେଉଛନ୍ତି। ସେ ଅଞ୍ଚଳରେ ନୂଆ କ୍ଷମତା କେନ୍ଦ୍ର ଗଠନ କରିବାକୁ ଚାହୁଁଛନ୍ତି। ଏହି କ୍ରମରେ ପାକିସ୍ତାନ ସହ ସାମରିକ ସମ୍ପର୍କ ବଢାଇ ଚାଲିଛନ୍ତି। ଏବେ ସେ ଭାରତକୁ ବଡ଼ ଝଟ୍‌କା ଦେଇଛନ୍ତି। ୧୯୭୧ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ପାକିସ୍ତାନର ଏକ ଯୁଦ୍ଧ ଜାହାଜ ଶନିବାର ବାଂଲାଦେଶରେ ପହଞ୍ଚିଛି। ଏହି ଯୁଦ୍ଧ ଜାହାଜ 'ପିଏନଏସ ସୈଫ' ବଙ୍ଗୋପସାଗର ଉପକୂଳ ଦେଇ ଚଟ୍ଟଗାଁଓ ବନ୍ଦରରେ ପହଞ୍ଚିଛି। ଏହି ଜାହାଜ ଏଠାରେ ଚାରି ଦିନ ରହିବ। ଏହା ସଦ୍ଭାବନା ଯାତ୍ରା ବୋଲି କୁହାଯାଉଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ବନ୍ଧକୁ ବୃଦ୍ଧି କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି।

ବାଂଲାଦେଶ ନୌସେନାର ସୂଚନା ଅନୁଯାୟୀ, ସୁଜାତ ଅବାସ ଏହି ଜାହାଜର କ୍ୟାପ୍ଟେନ ଅଛନ୍ତି। ଚଟ୍ଟଗାଁଓ ପହଞ୍ଚିବା ପରେ ବାଂଲାଦେଶ ଜାହାଜ ବିଏନଏସ ସାଧିନୋତା ସମୁଦ୍ରରେ ଏହାକୁ ସଲାମୀ ଦେଇଥିଲା ଏବଂ ବନ୍ଦର ପର୍ଯ୍ୟନ୍ତ ମାର୍ଗଦର୍ଶନ କରିଥିଲା। ଏହି ଗସ୍ତ ସମୟରେ ଦୁଇ ଦେଶର ନୌସେନା ଅଧିକାରୀ ପରସ୍ପରକୁ ଭେଟି ବିଭିନ୍ନ ପ୍ରସଙ୍ଗରେ ସହଯୋଗ ଉପରେ ଚର୍ଚ୍ଚା କରିବେ। ୧୨ ତାରିଖରେ ଏହି ଯାତ୍ରା ଶେଷ ହେବ।

- **ବାଂଲାଦେଶରେ ପହଞ୍ଚିଲା ପାକିସ୍ତାନ ଯୁଦ୍ଧ ଜାହାଜ**
- **୧୯୭୧ ଯୁଦ୍ଧ ପରେ ପ୍ରଥମ ଘଟଣା**

୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନପରଠାରୁ ପ୍ରଥମ ଦେଶ ଭାବେ ବାଂଲାଦେଶର ଅନ୍ତରୀଣ ସରକାରକୁ ପାକିସ୍ତାନ ସ୍ୱାଗତ କରିଥିଲା। ଏହା ପରଠାରୁ ଢାକା ଏବଂ ଇସଲାମାବାଦର ସମ୍ବନ୍ଧ ମଜବୁତ ହେବାରେ ଲାଗିଛି। କିନ୍ତୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ମହମ୍ମଦ ୟୁନୁସଙ୍କ ସରକାର ନିକଟରେ ଭାରତର



ଅନେକ ଅଞ୍ଚଳକୁ ବାଂଲାଦେଶରେ ସାମିଲ କରିଥିବା ମାନଚିତ୍ର ଜାରି କରିଥିଲେ। ଏହାକୁ ପାକିସ୍ତାନ ସେନା ଅଧିକାରୀଙ୍କୁ ସେ ପ୍ରଦାନ କରିଥିଲେ। ଭାରତର ଚିକେନ ନେକ୍ ଅଞ୍ଚଳରେ ମଧ୍ୟ ବାଂଲାଦେଶ କୁଟୀଳ ପ୍ରୟାସ କରୁଛି। ସେଠାରେ ଥିବା ନିଜ ଏୟାରବେସର ସମ୍ପ୍ରସାରଣ କରୁଛି। ଅନ୍ୟପଟେ ଏବେ ପାକିସ୍ତାନ ବାୟୁସେନାର ପ୍ରମୁଖ ଆଡମିରାଲ ନଭେଜ ଅସରଫ ମଧ୍ୟ ଚାରି ଦିନିଆ ବାଂଲାଦେଶ ଗସ୍ତରେ ଅଛନ୍ତି। ଏହା ପୂର୍ବରୁ ପାକିସ୍ତାନର ପ୍ରମୁଖ ମିଲିଟାରୀ କମାଣ୍ଡର ଜେନେରାଲ ସାହିର ସମସାଦ ମିର୍ଜା ବାଂଲାଦେଶ ଯାଇଥିଲେ। ଏହି ଚାରି ଦିନିଆ ଗସ୍ତରେ ସେ ମହମ୍ମଦ ୟୁନୁସଙ୍କୁ ଭେଟି ପ୍ରତିରକ୍ଷା ସମ୍ବନ୍ଧ ବୃଦ୍ଧି ନେଇ ଆଲୋଚନା କରିଥିଲେ। କିନ୍ତୁ ବାଂଲାଦେଶରେ ପାକିସ୍ତାନ ଯୁଦ୍ଧ ଜାହାଜ ପହଞ୍ଚିବା ଭାରତ ପାଇଁ ଚିନ୍ତାର ବିଷୟ। ପାକିସ୍ତାନ ସହ ବାଂଲାଦେଶ ଦ୍ରୁତଗତିରେ ସମ୍ବନ୍ଧ ସୁଧାରୁଛି ବୋଲି ଏହା ପ୍ରମାଣ ଦେଉଛି। ଏହି ଜାହାଜକୁ ଚୀନ୍ ନିର୍ମାଣ କରିଥିଲା। ଏହା ଦ୍ୱାରା ବାଂଲାଦେଶରେ ଚୀନ୍ ସାମରିକ ଉପସ୍ଥିତି ଜାହିର କରିପାରେ। ଏହା ବ୍ୟତୀତ ଚଟ୍ଟଗାଁଓ ବିମାନବନ୍ଦର ଭାରତର ପୂର୍ବ ଉପକୂଳ ନିକଟରେ ରହିଛି। ଏଥିପାଇଁ ପାକିସ୍ତାନ ଏବଂ ଚୀନ୍ ଜାହାଜ ଭାରତର ସାମୁଦ୍ରିକ ସୁରକ୍ଷା ଉପରେ ବିପଦ ସୃଷ୍ଟି କରିପାରନ୍ତି। ମାସେ ତଳେ ମଧ୍ୟ ଆମେରିକାର ଏକ ଜାହାଜ ଏଠାରେ ପହଞ୍ଚି ଥିଲା।

## 'ଭୋଟ ପାଇଁ ଲୋକଙ୍କୁ ହରିୟାଣାରୁ ବିହାର ଅଣାଯାଇଛି'

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତୀୟ ନିର୍ବାଚନ କମିଶନର (ଇସି)ଙ୍କ ନିରପେକ୍ଷତା ଉପରେ ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରଶ୍ନ ଉଠାଇଛନ୍ତି। ବିଜେପି ସପକ୍ଷରେ ଇସି କାମ କରୁଛନ୍ତି ବୋଲି ସେ ଅଭିଯୋଗ ଲଗାଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସିବଲ ରବିବାର କହିଥିଲେ ଯେ ହରିୟାଣାରୁ ହଜାର ହଜାର ଯାତ୍ରୀଙ୍କୁ ଧରି ଅନେକ ଟ୍ରେନ ସନ୍ଦେହଜନକ ସ୍ଥିତିରେ ବିହାରରେ ପହଞ୍ଚିଛି। ଏହା ଉପରେ ଇସି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି କି? ଇସି ଆଉ ବିଜେପି ଏଜେଣ୍ଟ ଭଳି କାମ କରୁନାହାନ୍ତି ତ? ସିବଲ କହିଥିଲେ ଯେ ଗତ ୩ ତାରିଖରେ ୪ଟି ଟ୍ରେନ ୬ ହଜାର ଯାତ୍ରୀଙ୍କୁ ଧରି ବିହାରରେ ପହଞ୍ଚି ଥିଲା। ଏହି ଲୋକମାନେ କାହିଁକି ଯାତ୍ରା କରୁଥିଲେ? ଏମାନେ ବିହାରର ପ୍ରକୃତ ଭୋଟର କି? ଏମାନେ କୌଣସି ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶ ନୁହଁନ୍ତି ତ? ଏହି ସ୍ୱତନ୍ତ୍ର ଟ୍ରେନଗୁଡିକୁ କାହିଁକି ଚଲା ଯାଇଥିଲା? ଯଦି ଏହା

- **ରେଳବାଇ, ଇସିଙ୍କ ଉପରେ ପ୍ରଶ୍ନ ଉଠାଇଲେ ସିବଲ**
- **ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା ହୋଇଥିଲା**

ସ୍ୱତନ୍ତ୍ର ଟ୍ରେନ ଥିଲା ତେବେ କେବଳ ହରିୟାଣାରୁ ବିହାର କାହିଁକି ଆସିଥିଲା? ସ୍ୱତନ୍ତ୍ର ସେବା ପାଇଁ ଏହି ଟ୍ରେନ ନ ଥିଲା ତ? ଛଟ୍ ସମୟରେ ଏପରି କାହିଁକି କରାଯାଇ ନ ଥିଲା? ଏ ସବୁର ଉତ୍ତର ରେଳମନ୍ତ୍ରୀ ଦେବା ଉଚିତ। ପ୍ରକୃତ ଭୋଟରଙ୍କୁ କୌଣସି ସ୍ୱତନ୍ତ୍ର ଟ୍ରେନର ଆବଶ୍ୟକତା ନ ଥାଏ। ଏହି ଟ୍ରେନରେ ଆସିଥିବା ୬ ହଜାର ଲୋକ କୁଆଡେ ଗଲେ? ଏହି ଟ୍ରେନକୁ କିଏ ବୁକ୍ କରିଥିଲା? ଜେଡିୟୁ କି ବିଜେପି ଏହି ଟ୍ରେନ ବୁକ୍ କରିଥିଲେ କି?

ସିବଲ ଅଭିଯୋଗ କରିଛନ୍ତି ଯେ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ହରିୟାଣା ବିଜେପି ଅଧ୍ୟକ୍ଷ ମୋହନ ଲାଲ ଏବଂ ଅନ୍ୟ ଦଳୀୟକର୍ମୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ବିଜେପି ଏଥିପାଇଁ ଟଙ୍କା ଦେଇଥିଲା। କିନ୍ତୁ ଏବେ ରେଳମନ୍ତ୍ରୀ ଏହା ସ୍ପଷ୍ଟ କରିବା ଉଚିତ। ସିବଲଙ୍କ ଅନୁଯାୟୀ, ଟ୍ରେନରେ ଆସିଥିବା ବ୍ୟକ୍ତି ହେଉଛନ୍ତି ବୃତ୍ତିଗତ ଭୋଟର। ଏମାନେ ନିର୍ଦ୍ଦିଷ୍ଟ ତାରିଖରେ ବିଭିନ୍ନ ବିଧାନସଭା କ୍ଷେତ୍ରକୁ ଯାଇ ଭୋଟ ଦେଇଥାନ୍ତି।

## ଶାଶୂଙ୍କୁ ଜିଅନ୍ତା ଜାଳିଦେଲା ବୋହୂ

ବିଶାଖାପାଟଣା, ୯।୧୧ (ଏଜେନ୍ସି): ବିଶାଖାପାଟଣାର ପେନ୍ଦୁର୍ଥୀ ଥାନା ଅଧୀନସ୍ଥ ଭେପାଗୁଣ୍ଟା ନିକଟସ୍ଥ ଆପ୍ପାପାଲେମରର ଏକ ଆପାର୍ଟମେଣ୍ଟରୁ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ବୋହୂ ନିଜ ପିଲାମାନଙ୍କୁ 'ଚୋରପୁଲିସ' ଖେଳିବାକୁ ପଠାଇ ଜଘନ୍ୟ କାଣ୍ଡ କରିଛି। ପିଲାଙ୍କ ଅନୁପସ୍ଥିତିରେ ଶାଶୂ ଜୟନ୍ତୀ କାନାକା ମହାଲକ୍ଷ୍ମୀ (୬୩) ଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛି। ଶାଶୁ ହତ୍ୟା କେମିତି କରାଯିବ ତାହାର ଶିକ୍ଷା ବୋହୂ ୟୁଟ୍ୟୁବ୍‌ରୁ ନେଇଥିଲା। ୟୁଟ୍ୟୁବ ଦେଖିବା ପରେ ହତ୍ୟା ଷଡ଼ଯନ୍ତ୍ର କରିଥିଲା।



ପଶ୍ଚିମ ଜୋନ୍ ଏସିପି ପ୍ରଦୀପ ତେଜା କହିଛନ୍ତି ଯେ ମହାଲକ୍ଷ୍ମୀ ତାଙ୍କ ପୁଅ ଜୟନ୍ତୀ ସୁବ୍ରମଣ୍ୟମ, ବୋହୂ ଲଳିତା ଦେବୀ (୩୦), ନାତି ଈଶ୍ୱର ଚନ୍ଦ୍ର ଏବଂ ନାତୁଣୀ ଶ୍ରୀନୟନା ତଥା ପୁତୁରା ଶରତଙ୍କ ସହ ଆପାର୍ଟମେଣ୍ଟରେ ରହୁଥିଲେ। ୧୨ ବର୍ଷ ତଳେ ସୁବ୍ରମଣ୍ୟମ ଏବଂ ଲଳିତାଙ୍କ ବିବାହ ହୋଇଥିଲା। କିନ୍ତୁ ପ୍ରଥମ ଦିନରୁ ଶାଶୁବୋହୂଙ୍କ ସମ୍ପର୍କ ଠିକ୍ ନ ଥିଲା। ପ୍ରାୟ ସବୁଦିନ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏଥିରେ ଅତିଷ୍ଠ ହୋଇ ଲଳିତା ତାଙ୍କ ଶାଶୂଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ଗତ ୬ ତାରିଖରେ ଲଳିତା ସିଂହାଚଳମ୍ ଗୋଶାଳା ନିକଟସ୍ଥ ଏକ ପେଟ୍ରୋଲ ପମ୍ପରୁ ଲିଟରେ ପେଟ୍ରୋଲ ଆଣିଥିଲେ। ଏହା ପରଦିନ ସକାଳେ ସ୍ୱାମୀ ଏବଂ ପୁତୁରା କାମକୁ ଗଲାପରେ ବୋହୂ ଷଡ଼ଯନ୍ତ୍ର ଆରମ୍ଭ କରିଥିଲେ। ପ୍ରଥମେ ପିଲାମାନଙ୍କୁ ଚୋର-ପୁଲିସ ଖେଳିବାକୁ କହି ଜେଜେମାଙ୍କ ହାତ ବାନ୍ଧି ଆଖିରେ ପଟି ଭିଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଶାଶୂ ଏହାକୁ ଖେଳ ଭାବି ଏପରି କରିବାକୁ ରାଜି ହୋଇ ଯାଇଥିଲେ। କିନ୍ତୁ ପିଲା ଲୁଚିବାକୁ ଯିବା ପରେ ବୋହୂ ପେଟ୍ରୋଲ ଢାଳି ଏକ ଦୀପ ଆଣି ତାଙ୍କ ଉପରେ ପକାଇ ଦେଇଥିଲେ। ଶାଶୂଙ୍କ ଚିତ୍କାର ଶୁଣି ପଡୋଶୀ ନିଆଁ ଲିଭାଇବାକୁ ଧାଇଁ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜେରା ସମୟରେ ଲଳିତା ଅପରାଧ ସ୍ୱୀକାର କରିଥିଲେ। ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୁଲିସ ଲଳିତାଙ୍କୁ ଗିରଫ କରି ନ୍ୟାୟିକ ହେପାଜତକୁ ନେଇଛି।

## ବିଦେଶରେ ୨ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତୀୟ ସୁରକ୍ଷା ଏଜେନ୍ସିକୁ ବଡ଼ ସଫଳତା ମିଳିଛି। ବିଦେଶରେ ରହି ଆପରାଧିକ କାର୍ଯ୍ୟକଳାପରେ ସାମିଲ ଥିବା ଭାରତର ଦୁଇ ମୋଷ୍ଟ ୱାଣ୍ଟେଡ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରାଯାଇଛି। ହରିୟାଣା ପୁଲିସ ସହିତ ସୁରକ୍ଷା ଏଜେନ୍ସି ଅଧିକାରୀମାନେ ଗ୍ୟାଙ୍ଗଷ୍ଟର ଭେଙ୍କଟେଶ ଗର୍ଗଙ୍କୁ ଜର୍ଜିଆରୁ ଏବଂ ଭାନୁ ରାଣାକୁ



ଆମେରିକାରୁ ଗିରଫ କରାଯାଇଛି। ରାଣା ହେଉଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ। ଖୁବଶୀଘ୍ର ରାଣା ଏବଂ ଗର୍ଗଙ୍କୁ ଭାରତ ପ୍ରତ୍ୟର୍ପଣ କରାଯିବ। ଏବେ ଦେଶର ୨୪ରୁ ଅଧିକ ଗ୍ୟାଙ୍ଗଷ୍ଟର ବିଦେଶରେ ଅଛନ୍ତି। ସେମାନେ ବିଦେଶରେ ରହି ଗ୍ୟାଙ୍ଗ ସଦସ୍ୟଙ୍କୁ ନିଯୁକ୍ତି କରି ଭାରତରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଗିରଫ ପାଇଁ ଆରମ୍ଭ କରାଯାଇଥିବା ଅଭିଯାନରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଜର୍ଜିଆରୁ ଗିରଫ ହରିୟାଣା ନାରାୟଣଗଡ଼ର ବାସିନ୍ଦା ଗର୍ଗ ବିରୋଧରେ ଭାରତରେ ୧୦ରୁ ଅଧିକ ମାମଲା ରହିଛି। ସେ ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଏବଂ ଅନ୍ୟ ରାଜ୍ୟରୁ ଗ୍ୟାଙ୍ଗ ସଦସ୍ୟ ନିଯୁକ୍ତି କରୁଥିଲା। ଗୁରୁଗ୍ରାମର ବିଏସ୍‌ପି ନେତା ହତ୍ୟା ମାମଲାରେ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ସେ ଜର୍ଜିଆ ପଳାଇ ଥିଲା। ସେଠାରେ ଗ୍ୟାଙ୍ଗଷ୍ଟର କପିଲ ସାଙ୍ଗୱାନ ସହ ମିଶି ଦାଦାବଟି ଆଦାୟ କରୁଥିଲା। ସେହିପରି କର୍ଣ୍ଣାଲର ବାସିନ୍ଦା ରାଣା ଆମେରିକାରେ ରହି ଭାରତରେ ଆପରାଧିକ ସାମ୍ରାଜ୍ୟ ଚଳାଇ ଥିଲା। ହରିୟାଣା, ପଞ୍ଜାବ ଏବଂ ଦିଲ୍ଲୀରେ ତା ବିରୋଧରେ ମାମଲା ରହିଛି। ପଞ୍ଜାବରେ ହୋଇଥିବା ଗ୍ରେନେଡ ଆକ୍ରମଣରେ ସେ ସାମିଲ ଥିଲା।

## ଆଡଭାନୀଙ୍କୁ ଥରୁରଙ୍କ ପ୍ରଶଂସା, ଦୂରେଇଲା କଂଗ୍ରେସ

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଜନ୍ମଦିନ ଅବସରରେ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ କଂଗ୍ରେସ ସାଂସଦ ଶଶୀ ଥରୁର ଶୁଭକାମନା ଜଣାଇଛନ୍ତି। ତେବେ ତାଙ୍କର ଏହି ଶୁଭେଚ୍ଛା ବାର୍ତ୍ତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ଓକିଲଙ୍କ ସମେତ ଅନେକ ନେତା ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଉ ସ୍ଥିତି ଏପରି ହୋଇଛି ଯେ କଂଗ୍ରେସ ଦଳ ଥରୁରଙ୍କ ଏହି ଟିପ୍ପଣୀଠାରୁ ନିଜକୁ ଦୂରେଇ ନେଇଛି। ଏହା ଥରୁରଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି କୁହାଯାଇଛି। ଥରୁର ସାମାଜିକ ଗଣମାଧ୍ୟମ ପୋଷ୍ଟରୁ ଏହି ବିବାଦ ଆରମ୍ଭ ହୋଇଥିଲା। ସେ ଲେଖିଥିଲେ ଯେ ୯୮ତମ ଜନ୍ମଦିନରେ ଆଡଭାନୀ ଜୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଜନସେବା ପ୍ରତି ଅତୁଟ ପ୍ରତିବଦ୍ଧତା, ବିନମ୍ରତା, ଶାଳୀନତା ଏବଂ ଆଧୁନିକ ଭାରତର ମାର୍ଗ ଧାର୍ଯ୍ୟ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଜଣେ ସଚ୍ଚୋଟ ରାଜନେତା ଭାବେ ତାଙ୍କ ଜୀବନ ଅନୁକରଣୀୟ। ଥରୁରଙ୍କ ଏହି ମନ୍ତବ୍ୟକୁ ସୁପ୍ରିମକୋର୍ଟ ଓକିଲ ସଞ୍ଜୟ ହେଗଡେ ବିରୋଧ କରିଥିଲେ। ଆଡଭାନୀ ଘୃଣାର ମଞ୍ଜି ବୁଣିଥିବା ଉଲ୍ଲେଖ କରିଥିଲେ। ଏହାର ଜବାବରେ ଥରୁର କଂଗ୍ରେସ ଦୁଇ ନେତା ଜବାହାରଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ଜୀବନର ଉଦାହରଣ ଦେଇଥିଲେ। ଜଣେ ବ୍ୟକ୍ତିଙ୍କୁ କେବଳ ଗୋଟିଏ ଘଟଣାରେ ସୀମିତ ନ ରଖିବା ଉଚିତ ବୋଲି କହିଥିଲେ। ସେ ଓକିଲଙ୍କ କଥାରେ ସହମତ ହୋଇ କହିଥିଲେ ଯେ ଆଡଭାନୀଙ୍କ ସେବାକୁ ଗୋଟିଏ ଘଟଣାରେ ସୀମିତ ରଖିବା ଅନୁଚିତ। ଏପରି କରିବା ଭୁଲ୍। ଚୀନ୍ ବିଫଳତାକୁ ନେଇ ନେହେରୁ ଏବଂ ଏମର୍ଜେନ୍ସିକୁ ନେଇ ଇନ୍ଦିରାଙ୍କ ସମ୍ପୂର୍ଣ୍ଣ କ୍ୟାରିୟରର ଆକଳନ କରାଯାଇପାରିବ ନାହିଁ।

## 'ଇନ୍ଦିରାଙ୍କ ପାଇଁ ପାକିସ୍ତାନ ହେଲା ପରମାଣୁ ରାଷ୍ଟ୍ର'

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତର ଭୁଲ୍ ନିଷ୍ପତ୍ତି ପାଇଁ କିଭଳି ପାକିସ୍ତାନ ପରମାଣୁ ଶକ୍ତି ସଂପନ୍ନ ରାଷ୍ଟ୍ରରେ ପରିଣତ ହେଲା ତାହାର ଗୁମର ଖୋଲିଛନ୍ତି ଆମେରିକା ସିଆଇଏର ପୂର୍ବତନ ପରମାଣୁ ପ୍ରତିରୋଧ ଅଧିକାରୀ ରିଚାର୍ଡ ବାର୍ଲୋ। ସେ କହିଛନ୍ତି ଯେ ଅଶୀ ଦଶକରେ ପାକିସ୍ତାନର ଗୁପ୍ତ ପରମାଣୁ କାର୍ଯ୍ୟକ୍ରମର ମୁଖ୍ୟକେନ୍ଦ୍ର ଥିବା କାହୁଟା ଉପରେ ଭାରତ ଓ ଇସ୍ରାଏଲ ମିଳିତ ଭାବେ ବିମାନ ଆକ୍ରମଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେତେବେଳେ ଏହା ହୋଇ ନ ଥିଲା। ଚାପ ପଡ଼ିବାରୁ ଭାରତ ଏହି ସୁଯୋଗକୁ ହାତଛଡ଼ା କରି ଦେଇଥିଲା। ଯଦି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହି ସୁଯୋଗକୁ ହାତଛଡ଼ା କରିନଥାନ୍ତେ ତେବେ ଦକ୍ଷିଣ ଏସିଆ ଏବଂ ବିଶ୍ୱ ସୁରକ୍ଷା ଏବେ ଭିନ୍ନ ହୋଇଥାନ୍ତା ବୋଲି ସେ କହିଛନ୍ତି।

କାହୁଟା ସ୍ଥିତ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ବୈଜ୍ଞାନିକ ଏ.କ୍ୟୁ. ଖାନ୍‌ଙ୍କ ନେତୃତ୍ୱରେ ପରିଚାଳିତ ହେଉଥିଲା। ଏହା ପାକିସ୍ତାନ ୟୁରାନିୟମ ହାସଲ ପ୍ରୟାସର କେନ୍ଦ୍ରବିନ୍ଦୁ ଥିଲା। ଭାରତ ଏହି କେନ୍ଦ୍ରକୁ ଧ୍ୱଂସ କରିବା ନିଷ୍ପତ୍ତିରୁ ଓହରିବାରୁ ପାକିସ୍ତାନ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇ ପାରିଥିଲା। ଏହା ପରେ ପାକିସ୍ତାନ ପରମାଣୁ ପରୀକ୍ଷଣ କରି ଇରାନ ପରି ଦେଶମାନଙ୍କୁ ଜ୍ଞାନକୌଶଳ ଯୋଗାଣ କରୁଥିଲା।

■ ବାଲିଯାତ୍ରା ପଡ଼ିଆକୁ କାର୍ ଆଣି 'ତରଙ୍ଗ' କଳାକାର ହଟହଟା

## ଘେରିଲେ ଦର୍ଶକ, ଉଦ୍ଧାର କଲା ପୁଲିସ

କଟକ,୯ ।୧୧(ସମିସ): ଐତିହାସିକ ବାଲିଯାତ୍ରା-୨୦୨୫ରେ ସୁରୁଖୁରୁରେ ଯାତ୍ରା ପରିଚାଳନା ହୋଇପାରୁନାହିଁ। ଯାତ୍ରାର ୫ଦିନରେ ଅବ୍ୟବସ୍ଥା ଲାଗି ରହିଛି। ପୁଲିସ ଓ ପ୍ରଶାସନିକ ବିଶୃଙ୍ଖଳା ଯୋଗୁଁ ସାଧାରଣ ଦର୍ଶକ ମେଳା ବୁଲି ପାରୁନାହାନ୍ତି। ଆଜି ରବିବାର ଛୁଟିଦିନ ଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ଭିଡ଼ ଭିତରେ ସାଧାରଣ ଦର୍ଶକମାନେ ଏପଟେ ଚହଟାଠାରୁ ଏବଂ ସେପଟେ ଯୋବ୍ରାଠାରୁ ଚାଲିଚାଲି ଆସୁଥିଲେ। ଏହି ୨ଟି ସ୍ଥାନରେ ନିୟୋଜିତ ହୋଇଥିବା ସରକାରୀ ବସ୍ ଭିଡ଼ ଯୋଗୁଁ ଯାତାୟାତ କରିପାରୁନାହିଁ। ଭିଡ଼ ଯୋଗୁଁ ଅଟୋଗୁଡ଼ିକ ମଧ୍ୟ ଆଜି ଠପ୍ ହୋଇଯାଇଥିଲା। ସାଧାରଣ ଦର୍ଶକ ହଇରାଣ ହେଉଥିବା ବେଳେ ଆଜି ଯାତ୍ରା ପଡ଼ିଆରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଯେଉଁ ଘଟଣା'ର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। 'ତରଙ୍ଗ' ଚ୍ୟାନେଲର କିଛି କଳାକାର ଭିଡ଼ ଭିତରେ ଏକ 'ଓଟିଭି ପ୍ରେସ୍' ଲେଖାଥିବା ଗାଡ଼ି ନେଇ ଫସି ଯାଇଥିଲେ। ଯେଉଁ ସ୍ଥାନରେ ଲୋକମାନେ ପାଦରେ ଚାଲିଚାଲି ଯିବା କଷ୍ଟକର ହେଉଥିଲା, ସେହି ସ୍ଥାନରେ ଓଟିଭି ପ୍ରେସ୍ ଲେଖାଥିବା କାର୍ ନେଇ ତରଙ୍ଗ ଚ୍ୟାନେଲ୍‌ର କଳାକାରମାନେ ଯାତ୍ରା ମଧ୍ୟକୁ ପଶିଥିଲେ। ବୋଟ୍ ଗେଟ୍ ନିକଟରେ କୌଣସି ଗାଡ଼ିକୁ ଯିବା ନେଇ



କମିଶନରେଟ୍ ପୁଲିସ ବାରଣ କରିଥିବା ବେଳେ ସେଠାରେ ଓଟିଭି ଗାଡ଼ି ନେଇ ତରଙ୍ଗ କଳାକାରମାନେ କେମିତି ଗଲେ ବୋଲି ସାଧାରଣ ଲୋକମାନେ ପ୍ରଶ୍ନ କରିଥିଲେ। ଏହାକୁ ଦୃଢ଼ ବିରୋଧ କରାଯାଇଥିଲା। ସ୍ଥିତି ଜଟିଳ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଓସେଥିରେଥିବାକଳାକାରମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲା। ଡ୍ୟୁଟିରେ ଥିବା ପୁଲିସଅଧିକାରୀଙ୍କ କହିବା ଅନୁସାରେ, ଓଟିଭିପ୍ରେସ୍ ଲେଖା ଥିବା ଗାଡ଼ିରେ ସାମ୍ବାଦିକ ଓ କ୍ୟାମେରାମ୍ୟାନ୍ ଯିବାକୁ ଅନୁମତି ମିଳିଥିଲା। କିନ୍ତୁ ତରଙ୍ଗ କଳାକାରମାନେ ଏଭଳି କରିବା ଯୋଗୁଁ ସାଧାରଣ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ।

---

ଏକକ ମାର୍ଗଦର୍ଶିକା ଓ ପରୀକ୍ଷା ଫି' ଧାର୍ଯ୍ୟ ସରିଛି

## ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି କେବେ?

ଭୁବନେଶ୍ୱର, ୯ ।୧୧(ସମିସ): ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟା ବାଟବଣା। ଦୁଇ ବର୍ଷରେ ୬୫ହଜାର ନିଯୁକ୍ତି ଦେବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ହେଁ ସ୍ନାତକ ପଢୁଆଙ୍କ ପାଇଁ ଏଯାଏ ଆଶାଜନକ ନିଯୁକ୍ତି ବାହାରିନାହିଁ। ସରକାରଙ୍କୁ ଦୁଇବର୍ଷ ପୂରିବାକୁ ଆଉ ପ୍ରାୟ ୬ ମାସ ବାକି ରହିଛି। ତେଣୁ, ଏତେ କମ୍ ସମୟ ଭିତରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କିପରି କାର୍ଯ୍ୟକାରୀ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି ବୋଲି ସରକାର କହୁଛନ୍ତି। ପରୀକ୍ଷା ପରିଚାଳନା କରିବା ପାଇଁ ଏକକ ମାର୍ଗଦର୍ଶିକା ଜାରି କରିବାଠାରୁ ଆରମ୍ଭ କରି ଖାମଖିଆଲ ଆବେଦନକାରୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ଫି' ଲାଗୁ ଭଳି ପଦକ୍ଷେପ ମଧ୍ୟ ନିଆଯାଇଛି। କିନ୍ତୁ ଏସବୁ ପରେ ମଧ୍ୟ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉନାହିଁ। ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଓ ୫ ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ଦେବାକୁ ଘୋଷଣା କରିଥିଲେ। ଅନୁରୂପ ଭାବେ ଅଗଷ୍ଟ ଶେଷ ସୁଦ୍ଧା ୨୨ ହଜାର ଗ୍ରୁପ୍-ସି' ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ କହିଥିଲେ। ଏନେଇ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ହେଲେ ନିୟମିତ ଭାବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରୁ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଚଳିତବର୍ଷ ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ୨୯ଟି ପଦ ବ୍ୟତୀତ

■ ୨ ବର୍ଷରେ ୬୫ ହଜାର ନିଯୁକ୍ତି ଦେବାକୁ ହୋଇଥିଲା ଘୋଷଣା
■ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ନ କଲେ ଆନ୍ଦୋଳନ ପାଇଁ ସଜବାଜ ଆଶାୟୀ

ସ୍ନାତକ ଡିଗ୍ରୀଧାରୀଙ୍କ ପାଇଁ ଅନ୍ୟ କୌଣସି ନିଯୁକ୍ତି ବାହାରିନାହିଁ। ଏହାରି ମଧ୍ୟରେ ପରୀକ୍ଷା ପରିଚାଳନା କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସେପ୍ଟେମ୍ବର ୨୨ତାରିଖରେ ଏକକ ମାର୍ଗଦର୍ଶିକା ଜାରି କରାଯାଇଛି। ପରୀକ୍ଷା କରୁଥିବା ସମସ୍ତ ଆୟୋଗ ଓ ବୋର୍ଡ ଏହି ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷା କରିବେ। ସେହିପରି ଖାମଖିଆଲ୍ ମନୋଭାବ ନେଇ ଆବେଦନ କରୁଥିବା ଆଶୟୀଙ୍କ ସଂଖ୍ୟା ହ୍ରାସ କରିବାକୁ ଆବେଦନ ଫି' ଲାଗୁ କରାଯାଇଛି। ଓପିଏସ୍‌ସି ସମେତ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଓ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରୀକ୍ଷା ପାଇଁ ୨ଶହ ଟଙ୍କା ଲେଖାଏଁ ଫି' ଧାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଯାହା ପରୀକ୍ଷା ସରିବା ପରେ ପରୀକ୍ଷା ଦେଇଥିବା ପିଲାଙ୍କୁ ଫେରସ୍ତ କରାଯିବ। ସମସ୍ତ ପ୍ରକ୍ରିୟା ସରିଥିଲେ ମଧ୍ୟ ନୂତନ ନିଯୁକ୍ତି କେବେ ବାହାରିବ ବୋଲି ଆଶାୟୀମାନେ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ, ଏକାଧିକ ପରୀକ୍ଷାରେ ବିଭ୍ରାଟ ଓ ଚାକିରି ବିକ୍ରି ପରି ଘଟଣା ଆଶାୟୀଙ୍କ ମନୋବଳ ଭାଙ୍ଗୁଛି। ପ୍ରଥମେ ଫରେଷ୍ଟର୍, ଫରେଷ୍ଟଗାର୍ଡ ପରୀକ୍ଷାରେ ବ୍ୟାପକ ଜାଲିଆତି ନେଇ ଆଶାୟୀମାନେ ଆନ୍ଦୋଳନ କରିଥିଲେ। ସରକାର ଏହାକୁ ପରୋକ୍ଷରେ ସ୍ୱୀକାର କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ତଦନ୍ତ ରିପୋର୍ଟ ଲୋକଲୋଚନକୁ ଏଯାଏ ଆସି ପାରି ନାହିଁ। ଏହାପରେ ଆର୍‌ଆଇ, ଅମିନ ପରୀକ୍ଷା ଓ ଏଲ୍‌ଟିଆର୍ ଶିକ୍ଷକ ପରି ଏକାଧିକ ନିଯୁକ୍ତିରେ ବିଭ୍ରାଟ ଦେଖାଦେଇଛି। ଏପରିକି ଓପିଆର୍‌ବି ପରିଚାଳିତ ପୁଲିସ୍ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟ ଧରାପଡ଼ିଛି। ଏହାବାଦ୍ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ପ୍ରାୟ ସମସ୍ତ ନିଯୁକ୍ତି ପ୍ରକ୍ରିୟା କୋର୍ଟରେ ପହଞ୍ଚୁଛି। ତ୍ରୁଟିଯୁକ୍ତ ବିଜ୍ଞପ୍ତି, ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବିଭ୍ରାଟ ଓ ଅଦାଲତରେ ମାମଲା ପାଇଁ କ୍ରମାଗତ ଭାବେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଓଏସ୍‌ଏସ୍‌ସି ପରିଚାଳିତ ସିଜିଏଲ୍, ଏସ୍‌ଏସ୍‌ବି ପରିଚାଳିତ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ ପଦ, ଲାଇବ୍ରେରିଆନ୍, ଓପିଆର୍‌ବି ପରିଚାଳିତ କମ୍ୟୁନିକେସନ୍ କନେଷ୍ଟବଳ ଓ ଚାରି ହଜାରରୁ ଅଧିକ ପୁଲିସ୍ କନେଷ୍ଟବଳ, ଷ୍ଟେନୋ ଆଦି ପଦରେ ନିଯୁକ୍ତି ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଅନ୍ୟଥା ୧୫ତାରିଖ ପରେ ବଡ଼ଧରଣର ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ଜଣେ ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି।

---

## ଘଉଡ଼ାଇବା ବେଳେ ଦଳିଦେଲା ହାତୀ

ବିଶୋଇ/ରାଇରଙ୍ଗପୁର, ୯।୧୧(ସମିସ): ଘଉଡ଼ାଇବା ବେଳେ ଦଳିଦେଲା ହାତୀ। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ଅନ୍ତର୍ଗତ ତୁଳସୀବଣି ବିଟ୍ ଅଞ୍ଚଳରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୋଡ଼ାଗଡ଼ ପଞ୍ଚାୟତସ୍ଥିତ ରାଜପାଳ ଗ୍ରାମର ସଙ୍ଗା ବାରି (୫୫)।



ସୂଚନାନୁଯାୟୀ, ଶନିବାର ରାତିରେ ଏକ ଦନ୍ତା ଓ ମାଇହାତୀ ରାଜପାଳ ଗ୍ରାମ ନିକଟସ୍ଥ ବିଲରେ ପଶି ପାଚିଲା ଧାନ ଖାଉଥିଲେ। ଖବର ପାଇ ଗାଁଲୋକ ହାତୀଦ୍ୱୟକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗା ମଧ୍ୟ ସାମିଲ ଥିଲେ। ତେବେ ହାତୀଦ୍ୱୟ ହଠାତ୍ ଗ୍ରାମବାସୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ସମସ୍ତେ ସୁରକ୍ଷିତ ଭାବେ ଦୌଡ଼ି ପଳାଇଥିବା ବେଳେ ସଙ୍ଗା ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଏସିଏଫ୍ ତଥା ମଣଦା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରିଣୀ ସୁଶ୍ରୀ ଧରିତ୍ରୀ ମୁର୍ମୁଙ୍କ ସମେତ ମଣଦା ଓ ବରେହିପାଣି ରେଞ୍ଜର ସମସ୍ତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ

**ଧାନ ଫସଲ ସୁରକ୍ଷା କରିବାକୁ ଯାଇଥିଲେ**

କରିବା ସହ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ସଙ୍ଗାଙ୍କ ପରିବାର ଗରିବ ଶ୍ରେଣୀର। ଚାଷବାସ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ତେଣୁ, ସଙ୍ଗାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବନବିଭାଗ ପକ୍ଷରୁ ତାଙ୍କ ଶବ ସତ୍କାର ନିମନ୍ତେ ୯ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଘଟଣାରେ ଯଶିପୁର ପୁଲିସ ନଂ ୩୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଦନ୍ତା ଆକ୍ରମଣରେ ଚାଷୀଙ୍କ ଗୋଡ଼ ଦୁଇଗଡ଼

ନୀଳଗିରି, ୯।୧୧ (ସମିସ): ରାତିରେ ହାତୀ ଉପଦ୍ରବରୁ କ୍ଷେତକୁ ବଞ୍ଚାଇବାକୁ ଯାଇ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି, ନୀଳଗିରିର ଶୈବପୀଠ ପଞ୍ଚଲିଙ୍ଗେଶ୍ୱରଠାରେ। ବାବା ପଞ୍ଚଲିଙ୍ଗେଶ୍ୱର ପୀଠ ତଳେ ତଥା ପାର୍କିଂଷ୍ଟାଣ୍ଡ ନିକଟରେ ଥିବା କେନ୍ଦୁନାଳ ଗାଁର ଯୋଗେନ୍ଦ୍ର ସିଂ (୪୦) ତାଙ୍କ କ୍ଷେତକୁ ଜଗି ରହିଥିଲେ। ଶନିବାର ରାତି ପ୍ରାୟ ୧୦ଟା ବେଳେ କୁଲଡିହା ଜଙ୍ଗଲରୁ ଏକ ଦନ୍ତାହାତୀ ଉକ୍ତ କ୍ଷେତରେ ପଶି ଉପଦ୍ରବ କରିଥିଲା।



ଯୋଗେନ୍ଦ୍ରଙ୍କ ସମେତ ଅନ୍ୟ ୧୫/୨୦ ଜଣ ଚାଷୀ ଓ ବନ କର୍ମଚାରୀ ହାତୀକୁ ଘଉଡ଼ାଇଥିଲେ। ପାଟି କରିବା ସହ ହାତୀ ମୁହଁକୁ ଟର୍ଚ୍ଚ ମାରିଥିଲେ। ତେବେ ହାତୀଟି ପାଲଟା ଆକ୍ରମଣ କରିଥିଲା। ଯୋଗେନ୍ଦ୍ର ଦୌଡ଼ି ନପାରି କ୍ଷେତରେ ପଡ଼ିଯିବାରୁ ହାତୀଟି ତାଙ୍କୁ ଦଳି ଦେଇଥିଲା। ଯୋଗେନ୍ଦ୍ରଙ୍କ ଗୋଡ଼ ଦୁଇଗଡ଼ ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ସେପଟେ ଅନ୍ୟ ଚାଷୀ ଓ ବନ କର୍ମଚାରୀ ଆହତ ହୋଇଥିଲେ ହେଁ ହାତୀକୁ ପାଟି କରି ଘଉଡ଼ାଇବାରୁ ଚାଷୀଜଣଙ୍କ ଅଳ୍ପକେ ବଞ୍ଚି ଯାଇଛନ୍ତି। ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

---

ବାଲି ଟ୍ରାକ୍ଟର୍ ଜବତରୁ ପୁଲିସ-ଗ୍ରାମବାସୀ ମୁହାଁମୁହିଁ

## ପୁଲିସକୁ ଘଣ୍ଟାଏ ଅଟକ ରଖିଲେ ଗ୍ରାମବାସୀ

ମୋରଡ଼ା, ୯ ।୧୧(ସମିସ): ବାଲି ବୋଝେଇ ଟ୍ରାକ୍ଟର୍ ଜବତକୁ ନେଇ ପୁଲିସ ସହ ଗ୍ରାମବାସୀଙ୍କ ମୁହାଁମୁହିଁ। ଏପରିକି, ପୁଲିସକୁ ଘଣ୍ଟାଏ ଅଟକ ରଖିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ସଂପୃକ୍ତ ଟ୍ରାକ୍ଟର୍‌ର ମାଲିକଙ୍କୁ ଗିରଫ କରିଛି। ଏହାସହ ପୁଲିସ ୧୦ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ୧୦ଜଣଙ୍କ ନାମରେ ମାମଲା
■ ଟ୍ରାକ୍ଟର୍ ମାଲିକ ଗିରଫ

ସୂଚନାନୁଯାୟୀ, ଜମ୍ବୀରା ନଦୀର ଠେଙ୍ଗାତାଣ୍ଡି ନଦୀଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ଏହି ସମୟରେ ପୁଲିସ ସେଠାରୁ ଏକ ବାଲି ବୋଝେଇ ଟ୍ରାକ୍ଟର୍ ଜବତ କରି ଥାନାକୁ ନେଉଥିଲା। କିନ୍ତୁ ଗ୍ରାମବାସୀ ସେଠାରେ ପହଞ୍ଚି ପୁଲିସକୁ ଅଟକାଇଥିଲେ। ଉକ୍ତ ଟ୍ରାକ୍ଟର୍‌କୁ ଛାଡ଼ି ନଥିଲେ। ଫଳରେ ପୁଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମବାସୀମାନେ ପୁଲିସକୁ ପାଖାପାଖି ୧ଘଣ୍ଟା ଧରି ଅଟକ ରଖିଥିଲେ। ତେବେ ଥାନା ଅଧିକାରୀ ସୁମିତ କୁମାର ସୋରେନ୍‌ଙ୍କ ନିର୍ଦ୍ଦେଶରେ ଏକ ସେକ୍ସନ୍ ଫୋର୍ସ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ଜବତ



ବାଲି ଟ୍ରାକ୍ଟର୍‌କୁ ଥାନାକୁ ଆଣିଥିଲା। ଏହି ଘଟଣାରେ ପୁଲିସ ଟ୍ରାକ୍ଟର୍ ମାଲିକ କୁଆଁର ମୁର୍ମୁଙ୍କୁ ଗିରଫ କରିଛି। ଏହାସହ ୧୦ ଗ୍ରାମବାସୀଙ୍କ ନାଁରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଶ୍ରୀ ସୋରେନ ସୂଚନା ଦେଇଛନ୍ତି।

---

## ବିଶୃଙ୍ଖଳା ସୃଷ୍ଟି ପାଇଁ ଛତିଶଗଡ଼ ଅପରାଧୀଙ୍କୁ ନୂଆପଡ଼ା ଆଣିଛି ବିଜେପି: ବିଜେଡି



■ ମତଦାନ ନିମନ୍ତେ ଠିକଣା ସମୟରେ ପହଞ୍ଚିଲା ନାହିଁ ଇଭିଏମ
■ ଜିଲ୍ଲା ପ୍ରଶାସନ ବିରୋଧରେ ପକ୍ଷପାତିତା ଅଭିଯୋଗ ଆଣିଲା ବିଜୁ ଜନତା ଦଳ
■ ବିଭ୍ରାନ୍ତିକର ଏଆଇ ଭିଡିଓ ପ୍ରସାର କରୁଛି ବିଜେପି ଆଇଟି ସେଲ୍

ଭୁବନେଶ୍ୱର,୯।୧୧(ସମିସ): ନୂଆପଡ଼ା ଉପ ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ଆଜି ବିଜୁ ଜନତା ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେପି ବିରୋଧରେ ଆଣିଛି ସଙ୍ଗୀନ ଅଭିଯୋଗ। ଯଥାଶୀଘ୍ର ନିର୍ବାଚନ ଆୟୋଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦୃଢ଼ ଦାବି ଉପସ୍ଥାପନ କରିଛି ବିଜେଡ଼ି। ଅଭିଯୋଗ ଅନୁସାରେ ନୂଆପଡ଼ା ଉପନିର୍ବାଚନରେ ଅରାଜକତା ଓ ହିଂସା କାଣ୍ଡ ଘଟାଇବା ପାଇଁ ବିଜେପି ନେତାମାନେ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣିଛନ୍ତି। ଭୋଟରଙ୍କୁ ଭୟଭୀତ କରିବା ସେମାନଙ୍କ ଉଦ୍ଦେଶ୍ୟ। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲ୍ଲାରୁ ବାହାର କରାଯାଉ ବୋଲି ବିଜେଡି ଦାବି କରିଛି। ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ସ୍ଥାନରେ ଇଭିଏମ ପହଞ୍ଚି ନାହିଁ। ନିରପେକ୍ଷ ନିର୍ବାଚନ ପରିଚାଳନାରେ ଏହା ଗୁରୁତର ତ୍ରୁଟି।

ସେହିପରି ଅନ୍ୟ ଏକ ଅଭିଯୋଗ ପତ୍ରରେ ବିଜେଡି ଦର୍ଶାଇଛି ଯେ ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ବିଜେଡି ସହ ପକ୍ଷପାତିତା କରୁଛନ୍ତି। ବିଜେପି ନିର୍ଦ୍ଦେଶରେ ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରିଦିଆ ଯାଉଛି। ମାତ୍ର ବିଜେପି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ରହିଥିଲେ ସୁଦ୍ଧା ତାକୁ ବାହାର କରିବା ପାଇଁ ପ୍ରଶାସନର ହାତ ଯାଉନି। ଏହା ବ୍ୟତୀତ ବିଜେପି ଆଇଟି ସେଲ୍ କୃତ୍ରିମ ବୁଦ୍ଧିମତା (ଏଆଇ)ର ବେଆଇନ ବ୍ୟବହାର କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ବିଜେଡିର ବରିଷ୍ଠ ନେତାମାନଙ୍କ କପୋଳକଳ୍ପିତ ଭିଡିଓ, ଫଟୋ ଆଦି ପ୍ରସ୍ତୁତ କରିବ ସହ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରୁଛି। ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏହା ବିଜେପିର ବହୁତ୍ ବଡ ଷଡ଼ଯନ୍ତ୍ର ବୋଲି ବିଜେଡି କହିଛି। ତେଣୁ ତୁରନ୍ତ ଏହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି।

---

## ଅପଶବ୍ଦ ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ ଭୁଲ୍ ମାଗନ୍ତୁ: ଭକ୍ତ

ଭୁବନେଶ୍ୱର,୯।୧୧(ସମିସ): ଏକ ସାଧାରଣ ସଭା ଓ ମା' ଭଉଣୀଙ୍କ ସାମ୍ନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପଶବ୍ଦ ପ୍ରୟୋଗ କରିଛନ୍ତି। ଏଭଳି ଶବ୍ଦ ବ୍ୟବହାର କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ହେଲେ ଜଣେ ମୁଖ୍ୟମନ୍ତ୍ରୀ ହୋଇ ଯେପରି ଅପଶବ୍ଦ ବ୍ୟବହାର କରିଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ।

ରବିବାର ନୂଆପଡ଼ା ଉପନିର୍ବାଚନ ପ୍ରଚାର ଶେଷ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି, ତାହା ମୁଁ ବ୍ୟବହାର କରି ପାରିବି ନାହିଁ। ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଏପରି ଶବ୍ଦ କିପରି ବ୍ୟବହାର କଲେ ତାହା ଆମକୁ ଆଶ୍ଚର୍ଯ୍ୟ କରିଛି। କୌଣସି ବ୍ୟକ୍ତି ପ୍ରତି ସାଧାରଣ ସ୍ଥାନରେ ଏଭଳି ଅପଶବ୍ଦ ବ୍ୟବହାର ଆଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ ଓ ଏହା ଫୌଜଦାରୀ ଅପରାଧ ଶ୍ରେଣୀ ଅନ୍ତର୍ଭୁକ୍ତ। ସର୍ବସାଧାରଣରେ ମାଆଭଉଣୀଙ୍କ ସାମ୍ନାରେ ଏଭଳି ଅପଶବ୍ଦ ବ୍ୟବହାର କରିବା ଯୋଗୁଁ କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ଏଭଳି ଅଶୋଭନୀୟ ବ୍ୟବହାର ପାଇଁ ରାଜ୍ୟବାସୀଙ୍କ ଆଗରେ ଭୁଲ ପ୍ରାର୍ଥନା କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ହେଲିକପ୍ଟର ଦେଖିବାକୁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏ ଅଞ୍ଚଳର ଦାଦନ ଦୁଃଖ ଅବର୍ଣ୍ଣନୀୟ। ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ, ତିଖାଲୀ ଡ୍ୟାମରୁ ପାଣି ମିଳୁନାହିଁ, ମହିଳା କଲେଜ ନାହିଁ, ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଉପକରଣ ନାହିଁ, ବିଶେଷଜ୍ଞ ନାହାନ୍ତି, ବେକାରୀ, ଚୁକ୍ତି ଭିତ୍ତିକ ଚାକିରି ଆଦି କଥା କହିଲେ




ନ ସରେ। ଏସବୁ ସମସ୍ୟାର ସମାଧାନ କଥା ନ କହି ମୁଖ୍ୟମନ୍ତ୍ରୀ ନୂଆ ହେଲିକପ୍ଟର ଦେଖିବାକୁ ଲୋକଙ୍କୁ

■ ମୁଖ୍ୟମନ୍ତ୍ରୀଙ୍କ ଏପରି ମନୋଭାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ
■ ହେଲିକପ୍ଟର ଦେଖିବାକୁ କହିବା ନୂଆପଡ଼ାବାସୀଙ୍କୁ ଉପହାସ

କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସୁନାବେଡ଼ା ଉପର ଦେଇ ଶହ ଶହ ବିମାନ ବର୍ତ୍ତମାନ ରାୟପୁର ଗତାଗତ କରୁଛି; ଆଉ ସେ ହେଲିକେପ୍ଟର ଦେଖିବା ଯୁଗ ନାହିଁ। କିଛି ବିକାଶମୂଳକ କାର୍ଯ୍ୟ ଯଦି କରିଥାନ୍ତେ ତେବେ ହେଲିକେପ୍ଟର ଦେଖିବାପାଇଁ ଲୋକଙ୍କୁ ଡାକି ହସର ପାତ୍ର ହେବାକୁ ପଡ଼ି ନଥାନ୍ତା। ବିଜେପି ଗୋଟିଏ ସଭା ପାଇଁ ୧୫/ ୨୦ ଲକ୍ଷ ଟଙ୍କାର ପୋଷ୍ଟର ଓ ହୋର୍ଡିଂରେ ଖର୍ଚ୍ଚ କରୁଛି। ସାରା ସହରର ଗଛ ଓ ବିଜୁଳି ଖୁଣ୍ଟରେ ପୋଷ୍ଟର ଲାଗିଛି। କେବଳ ପୋଷ୍ଟର ଓ ପତାକାରେ ବିଜେପି ଦୁଇ/ ତିନି କୋଟି ଖର୍ଚ୍ଚ କରିଛି। ଡିଜେ ପ୍ରଚାର ଗାଡ଼ି ରାସ୍ତା ଅବରୋଧ କରି ଘଣ୍ଟା ଘଣ୍ଟା ରହୁଛି। ସଭାକୁ ବସରେ ବାହାର ଲୋକଙ୍କୁ ହଜାର ହଜାର ସଂଖ୍ୟାରେ ଅଣାଯାଉଛି। ଲୋକଙ୍କ ଭିଡ ଦେଖି ଦଳ ପ୍ରତି ସମର୍ଥନ ଅଛି ବୋଲି ପ୍ରୋପାଗଣ୍ଡା କରାଯାଉଛି। ମାତ୍ର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଟିର ସନ୍ତାନ ଓ ସେ ସତ୍ୟପଥରେ ଅଛନ୍ତି। ତାଙ୍କ ବିଜୟ ନିଶ୍ଚିତ। ବିଜୟ ହେବା ଦିନଠୁ ନୂଆପଡାର ଜୟଯାତ୍ରା ଆରମ୍ଭ ହେବ ବୋଲି ଶ୍ରୀ ଦାସ କହିଛନ୍ତି।

---

ନେତାଙ୍କ ଏସ୍କର୍ଟ ନିଶା

## ସରକାର ଓ ନ୍ୟାୟପାଳିକାଙ୍କ ନିକଟରେ ଆପତ୍ତି

ଭୁବନେଶ୍ୱର,୯।୧୧(ସମିସ): ରାଜ୍ୟରେ ଦିନକୁ ଦିନ ଭିଆଇପି ଓ ଭିଭିଆଇପି କଲ୍‌ଚର ବଢ଼ିବାରେ ଲାଗିଛି । ପୂର୍ବରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନ ନ୍ୟାୟାଧୀଶ ଏବଂ ଭ୍ରମଣକାରୀ ଭିଭିଆଇପିମାନଙ୍କୁ ସରକାର ଏସ୍କର୍ଟ ଓ ସାଇରନ୍ ଥିବା ଗାଡି ପ୍ରଦାନ କରୁଥିଲେ। ବ୍ୟବସ୍ଥା ଅନୁସାରେ ଏହା ଅନିବାର୍ଯ୍ୟ ଥିଲା। ମାତ୍ର ଏବେ ଅନେକ ଅନଧିକୃତ ଭିଆଇପି ଓ ଭିଭିଆଇପିଙ୍କୁ ଏସ୍କର୍ଟ ଓ ସାଇରନଥିବା ଗାଡ଼ି ନେଇ ରାଜ୍ୟ ଓ ରାଜଧାନୀରେ ବୁଲୁଥିବାରୁ ଅଯଥା ସାଧାରଣ ଲୋକଙ୍କୁ ଟ୍ରାଫିକ୍ ସମସ୍ୟା ଭୋଗିବାକୁ ପଡୁଛି। ଏହାକୁ ନେଇ ସରକାର ଓ ନ୍ୟାୟପାଳିକାଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି ମାନବାଧିକାର କର୍ମୀ ଅଖଣ୍ଡ । ଗୃହ ବିଭାଗ ଏ ସଂକ୍ରାନ୍ତ ନିୟମର କଡ଼ାକଡ଼ି ଅନୁପାଳନ କରିବାକୁ ସେ ଅନୁରୋଧ କରିଛନ୍ତି।

ଅଭିଯୋଗ ଅନୁସାରେ ପ୍ରଥମେ ଜଣେ ଦୁଇ ଜଣ ନିର୍ବାଚିତ ଲୋକପ୍ରତିନିଧି ଏହି ନିୟମକୁ ଉଲ୍ଲଙ୍ଘନ କରୁଥିଲେ। ଏବେ ଏହି ନିୟମର ବହୁଳ ଭାବେ ଉଲଙ୍ଘନ ହେଉଛି ଓ ଅନେକ ନେତା ଓ କଥିତ ଭିଆଇପିଙ୍କୁ ପୁଲିସ ଏସ୍କର୍ଟ ନିଶା ଲାଗି ଯାଇଛି। ଏପରିକି କିଛି ବିଧାୟକ ଓ ସାଂସଦ ବି ରାଜଧାନୀ ଭିତରେ ସାଇରନ୍ ଥିବା ପୁଲିସ ଏସକର୍ଟ ବ୍ୟବହାର କରୁଛନ୍ତି । ଏଭଳି ଅନଧିକୃତ ଭିଭିଆଇପି ବ୍ୟବସ୍ଥା ଆଇନ୍ ବିରୋଧୀ ହୋଇଥିଲେ ମଧ୍ୟ ଏହାର ବହୁଳ ବ୍ୟବହାର ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟାକୁ ଦୁଇଗୁଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସରକାରୀ ନିୟମ ଅନୁସାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, କେନ୍ଦ୍ରମନ୍ତ୍ରୀ, ଅନ୍ୟ ରାଜ୍ୟଗୁଡ଼ିକର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ସୁପ୍ରିମକୋର୍ଟ ବିଚାରପତି, କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ବ୍ୟକ୍ତି, କ୍ୟାବିନେଟ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ରାଷ୍ଟ୍ରଦୂତ, କନ୍‌ସୋଲେଟ୍ ଅଫିସ୍, ବିଦେଶୀ ଅତିଥିମାନେ ସାଇରନ୍‌ଯୁକ୍ତ ପୁଲିସ ଏସ୍କର୍ଟ ପାଇଥାଆନ୍ତି। ମାତ୍ର ଭୁବନେଶ୍ୱରରେ କେତେକ ବିଧାୟକ, ସାଂସଦ ଏବଂ ଅଧିକାରହୀନ ବ୍ୟକ୍ତିମାନେ ସାଇରେନ ଯୁକ୍ତ ପାଇଲଟ୍ ଯାନ ବ୍ୟବହାର କରୁଥିବାର ଦେଖାଯାଇଛି। ଯାହା ମୋଟର ଯାନ (ଲାଲ୍, ନୀଳ ବା ବିବିଧ ରଙ୍ଗର ଆଲୋକର ବ୍ୟବହାର) ନିୟମ ୨୦୧୭ ଏବଂ ରାଜ୍ୟ ପ୍ରୋଟୋକଲ୍ ନିୟମର ବିରୋଧାଚରଣ କରୁଛି। ଏହି ଅନଧିକୃତ ପୁଲିସ୍ ଏସକର୍ଟ ଯାନର ବ୍ୟବହାର ଜନସାଧାରଣଙ୍କ ମଧ୍ୟରେ ଅସୁବିଧା ଓ ଆତଙ୍କ ସୃଷ୍ଟି କରିବା ସହିତ ରାସ୍ତାରେ ଟ୍ରାଫିକ୍ ପୁଲିସ୍‌ଙ୍କୁ ବି ବିଭ୍ରାନ୍ତ କରୁଛି। ସାଇରେନ ଏବଂ ପାଇଲଟ୍ ଯାନର ବ୍ୟବହାରକୁ ଗୃହ ବିଭାଗର ପ୍ରୋଟୋକଲ୍ ତାଲିକାରେ ଅଧିକୃତ ଭିଭିଆଇପିମାନଙ୍କ ପାଇଁ କଡ଼ାକଡ଼ି ସୀମିତ ରଖାଯାଉ ବୋଲି ସେ ଦାବି କରିଛନ୍ତି। ଡିଜିପି ଏବଂ ପରିବହନ କମିସନରଙ୍କୁ ଏହି ଅବୈଧ ଅଭ୍ୟାସକୁ ତୁରନ୍ତ ବନ୍ଦ କରିବାକୁ, ଅଧିକାର ରେକର୍ଡ ଯାଞ୍ଚ କରିବାକୁ ଏବଂ ଅନଧିକୃତ ବ୍ୟବହାର ଅନୁମତି ଦେଉଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ଦାୟିତ୍ୱ ନିର୍ଦ୍ଧାରଣ କରି ରାସ୍ତାରେ ଜନସାଧାରଣର ସୁରକ୍ଷା ଓ ଶୃଙ୍ଖଳା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

---

## ନବୀନଙ୍କ ପ୍ରଚାରରୁ ଦଳକୁ ମିଳିବ ଫାଇଦା:ବିଜେଡି

ଭୁବନେଶ୍ୱର,୯।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଭୋଟ ପଡ଼ିବାକୁ ୨୪ ଘଣ୍ଟା ବାକି ଥିବାବେଳେ ରବିବାର ସଂଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ନିର୍ବାଚନ ପାଇଁ ତାରିଖ ଘୋଷଣା ଓ ପ୍ରାର୍ଥିପତ୍ର ଦାଖଲ ପରଠାରୁ ଭୋଟରଙ୍କ ମନ ଜିଣିବାରେ ବିଜେଡି କୌଣସି ସୁଯୋଗ ହାତଛଡା କରି ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆରମ୍ଭରୁ ହାଇଭୋଲଟେଜ୍ ପ୍ରଚାର ମାଧ୍ୟମରେ ନୂଆପଡ଼ା ବିଧାନସଭା କ୍ଷେତ୍ରର କୋଣ ଅନୁକୋଣରେ ପହଞ୍ଚି ଲୋକଙ୍କ ବିଶ୍ୱାସ ଜିତିବାରେ ବେଶ୍ ସଫଳ ହୋଇଛନ୍ତି।

**ମତଦାନରେ ହେବ ଜନ ଆକ୍ରୋଶର ପ୍ରତିଫଳନ**

ତେବେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁଇ ଦୁଇ ଥର ଦମ୍‌ଦାର୍ ପ୍ରଚାର ପରେ ଦଳ ସପକ୍ଷରେ ନିର୍ବାଚନୀ ହାୱା ବେଶ୍ ଗତିଶୀଳ ଥିବା ଭୋଟରଙ୍କ ହାବଭାବରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ବିଜେଡି ଦାବି କରିଛି।

ଦଳ ପକ୍ଷରୁ କୁହାଯାଇଛି, ନୂଆପଡ଼ାରେ ପୁଣିଥରେ ନବୀନ ମ୍ୟାଜିକ ଚଳାଇବା ପାଇଁ ଭୋଟର ପ୍ରସ୍ତୁତ ହୋଇସାରିଛନ୍ତି। ରୋଡ୍ ଶୋ', ଜନସଭା, ପଥପ୍ରାନ୍ତ ସଭା, ପଦଯାତ୍ରା କରି ବିଜେଡିର ବରିଷ୍ଠ ଓ ସ୍ଥାନୀୟ ନେତୃତ୍ୱଙ୍କ ସହ ଶ୍ରୀମତୀ ଛୁରିଆ ଲୋକଙ୍କ ପାଖରେ ପହଞ୍ଚିଛନ୍ତି। ଲୋକଙ୍କ ସମସ୍ୟା ଦୂର କରିବା ସହ ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ସେ ନିବେଦନ କରିଛନ୍ତି। ନୂଆପଡାରେ ପାନୀୟ ଜଳ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, ଗାଁରେ କର୍ମନିଯୁକ୍ତି, ସ୍ୱାସ୍ଥ୍ୟ ଓ ରାସ୍ତାଘାଟ ସମସ୍ୟାରୁ ନିସ୍ତାର ଦେବା ପାଇଁ ଶ୍ରୀମତୀ ଛୁରିଆ କଥା ଦେଇଛନ୍ତି। ବିଜେପି ସରକାର ଅଟକାଇ ରଖିଥିବା କାମ ପୁନଃ ଚାଲୁ କରିବା ପାଇଁ ଶ୍ରୀମତୀ ଛୁରିଆ ଦମ୍ଭୋକ୍ତି ପ୍ରକାଶ କରିବା ସହ ବିଜେପିର ଜନବିରୋଧୀ ଶାସନ ବିରୋଧରେ ନୂଆପଡ଼ା ମାଟିରୁ ଆକ୍ରୋଶର ପ୍ରତିଫଳନ ପାଇଁ ସେ ଆହ୍ୱାନ ଜଣାଇଛନ୍ତି।

ବିଜେଡି ନେତୃବୃନ୍ଦ କହିଛନ୍ତି, ବିଜେପି ଯେତେ ପ୍ରକାର ବେଆଇନ କାମ କଲେବି ଲୋକଙ୍କ ହୃଦୟକୁ ଜିତିପାରିବ ନାହିଁ। ଆଜିବି ନୂଆପଡ଼ାବସୀଙ୍କ ଜନମାନସର ନେତା କେବଳ ନବୀନ ପଟ୍ଟନାୟକ। ପୂର୍ବରୁ ସେମାନେ ନବୀନ ବାବୁଙ୍କୁ ଆଶୀର୍ବାଦ କରିଥିଲେ, ଚଳିତ ଉପନିର୍ବାଚନରେ ମଧ୍ୟ ତାହାର ପ୍ରତିଫଳନ ନିଃସନ୍ଦେହ ବୋଲି ବିଜେଡି କହିଛି।





## ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ପଞ୍ଚମ ଦିନ

# ସର୍ବତ୍ର ଜନସମୁଦ୍ର; ସ୍ଥିତି ଅସମ୍ଭାଳ






କଟକ,୯ ।୧୧(ସମିସ): ଐତିହାସିକ ବାଲିଯାତ୍ରାର ଆଜି ଥିଲା ପଞ୍ଚମ ଦିନ। ରବିବାର ଛୁଟିଦିନ ଥିବାରୁ ଦର୍ଶକଙ୍କ ସଂଖ୍ୟା ୧୫ଲକ୍ଷ ଟପିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ସଜାଗ ରହିଥିବା କମିଶନରେଟ୍ ପୁଲିସ ଭିଡ଼ ନିୟନ୍ତ୍ରଣକରିବାରେ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିଲେ। ବିପର୍ଯ୍ୟସ୍ତ ଟ୍ରାଫିକ୍ ପରିଚାଳନା ଯୋଗୁଁ ସାରା ସହରର ପ୍ରବେଶ ପଥ ଓ ପ୍ରସ୍ଥାନ ପଥରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ମୁଖ୍ୟତଃ ଯୋବ୍ରା ପଟୁ ଯାଉଥିବା ଗାଡ଼ି ଗୁଡ଼ିକ ମାଲଗୋଦାମ ଥାନା ଛକ ଠାରୁ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ରହିଥିଲେ। ସେହିପରି ତ୍ରିଶୂଳିଆ ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ଜୁଡ଼ିସିଆଲ୍ ଏକାଡେମୀ ଛକ ଦେଇ ସତୀଚଉରା ଆଡକୁ ଯିବା ସମ୍ଭବ ହୋଇନଥିଲା। ସେମାନେ ରାସ୍ତା ଉପରେ ସେମିତି ଅଟକି ଥିଲେ। ଚହଟା ଛକରୁ କ୍ୟାଣ୍ଟନମେଣ୍ଟ୍ ଥାନା ପର୍ଯ୍ୟନ୍ତ ଭିଡ଼ ଯୋଗୁଁ ଗମନାଗମ ଠପ୍ ହୋଇ ଯାଇଥିଲା। ସେହିପରି ଉପରପଡ଼ିଆକୁ ସଂଯୋଗ ହୋଇଥିବା ରାସ୍ତା ଗୁଡ଼ିକରେ ଗହଳି ବଢ଼ିବା ଯୋଗୁଁ ଲୋକମାନେ ଯିବା ଆସିବା କରି ପାରିନଥିଲେ। ଏଭଳି ଅବସ୍ଥା ସନ୍ଧ୍ୟା ୬ରୁ ଆରମ୍ଭ ହୋଇ ରାତି ୧୨ଟା୩୦ ପର୍ଯ୍ୟନ୍ତ ଲାଗି ରହିଥିଲା। ଯିଏ ଯୋଉଠି ପାଇଲା ଛିଡ଼ା ହୋଇ ରହିଥିଲା। ସେମିତି ଯାତ୍ରା ପଡ଼ିଆରେ ଥିବା ରୋ' ତଥା ଲେନ୍ ଗୁଡ଼ିକରେ ଲୋକମାନେ ଭଲ ଭାବେ ଯାତାୟତ କରି ପାରିନଥିଲେ। ସହର ଜାମ୍, ପଡ଼ିଆ ଗହଳି ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଫେଲ୍ ମାରିବା ପରେ ସାଧାରଣ ଦର୍ଶକ ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। କମିଶନରେଟ୍ ପୁଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ନିମେନ୍ତ, ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପରପଡ଼ିଆରେ ବାଲିଯାତ୍ରା ଏଥର ହେଉନଥିବାରୁ ଏକା ସାଙ୍ଗରେ ତଳପଡ଼ିଆରେ ଜନସମୁଦ୍ର ହୋଇ ଯାଇଥିଲା। ପ୍ରତ୍ୟେକ ବର୍ଷ ତଳ ପଡ଼ିଆରେ ଭିଡ଼ ହେଲେ ଲୋକମାନେ ଉପରପଡ଼ିଆ ବା କିଲାପଡ଼ିଆକୁ ଚାଲି ଯାଆନ୍ତି, କିନ୍ତୁ ଏଥର ପ୍ରଶାସନର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ତଳପଡ଼ିଆ ଜାମ୍ ହୋଇଯାଇଥିଲା। କଟକ-ଇନ୍-କଟକ ଏବଂ ଓରମାସ୍ ଭିତରେ ପାଦ ରଖିବାକୁ ଜାଗା ନଥିଲା। ଏ ତମାମ ଅବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ପାଇଁ ହୋଇଥିବା ବେଳେ ଜିଲ୍ଲାପାଳ ଓ ଡିସିପି ଏଥିପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ଭିଡ଼ ଅସମ୍ଭାଳ ହେବା ପରେ ପୁଲିସ ହାତ ଟେକି ଦେଇଥିଲା। ଟ୍ରାଫିକ୍ ନିୟମ ଭାଙ୍ଗି ସାଧାରଣ ଦର୍ଶକ ମନଇଛା ଯାତାୟତ କରିଥିଲେ। ରାତି ୯ଟା ପରେ ପଡ଼ିଆରୁ ଫେରୁଥିବା ଗାଡ଼ି ଗୁଡ଼ିକ ରାସ୍ତା ଉପରେ ସେମିତି ଅଟକିଥିଲା। ସାଧାରଣ ଲୋକମାନେ ନିଜ ଗାଡ଼ିରୁ ଓହ୍ଲାଇ ଟ୍ରାଫିକ୍ ପରିଚାଳନା କରୁଥିବା ଦେଖିବାକୁ ମିଳିଥିଲା।

- ଛୁଟି ଦିନରେ ଛୁଟି ଆସିଲେ ଛ'ଗୁଣା ଦର୍ଶକ
- ଫେଲ୍ ମାରିଲା ପ୍ରଶାସନିକ ପରିଚାଳନା
- ଫସିଲେ ଦର୍ଶକ: ହାତ ଟେକିଦେଲା ପୁଲିସ

ଯାତ୍ରାରେ ଭିଡ଼ ନିୟନ୍ତ୍ରଣ ପାଇଁ ପୂର୍ବ ପ୍ରସ୍ତୁତି କରିଥିବା କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ବେଳେ ପ୍ରଶାସନ ନାଚ ଓ ଗୀତରେ ମାତିଥିବା ସହରରେ ଚର୍ଚ୍ଚା ହେଉଛି।

ଆଜି ଏହି ଅସମ୍ଭାଳ ଭିଡର ପ୍ରଭାବ ସର୍ବପ୍ରଥମେ ସହରର ଟ୍ରାଫିକ ବ୍ୟବସ୍ଥା ଉପରେ ପଡିଥିଲା। ରିଙ୍ଗ୍ ରୋଡ୍‌ରେ ଗାଡିମୋଟରର ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଯାତ୍ରା ପଡିଆ ପାଇଁ ଉଦ୍ଦିଷ୍ଟ ସମସ୍ତ ପାର୍କିଂ ସ୍ଥଳ ସନ୍ଧ୍ୟା ୫ଟା ସୁଦ୍ଧା ଭର୍ତ୍ତି ହୋଇଯାଇଥିଲା। ଫଳରେ ଲୋକମାନେ ବାଧ ହୋଇ ରିଙ୍ଗ୍ ରୋଡ୍ ଉପରେ ଏବଂ ଯାତ୍ରା ପଡିଆଠାରୁ ବହୁ ଦୂରରେ ଗାଡି ପାର୍କ କରି ଚାଲି ଚାଲି ଆସିଥିଲେ। ଫଳରେ ରିଙ୍ଗ୍ ରୋଡ୍‌ରୁ ମୁଖ୍ୟ ପଡିଆକୁ ସଂଯୋଗ କରୁଥିବା ରାସ୍ତାଗୁଡିକରେ ପ୍ରବଳ ଠେଲାପେଲା ସ୍ଥିତି ଉପୁଜିଥିଲା। ସେହିଭଳି ଖାଇବା ଷ୍ଟଲ୍‌ରୁ ଦୋଳି ଯାଏଁ, ସବୁଠି ଲମ୍ବା ଲାଇନ୍। ଆଜିର ଭିଡ଼ର ମୁଖ୍ୟ ଆକର୍ଷଣ ଥିଲା 'ଖାଦ୍ୟପେୟ ଓ ମନୋରଞ୍ଜନ'। ବାଲିଯାତ୍ରାର ସ୍ପେଶାଲ୍ 'ଠୁଙ୍କା ପୁରୀ', 'ଦହିବରା-ଆଳୁଦମ୍' ଏବଂ ଅନ୍ୟାନ୍ୟ ଫାଷ୍ଟ୍ ଫୁଡ୍ ଷ୍ଟଲ୍ ଆଗରେ ଲୋକଙ୍କର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ସେହିପରି 'ରାମ ଦୋଳି', 'ବ୍ରେକ୍ ଡ୍ୟାନ୍ସ' ଓ ଅନ୍ୟାନ୍ୟ ଯାନ୍ତ୍ରିକ ଦୋଳି ପାଇଁ ମଧ୍ୟ ଲୋକଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ମୀନା ବଜାର ଏବଂ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଦୋକାନରେ ମଧ୍ୟ ମହିଳା ଓ ପରିବାରବର୍ଗଙ୍କ ପ୍ରବଳ ଭିଡ ଜମିଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ୟାଭିଲିୟନ୍ ଏବଂ 'କଟକ ଇନ୍ କଟକ' ପରି ସେଲ୍‌ଫି ପଏଣ୍ଟଗୁଡିକରେ ଯୁବପିଢ଼ିଙ୍କ ଭିଡ ଲାଗି ରହିଥିଲା। ଟ୍ରାଫିକ ପୁଲିସ ରିଙ୍ଗ୍ ରୋଡ୍‌ରେ ଗାଡି ଚଳାଚଳ ସ୍ୱାଭାବିକ ରଖିବାକୁ ଚେଷ୍ଟା କରୁଥିବା ବେଳେ, ପଡିଆ ଭିତରେ ଥିବା ପୁଲିସ ସହାୟତା କେନ୍ଦ୍ରଗୁଡିକ ହଜିଯାଇଥିବା ପିଲା ଓ ଲୋକଙ୍କ ଘୋଷଣାରେ ବ୍ୟସ୍ତ ରହିଥିଲେ। ନାମକୁ ମାତ୍ର ସୁରକ୍ଷା ଦୃଷ୍ଟିରୁ ୱାଚ୍ ଟାୱାର ଏବଂ ସିସିଟିଭି ମାଧ୍ୟମରେ ସମଗ୍ର ପଡିଆ ଉପରେ କଡା ନଜର ରଖାଯାଇଥିଲା। ଚଳିତ ବର୍ଷ ବାଲିଯାତ୍ରାର ଏହା ପ୍ରଥମ ରବିବାର ଥିବାରୁ ଏହି ଭିଡ଼ ଅଦ୍ୟାବଧି ସମସ୍ତ ରେକର୍ଡ ଭାଙ୍ଗିଥିବା ଅନୁମାନ କରାଯାଉଛି।

---

### ସୀମା ଟପିଲା ଔଦ୍ଧତ୍ୟ

## ଡିସିପିଙ୍କ ଅନୁମୋଦିତ ପାସ୍‌କୁ ଚିରି ଦେଲେ ଇନ୍ସପେକ୍ଟର



କଟକ,୯ ।୧୧(ସମିସ): କଟକ କମିଶନରେଟ୍ ପୁଲିସର ଔଦ୍ଧତ୍ୟ ଦିନକୁ ଦିନ ସୀମା ଟପିବାରେ ଲାଗିଛି। ସହରରେ ଶୃଙ୍ଖଳା ନିୟନ୍ତ୍ରଣ କରିବା ବଦଳରେ ପୁଲିସ ବିଶୃଙ୍ଖଳାକୁ ପ୍ରୋତ୍ସାହନ ଦେଉଛି। ଚଳିତ ବର୍ଷର ବାଲିଯାତ୍ରାରେ ପୁଲିସର ମନୋମୁଖି ଆଚରଣ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନୟାନ୍ତ କଲାଣି। ଖାକିର ଗରମ ଦେଖାଇ ପୁଲିସ ସହରରେ ଜୁଲମ କରିବା ଆରମ୍ଭ କଲାଣି। ଆଜି ଖ୍ରୀଷ୍ଟିୟାନ୍ ପଡ଼ିଆ ଗଡ଼ା ନିକଟରେ ଡ୍ୟୁଟିରେ ଥିବା ବିଡ଼ାନାସୀ ଥାନାର ଇନ୍ସପେକ୍ଟର ଜ୍ୟୋତିପ୍ରକାଶ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ସହ ଡିସିପିଙ୍କ ଅନୁମୋଦନ ବାଲିଯାତ୍ରା ପାସ୍‌କୁ ଚିରି ଫିଙ୍ଗି ଦେଇଥିଲେ। ଖବର ସଂଗ୍ରହ କରିବାକୁ ଯାଉଥିବା ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇ ଫେରିଯିବାକୁ କହିଛନ୍ତି।

ଘଟଣା ଏହା ଯେ, ଅପରାହ୍ଣରେ ଟିଂବନ୍ଧରେ ଗହଳି ହୋଇଥିବା ବେଳେ ଘଟଣାସ୍ଥଳରେ ବ୍ୟାରିକେଡ୍ ଲଗାଯାଇଥିଲା। ସେଠାରେ ପହଞ୍ଚିଥିବା ଦର୍ଶକଙ୍କୁ ଖ୍ରୀଷ୍ଟିୟାନ୍ ପଡ଼ିଆରେ ପାର୍କିଂ କରିବା ନିମନ୍ତେ ଛଡ଼ା ଯାଉଥିଲା। କିନ୍ତୁ ଜରୁରୀକାଳୀନ ସେବାରେ ନିୟୋଜିତ ହୋଇଥିବା କର୍ମଚାରୀ, କଳାକାର ଏବଂ କାର୍ଯ୍ୟରତ ସାମ୍ବାଦିକ ଉକ୍ତ ବ୍ୟାରିକେଡ୍ ଟପି ଡିୟର ପାର୍କ ଛକ ଦେଇ ବାଲିଯାତ୍ରା ପଡ଼ିଆକୁ ଯାଆନ୍ତି। ଗଣମାଧ୍ୟମର ପ୍ରତିନିଧିଙ୍କ ପାଇଁ ଜିଲ୍ଲା ପ୍ରଶାସନ କରିଥିବା ଷ୍ଟଲ୍ ନିକଟରେ ଗାଡି ରଖି ସେମାନେ ପଡ଼ିଆରେ ରିପୋର୍ଟିଂ କରନ୍ତି। ତେବେ ସେଠାରେ ଅଟକିଥିବା ୨ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଥମେ ସମ୍ପୃକ୍ତ ଇନ୍ସପେକ୍ଟର ଜ୍ୟୋତିପ୍ରକାଶ ଯିବାକୁ ଦେଇ ନଥିଲେ। ଡିସିପିଙ୍କ ଅନୁମୋଦିତ ପାସ୍ ଦେଖାଇବା ପରେ ମଧ୍ୟ ସେ ରାଜି ହୋଇନଥିଲେ। ଶେଷରେ ଉକ୍ତ ପାସ୍'ଟିକୁ ସେ ଚିରି ଦେଇଥିଲେ। ଏହା ପରୋକ୍ଷରେ ଡିସିପିଙ୍କ ପ୍ରତି ମଧ୍ୟ ଅସମ୍ମାନ ଥିଲା। ଗଣମାଧ୍ୟମର ପ୍ରତିନିଧିଙ୍କୁ ଇନ୍ସପେକ୍ଟର ଜ୍ୟୋତିପ୍ରକାଶଙ୍କ ଦୁର୍ବ୍ୟବହାରକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ସେଠାରେ ନିୟୋଜିତ ହୋଇଥିବା ଟ୍ରାଫିକ୍ କନେଷ୍ଟବଳ ମଧ୍ୟ ସାମ୍ବାଦିକଙ୍କୁ ଖରାପ ବ୍ୟବହାର କରିଥିବା ବେଳେ ଡିସିପିଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରିଥିଲେ।

---

## ବାଲିଯାତ୍ରା ଗୀତ ଲୋକାର୍ପିତ




ସାଇ ଶ୍ରଦ୍ଧା ପ୍ରଡକସନ ଓ ବାଲିଯାତ୍ରା ଟିମ୍ ତରଫରୁ ବୈଷ୍ଣବ ପାଣି ମଣ୍ଡପରେ ବୋଇତ ବନ୍ଦାଣ ଗୀତ ପରିବେଷଣ ହୋଇଛି। ଏହି ଉତ୍ସବରେ ଗୁରୁ ଡଃ ଚନ୍ଦ୍ରଭାନୁ ଶତପଥୀ, ଓଡ଼ିଶା ସରକାରଙ୍କ ଆଡିସନାଲ୍ ଚିଫ୍ ସେକ୍ରେଟେରୀ ସତ୍ୟବ୍ରତ ସାହୁ, ଚଳଚ୍ଚିତ୍ର ପ୍ରଯୋଜିକା ଓ ନିର୍ଦ୍ଦେଶିକା ବିନି ସାମଲ, କ୍ରିଏଟିଭ୍ ହେଡ୍ ମିଡିଆ ପ୍ଲାନର ପ୍ରଣୟ ଜେଠୀଙ୍କ ସମେତ କଳାକାରମାନେ ଉପସ୍ଥିତ ଥିଲେ। ନୃତ୍ୟ ପରିବେଷଣ ଦେଖି ଉପସ୍ଥିତ ଦର୍ଶକ ବହୁତ ପ୍ରଶଂସା କରିଥିଲେ।

## ପଲ୍ଲିଶ୍ରୀ ମେଳାରେ ୬.୮୩ କୋଟିର ବ୍ୟବସାୟ




ବାଲିଯାତ୍ରାର ଦିନ ଗଡିବା ସହ ଓରମାସ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ପଲିଶ୍ରୀ ମେଳାର ବେପାର ମଧ୍ୟ ଅନୁସାରେ ବଢି ଚାଲିଛି। ଗତ ବର୍ଷ ତୁଳନାରେ ଏଥର ବ୍ୟବସାୟ ଉତ୍ସାହଜନକ ରହିଛି । ଶନିବାର ଚତୁର୍ଥ ଦିନ ରେକର୍ଡ ୬ କୋଟି ୮୩ ଲକ୍ଷ ୪୭ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପ୍ରଥମ ଦିନରେ ୮୯ଲକ୍ଷ୩୬ହଜାର ଟଙ୍କାର କାରବାର ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ୨କୋଟି୧୩ଲକ୍ଷ ଟଙ୍କା, ତୃତୀୟ ଦିନରେ ୩କୋଟି ୯୧ଲକ୍ଷ ୮୭ ହଜାର ଟଙ୍କା ବ୍ୟବସାୟହୋଇଥିଲା।

---

## ବଡ଼ ମେଳାରେ କୁନି ସୌଦାଗର

*ଏତେ ବଡ଼ ମେଳା। ଯୋଉ ଯାଏ ଆଖି ପାଉଛି, ସେଯାଏ ମଣିଷଙ୍କର ମେଳ। ବାଲିଯାତରା ହେଲେ ବାଲି ଦେଖାଯାଉନି। ଯାତରାରେ ଦିନ ଯେତେ ଗଡୁଛି, ଭିଡ଼ ସେତିକି ବଢୁଛି। ଏ ମେଳା ତା'ର କାୟା ବଢ଼ାଇଛି। ମହାନଦୀ କୂଳରେ ଲମ୍ବି ଯାଇଛି। ମାତ୍ର ଭୁଲି ନାହିଁ ତା'ର ମୌଳିକତାକୁ। ଦଶନ୍ଧି ପୂର୍ବରୁ ଯାହା ସବୁ ଥିଲା, ଏବେବି ପ୍ରାୟ ସେଇ ସବୁ ଜୀବନ୍ତ ଆଉ ଜଳଜଳ ହୋଇ ଦିଶୁଛି। ପେଁ କାଳି ଶବ୍ଦ ଶୁଣି ବୁଲି ଅନାଉଛନ୍ତି.. ଦୋଳିରେ ବସିବେ ବୋଲି ଜିଦି କରୁଛନ୍ତି..ବେଲୁନ ବାଲାକୁ ଦେଖିଲେ ଖୁସି ହୋଇ ଯାଉଛନ୍ତି ଛୋଟଛୋଟ ପିଲା। ଏତେ ବଡ଼ ମେଳାରେ ବେଶ୍ ମଜା ସାଉଁଟୁଛନ୍ତି ଶିଶୁ ସୌଦାଗରମାନେ...*

କଟକ, ୯।୧୧(ସମିସ):ଏଥର ୧୬୦୦ରୁ ଅଧିକ ଷ୍ଟଲ ପଡ଼ିଛି ବାଲିଯାତ୍ରାରେ। ତା' ଭିତରୁ ପ୍ରାୟ ୪୦୦ ଷ୍ଟଲରେ ପିଲାମାନଙ୍କ ସାମଗ୍ରୀ ନେଇ ଆସିଛନ୍ତି ବ୍ୟବସାୟୀ। ଭଳିକି ଭଳି ଦୋଳି ଆଉ ଖେଳଣାର ପସରା ମେଲିଛି। ମେଳା ପଡ଼ିଆ ଭିତର ଗଳି ରାସ୍ତା କଡ଼ରେ ଛିଡ଼ା ହୋଇଛନ୍ତି ଅନେକ ବେପାରୀ, ଯେଉଁମାନେ କି କେବଳ ପିଲାଙ୍କ ସାମଗ୍ରୀ ସବୁ ବିକ୍ରି କରୁଛନ୍ତି। କୋଟିକୋଟି ଟଙ୍କାର ବ୍ୟୟବରାଦ ଭିତରେ ଏ ମେଳା ଚାଲିଛି। ହେଲେ କିଛି ସ୍ଥାନକୁ ଦେଖିଲେ ଲାଗୁଛି ଯେମିତି ଏ ଯାତ୍ରା କେବଳ ପିଲାଙ୍କ ପାଇଁ।





### ଘୂରୁଛି କାର୍, ହସାଉଛି ମିକି ମାଉସ୍




ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ରହିଛି। ବଡ଼ ଲୋକଙ୍କ ତୁଳନାରେ ଛୋଟ ପିଲାଙ୍କ ଦୋଳିର ମୂଲ୍ୟ ବହୁତ କମ୍। ଉପର ପଡ଼ିଆରେ କାଁଭାଁ ପିଲାଙ୍କ ଦୋଳି ରହିଛି। ବାକି ସବୁ ତଳପଡ଼ିଆରେ ପଡ଼ିଛି। ହେଲକପ୍ଟର ଦୋଳି। ବୁଢ଼ିଆଣୀ ଜାଲ ଭଳି ୭ଟି ଛୋଟଛୋଟ ହେଲିକପ୍ଟର ଗୋଟିଏ ଖୁଣ୍ଟରେ ବନ୍ଧା ହୋଇଛନ୍ତି। ୫ ମିନିଟ ବୁଲାଇ ଆଣିଲେ ବେପାରୀ ଜଣେ ପିଲା ପିଛା ୪୦ ଟଙ୍କା ନେଉଛନ୍ତି। ଟିକିଏ ଉଡିବା ଭଳି ଅନୁଭୂତି ପାଇ ପିଲା ବେସ୍ ଖୁସି ହେଉଛନ୍ତି। ସେମିତି ମିକି-ମାଉସ୍ ପାଖରେ ମଧ୍ୟ ଅଧିକ ଭିଡ଼ ଦେଖିବାକୁ ମିଳୁଛି। ଏହା ଦୋଳି ନୁହେଁ, ଏକ ପବନ ଦିଆ ରବରର ଖୋଳ। ଉଚ୍ଚତା ପାଖାପାଖି ୩୦ ଫୁଟ ହେବ। ଛୋଟଛୋଟ ପିଲା ଏଥିରେ ଉପରକୁ ଚଢ଼ି ପୁଣି ତଳକୁ ଖସୁଛନ୍ତି। ୧୦ମିନିଟ ଖେଳିବା ପାଇଁ ହେଲେ ୫୦ଟଙ୍କା ଦେବାକୁ ପଡୁଛି। ବଡ଼ ପିଲାଙ୍କ ପାଇଁ ଯେମିତି ରାମଦୋଳି ରହିଛି ଛୋଟ ପିଲାଙ୍କର ବି ସେମିତି ରହିଛି ଛୋଟ ରାମ ଦୋଳି। ୧୦ଫୁଟ ଉଚ୍ଚତା ଏହି ରାମ ଦୋଳିରେ ବସିବା ପାଇଁ ବେପାରୀ ନେଉଛନ୍ତି ୪୦ ଟଙ୍କା। ହାତବୁଲା ଗାଡ଼ିଦୋଳି। ଏପରି ଦୋଳି ଅନେକ ଦିନ ହେବ ବାଲିଯାତ୍ରାକୁ ଆସୁଛି। ହେଲେ ଚାହିଦା ଆଦୌ କମିନାହିଁ। ଦୋଳିରେ ବସିବା ପରେ ବେପାରୀ ଜଣକ ହାତରେ ଦୋଳିକୁ ବୁଲାନ୍ତି। ଏହାର ମୂଲ୍ୟ ୪୦ ଟଙ୍କା ଅଛି। ଡ୍ରାଗନ ଦୋଳିରେ ବସୁଛନ୍ତି ଉଭୟ ବଡ଼ ଆଉ ଛୋଟ ପିଲା। ସୁରକ୍ଷିତ ଭାବେ ଏହି ଦୋଳି ଚାଲୁଥିବାରୁ ଲୋକେ ପିଲାଙ୍କୁ ବସାଇବାକୁ ଭୟ କରୁନାହାନ୍ତି। ଡ୍ରାଗନ ଦୋଳିର ମୂଲ୍ୟ ୫୦ଟଙ୍କା ଅଛି। ଏକ ଅସ୍ଥାୟୀ ପୋଖରୀ ଭଳି ସ୍ଥାନ କରାଯାଇ ପିଲା ବୋଟିଂର ମଜା ନେଉଛନ୍ତି, ଯାହାର ମୂଲ୍ୟ ମଧ ସେଇ ୫୦ ଟଙ୍କା ଅଛି। ୫ ମିନିଟ ଡେଇଁଲେ ଜମ୍ପିଙ୍ଗ୍ କ୍ୟାଟ୍ ବ୍ୟବସାୟୀ ନେଇ ଯାଉଛି ୪୦ ଟଙ୍କା।

ପିଲାଙ୍କୁ ନେଇ ଆସୁଥିବା ପରିବାର ଲୋକେ ପିଲାଙ୍କୁ ଖୁସି କରାଇବା ପାଇଁ ମଧ୍ୟ ଉଣା କରୁନାହାନ୍ତି। ଏମିତି ବଡ଼ବଡ଼ ଦୋଳି ଫାଙ୍କା ପଡ଼ିଥିବା ଦିଶେ। ଲୋକ ନହେବାରୁ କିଛି ସମୟ ବନ୍ଦ ରୁହେ। ମାତ୍ର ପିଲାଙ୍କ ଦୋଳି ଫାଙ୍କା ପଡୁନି। କଟକ-ଇନ-କଟକ ଭିତରେ ଥିବା ବିଭିନ୍ନ ମୂର୍ତ୍ତି ସହ ଫଟୋ ଉଠାଇବା ହେଉ କି ଦୋଳିରେ ବସି ଚିଲ୍ଲାଇବା ହେଉ.... ଏଯାତ୍ରାରେ ପିଲାଙ୍କ ଉପସ୍ଥିତି ବେଶ୍ ଉତ୍ସାହଜନକ ରହିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୧୯୪୧
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିୟୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ






## କଟକ ବାଲିଯାତ୍ରାରେ ସାଂସ୍କୃତିକ ସନ୍ଧ୍ୟା

# 'ହମ୍‌ସୁଫି' ବ୍ୟାଣ୍ଡର ରକ୍, ସୁବାସ ଦାସଙ୍କ ସଂଗୀତରେ ଦର୍ଶକ ମତୁଆଲା

**କଟକ, ୯ ।୧୧(ସମିସ):** ଓଲିଉଡ୍'ର ଆଗଧାଡ଼ିର ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଆଜି ସନ୍ଧ୍ୟାରେ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ଗୋଟିଏ ପରେ ଗୋଟିଏ ହିଟ୍ ନମ୍ବର ଗାଇଥିଲେ। ରାତି ୧୨ଟାରେ ତୁ ଆସିବୁ ବୋଲି ଖଜୁରୀ ବଣରେ ତତେ ଡୁଙ୍ଗୁଥିଲି, ଭିଟାମିନ୍-ଏ ମିଳିବ, ଉଡ଼ି ଉଡ଼ି ବିମାନରେ ଯିବା... ଭଳି ଏକାଧିକ ଡ୍ୟାନ୍ସ ନମ୍ବର ଦର୍ଶକଙ୍କୁ ଭେଟି ଦେଇଥିଲେ। ସେହିପରି ବୈଷ୍ଣବ ପାଣି ମଞ୍ଚରେ ସୁବାସ ଦାସ ଭାବପୂର୍ଣ୍ଣ ସଂଗୀତ ପରିବେଷଣ କରିଥିଲେ। ତାଙ୍କ ସଂଗୀତର ମୂର୍ଚ୍ଛନାରେ ଦର୍ଶକମାନେ ବିମୋହିତ ହୋଇଥିଲେ। ଭଜନ ସହିତ ପଲ୍ଲୀ ଓ ସଂସ୍କୃତିଭିତ୍ତିକ ସଂଗୀତ ଥିଲା ଆଜି ସନ୍ଧ୍ୟାର ପ୍ରମୁଖ ଆକର୍ଷଣ। ସେହିପରି ହମ୍‌ସୁଫି ବ୍ୟାଣ୍ଡର ରକ୍ ଥିମ୍‌କୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ବାଲିଯାତ୍ରା ପଡ଼ିଆରେ ଥିବା ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆଜି ଦିନ ଏକ ଭବ୍ୟ ସାଂସ୍କୃତିକ ସନ୍ଧ୍ୟା ଦେଖିବାକୁ ମିଳିଥିଲା। ହମସୁଫି ବ୍ୟାଣ୍ଡ ମଞ୍ଚରେ ଦର୍ଶକମାନଙ୍କୁ ଦେଇଥିଲା ପାରମ୍ପରିକ ଏବଂ ସମସାମୟିକ ସଙ୍ଗୀତର ମିଶ୍ରଣ; ଯାହା ବିମୋହିତ କରିଥିଲା। ସମ୍ପୂର୍ଣ୍ଣ ସନ୍ଧ୍ୟାଟି ଭୁବନେଶ୍ୱରର ଶରଦ ଆଡଭର୍ଟାଇଜିଂ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥିଲା। ପରମ୍ପରା ଓ ପ୍ରତିଭାର ମିଶ୍ରଣ ଏହି ବାଲିଯାତ୍ରାରେ ଆଣିଥିଲା ଏକ ନୂଆ ରଙ୍ଗ, ଯାହା ଯାତ୍ରା ଆସିଥିବା ସମସ୍ତଙ୍କୁ ଦେଇଥିଲା ଏକ ନୂଆ ଅନୁଭୂତି।

**ଅକ୍ଷୟ ମହାନ୍ତି ମଞ୍ଚରେ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଂଗୀତ କଲା କିମିଆଁ**

ଚଳିତ ବର୍ଷ କଟକ ବାଲିଯାତ୍ରାରେ ଯୁବପିଢ଼ିଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଜ୍ଞତା ଜୋନ୍ ଆୟୋଜନ କରାଯାଇଛି, ଯାହା ବାଲିଯାତ୍ରାର ଏକ ପ୍ରମୁଖ ଆକର୍ଷଣ ପାଲଟିଛି। ଏହି ଜୋନ୍‌ରେ ଇଲେକ୍ଟ୍ରୋନିକ୍ ଢୋଲକ୍ ଏବଂ ଚମତ୍କାର ଆନାମୋର୍ଫିକ୍ ସ୍କ୍ରିନ୍ ଭଳି ଅଭିନବ ଆକର୍ଷଣ ରହିଛି, ଯାହା ପ୍ରଯୁକ୍ତିବିଦ୍ୟା ଏବଂ ମନୋରଞ୍ଜନର ମିଶ୍ରଣ ପ୍ରଦାନ କରୁଛି ଓ ଭିଡ଼କୁ ଆକର୍ଷିତ କରିଛି। ଉତ୍ସାହକୁ ଆହୁରି ବଢାଇବା ପାଇଁ, ଆସନ୍ତା ସୋମବାର ସ୍ୱତନ୍ତ୍ର ଆକର୍ଷଣ ଭାବରେ ଏକ ଚମତ୍କାର ସୋମବାର ଦିନ ସ୍ୱତନ୍ତ୍ର ଲେଜର ଶୋ' ଆୟୋଜନ କରାଯାଇଛି। ଚମତ୍କାର ଆଲୋକ ଏବଂ ସଂଗୀତ ଏକ ଅବିସ୍ମରଣୀୟ ଦୃଶ୍ୟ ଚଳିତ ବର୍ଷର ବାଲିଯାତ୍ରାର ସବୁଠାରୁ ଚର୍ଚ୍ଚିତ ବୈଶିଷ୍ଟ୍ୟ କରିବ ବୋଲି ଆୟୋଜକ କହିଛନ୍ତି।






# ବାଲିଯାତ୍ରାରେ ମହାନଦୀ ବୋଇତ ପ୍ରତିଯୋଗିତା

**ଯୋଗଦେବେ ୧୦ ରାଜ୍ୟର ମହିଳା ଓ ପୁରୁଷ ପ୍ରତିଯୋଗୀ**




**କଟକ, ୯।୧୧(ସମିସ):** ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ଅଂଶସ୍ୱରୂପ ପ୍ରଥମ 'ମହାନଦୀ ବୋଇତ ପ୍ରତିଯୋଗିତା-୨୦୨୫' ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୧ ଏବଂ ୧୨ ନଭେମ୍ବର ୨୦୨୫ରେ କଟକର ଗଡ଼ଗଡ଼ିଆ ଘାଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ୧୦ଟି ଭିନ୍ନ ଭିନ୍ନ ରାଜ୍ୟର ଜାତୀୟସ୍ତରୀୟ ପୁରୁଷ ଏବଂ ମହିଳା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୧୧ ନଭେମ୍ବର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ବିଶେଷ ଆକର୍ଷଣ ରହିବ ଫ୍ଲାଏ ବୋଟ୍ ରେସ୍। ଏହାପରେ ପ୍ରତିଯୋଗିତାରେ ଦ୍ୱିତୀୟ ଦିନ ନଭେମ୍ବର ୧୨ ତାରିଖ ସକାଳ ୮ଟା ସମୟରେ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବ। ଉକ୍ତ ଦିନ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ବିଜେତା ଦଳଗୁଡ଼ିକୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନର ଟ୍ରଫି ସହିତ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି।

# ନିଆଁ ଲଗାଇଲେ ବର୍ଣ୍ଣାଲୀ

## ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ



**ଭୁବନେଶ୍ୱର**

**ନନ୍ଦନକାନନ, ୯।୧୧(ସମିସ):** ଭୁବନେଶ୍ୱର ବାଲିଯାତ୍ରାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବାବେଳେ ଶୀତୁଆ ସନ୍ଧ୍ୟାରେ ବର୍ଣ୍ଣାଲୀଙ୍କ ଗୁଆ ଘିଅ ଗୀତ ବେଶ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଆଜି ୫ମ ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆ ଲୋକ ଗହଳିରେ ଫାଟିପଡ଼ିଥିଲା। ଏତେ ଭିଡ଼ ହୋଇଥିଲା ଯେ କାଳେ କେହି ହଜିଯିବେ ସେନେଇ ସାଙ୍ଗସାଥି ପରିବାର ହାତ କାନ୍ଧ ଧରାଧରି ହୋଇ ଧାଡ଼ି କରି ଯାଇଥିଲେ। ଏମିତି କି ଲୋକେ ଶୀତ ବସ୍ତ୍ର ଓହ୍ଲାଇ ଅଣ୍ଟାରେ, ପିଠିରେ ବାନ୍ଧି ବୁଲିଥିଲେ। ଘାଇଁ ଘାଇଁ ରାମ ଦୋଳି ବୁଲି ଯେତିକି ତଳକୁ ଉପରକୁ ହେଉଥିଲା ଲୋକେ ସେତେ ଉଲ୍ଲସିତ ହେଉଥିଲେ। ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ରେଳ, ଜମ୍ପିଙ୍ଗ, ବନ୍ଧୁକରେ ବେଲୁନ ଫୁଟାଇ ବହୁ ମଜା ନେଇଥିଲେ। ଭିଡ଼ ଏତେ ହୋଇଥିଲା ଯେ ରାସ୍ତା ଘାଟ ଜାମ ହୋଇଯାଇଥିଲା। ମଞ୍ଚେଶ୍ୱର, ଇଞ୍ଜଣା ପଟୁ ଗାଡ଼ିମୋଟର ଏକ ପ୍ରକାର ଜାମ ହୋଇଯାଇଥିଲା। ଇଞ୍ଜଣା ଠାରୁ ଲମ୍ବା ଲାଇନ୍ ଲାଗି ଯାଇଥିଲା ବାଲିଯାତ୍ରା ପର୍ଯ୍ୟନ୍ତ। ଘଣ୍ଟା ଘଣ୍ଟା ଅପେକ୍ଷା କରି ବହୁତ ଲୋକ ଫେରି ଯାଇଥିଲେ। ବର୍ଣ୍ଣାଲୀଙ୍କ ଗୁଆଘିଅ ଗୀତ ଏକ ରକମ ଦର୍ଶକଙ୍କ ଭିତରେ ନିଆଁ ଲଗାଇ ଦେଇଥିଲା। ବର୍ଣ୍ଣାଲୀଙ୍କ ସହ ଭାଗ୍ୟଶ୍ରୀ ଏବଂ ଗୌତମ ରସବତୀ ଗିଲାସ, ଭୂଗୋଳରେ ଭଲ ହେଉଥିଲା, ରିମ୍ ଝିମ୍ ପାଣି ବର୍ଷୁ ଥିଲା, ନାଚିବୁ ଆମେ ବାଇଦ ବାଜା, ଜଟ ଅମ୍ଲା, ଜାନୁ ମେ ତେରା ଯାନ, ତେରା ଆଁଖୋ କା ଯେ କାଜଲ, ନାଗୀନ ନାଗୀନ, ଦମ ମୋରୋ ଦମ ବୋଲେ ହରେ କ୍ରିଷ୍ଣା ହରେ ରାମ, ଛି ଛି ନାନି, ଗୁଆ ଘିଅ, ଏ ଆଖି ଦେଖିଛି କେତେ ସପନ, ନୂଆ ହିରୋ ଦେଖି କରି, ଡେମେଲି ହାଏ ହାଏ, କାମରିଆ ଟପ୍ ଲାଗେରେ ଆଦି ଗୀତର ତାଳେ ତାଳେ ନାଚି ନାଚି ତଳେ ଗଡ଼ିଥିଲେ। ଦ୍ୱିତୀୟ ମଞ୍ଚରେ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରି ଲୋକଙ୍କୁ ମୋହିତ କରି ନେଇଥିଲେ। ଖାଦ୍ୟ ଷ୍ଟଲରେ ଜାଗା ଆଡେଇ ହେଉନଥିଲା। ମହୋତ୍ସବ କମିଟି ପକ୍ଷରୁ ଆଜି ୫ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ନେଇ ଆକଳନ କରିଥିବା କମିଟି ବରିଷ୍ଠ ଉପଦେଷ୍ଟା ପ୍ରକାଶ କରିଛନ୍ତି।






# ପାମିଲା ଜୈନଙ୍କ ଗୀତ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ



**ଏକାମ୍ର କ୍ଷେତ୍ର**

**ଧଉଳି, ୯।୧୧(ସମିସ):** ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ କୁଆଖାଇ ନଦୀପଠାରେ ରବିବାର "ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ'ର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ସନ୍ଧ୍ୟାର ପ୍ରଥମ ଅର୍ଦ୍ଧ୍ୟରେ ବରଗଡ଼ ଜିଲ୍ଲାର ସରଗମଲି ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦେଖଣାହାରୀଙ୍କୁ ବେଶ ବିମୋହିତ କରିଥିଲା। ପରେ ଓଲିଉଡ଼ କଣ୍ଠଶିଳ୍ପୀ ପାମିଲା ଜୈନ ଏବଂ ସାଥୀ କଳାକାରଙ୍କ ଦ୍ୱାରା ଗୀତ ପରିବେଷଣ ଅତି ଉଚ୍ଚକୋଟୀର ଥିଲା। ଓଡ଼ିଆରେ ଗାଇଥିବା 'କିଏ ମତେ ବୁଲେଇ ନେବ ଖପରା ଖୋଲ..., ଗୁନ୍ ଗୁନ୍ ଗାଏ ଭଅଁରଟା ଗୁନ୍ ଗୁନ୍ ଗାଏ..., ଦିଲ ବିଲେଇ ମିଆଁଉ ମିଆଁଉ' ଆଦି ଭଳିକି ଭଳି ଓଡ଼ିଆ ଆଲବମ୍ ଗୀତ ଗାଇ ଆଜିର ସନ୍ଧ୍ୟାକୁ ମନ୍ତ୍ରମୁଗ୍ଧ କରିଥିଲେ। ବାଲିଯାତ୍ରା କମିଟିର ସମ୍ପାଦକ କବିରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ଆଇନ ପରାମର୍ଶଦାତା ଭାଗବତ ମୁଖି, ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳ ମଣ୍ଡଳ ସଭାନେତ୍ରୀଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ରବିବାର ଥିବାରୁ ଏହି ବାଲିଯାତ୍ରାରେ ଲୋକଙ୍କ ଭିଡ଼ ଜମିଥିଲା। ଖାଦ୍ୟ ଷ୍ଟଲ, ପିଲାଙ୍କ ଖେଳଣା, ଘରୋଇ ଉପକରଣ, ସପିଙ୍ଗ ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ଲାଗିରହିଥିଲା। ଏପରିକି ଟଙ୍କପାଣି ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ବାଙ୍କୁଆଳ ମହୋତ୍ସବ କମିଟି, ଗ୍ରାମ୍ୟ କମିଟି ଏବଂ ବଡ଼ଗଡ଼ ଥାନା ପୁଲିସ ଟ୍ରାଫିକ ସ୍ୱାଭାବିକ କରିବାକୁ ଲାଗିପଡ଼ିଥିଲେ।

# ସମ୍ପାଦକୀୟ



ଲୋକମାନେ ତୁମ ଉପରକୁ ଫିଙ୍ଗିଥିବା ପଥରକୁ ଐତିହ୍ୟ ନିର୍ମାଣରେ ଉପଯୋଗ କର।
-ରତନ ଟାଟା

ସକାଳ
THE SAKALA

## ବେଲେମ୍‌ରୁ ଆଶା

ଆଜିଠାରୁ ବ୍ରାଜିଲ୍‌ର ବେଲେମ୍ ସହରରେ ଆରମ୍ଭ ହେଉଥିବା ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍-୩୦) ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଐତିହାସିକ ପ୍ୟାରିସ୍ ଜଳବାୟୁ ଶିଖର ସମ୍ମିଳନୀ ଓ ଚୁକ୍ତିନାମାକୁ ଏକ ଦଶନ୍ଧି ପୂରଣ ହୋଇଛି। ଏହି ଦଶବର୍ଷ ମଧ୍ୟରେ ପରିବେଶ ସୁରକ୍ଷା ଓ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କାରକଗୁଡ଼ିକୁ ପ୍ରତିହତ କରିବାରେ ଦଶନ୍ଧିର ଧାର୍ଯ୍ୟ ଲକ୍ଷ୍ୟ କେତେ ପୂରଣ ହୋଇଛି ତା' ଉପରେ ସମୀକ୍ଷା ଜରୁରୀ। ଏହି ସମୀକ୍ଷାର ନିଷ୍କର୍ଷ ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ ହେବ। ଏଥିସହିତ ସର୍ବାଧିକ ଶିଳ୍ପ ପ୍ରଦୂଷଣ ସୃଷ୍ଟିକାରୀ ରାଷ୍ଟ୍ର ଆମେରିକା ପ୍ୟାରିସ୍ ଚୁକ୍ତିନାମାରୁ ଓହରି ଆସିଥିବାରୁ ପରବର୍ତ୍ତୀ ଯୋଜନା କ'ଣ ହେବ ଏବଂ ଜଳବାୟୁ ପାଣ୍ଠି ସଂଗ୍ରହ ଓ ବିତରଣ ଲକ୍ଷ୍ୟ ପାଇଁ କେଉଁ ପନ୍ଥା ନିର୍ଣ୍ଣୟ କରାଯିବ ତା' ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଜରୁରୀ।

ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିତି ଆଧାରରେ ଆଲୋଚନା କଲେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ପ୍ୟାରିସ୍ ସଂକଳ୍ପନାମାର କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଘଟିନାହିଁ। ବିଶେଷକରି ବିଶ୍ୱ ତାପମାନକୁ ଶିଳ୍ପାୟନ ପୂର୍ବ ସମୟରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଆଜିକୁ ୧୦ ବର୍ଷ ତଳେ ଯେଉଁ ଚୁକ୍ତି ହୋଇଥିଲା ତାହାର ଖିଲାପ ହୋଇଛି ଏବଂ ତାପମାତ୍ରା ବଢ଼ି ଚାଲିଛି। ତେଣୁ ଧାର୍ଯ୍ୟ ଲକ୍ଷ୍ୟର ପରିମାଣ ଓ ଅବଧିକୁ ବୃଦ୍ଧି କରିବା ପାଇଁ କୋପ୍ ୩୦ରେ କସରତ ହୋଇପାରେ। ଇତିମଧ୍ୟରେ ପ୍ରାୟ ୬୦ଟି ଦେଶ ସେମାନଙ୍କ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କାର୍ଯ୍ୟଯୋଜନା ଓ ସଂକଳ୍ପନାମାର ସଂଶୋଧନ ଆବେଦନ ଦାଖଲ କରିସାରିଥିବା ବେଳେ ଭାରତର ଆଭିମୁଖ୍ୟ ଏ ଯାଏଁ ସ୍ପଷ୍ଟ ହୋଇନାହିଁ। ୨୦୭୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ଶୂନ୍ୟସ୍ତରକୁ ହ୍ରାସ କରିବା ଲାଗି ଭାରତ ସଂକଳ୍ପବଦ୍ଧ ହୋଇଥିବା ବେଳେ ହଠାତ୍ ଜୀବାଶ୍ମ ଇନ୍ଧନକୁ ସମ୍ପୂର୍ଣ୍ଣ ପରିହାର କରିବା ଭଳି ସ୍ଥିତିରେ ନାହିଁ। ତେଣୁ ପରିବେଶ ସୁରକ୍ଷାରେ ଭାରତର ଅଙ୍ଗୀକାରବଦ୍ଧତା ଏହି ଶିଖର ସମ୍ମିଳନୀରେ ସ୍ପଷ୍ଟ ହେବ। ସୁଖର କଥା ଭାରତ ୨୦୩୦ ସୁଦ୍ଧା ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ତାହା ପାଞ୍ଚ ବର୍ଷ ପୂର୍ବରୁ ହାସଲ କରିପାରିଛି।

ଏହା କିନ୍ତୁ ଅସ୍ୱୀକାର କରିବାର ନାହିଁ ଯେ ଗତ ଦଶବର୍ଷ ମଧ୍ୟରେ ବନାଗ୍ନି, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ତଦ୍‌ଜନିତ ଅର୍ଥନୈତିକ ଓ ଜୀବନ କ୍ଷୟକ୍ଷତିରୁ ଭାରତ ମଧ୍ୟ ବାଦ୍ ପଡ଼ିନାହିଁ। ତେଣୁ ଦୀର୍ଘକାଳୀନ ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିପାରୁଥିବା ଭଳି ଯୋଜନାମାନ ପ୍ରଣୟନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନୂତନ ସଂକଳ୍ପ ଆବଶ୍ୟକ। ସଂକଳ୍ପର କାର୍ଯ୍ୟକାରିତା ପାଇଁ ଅଙ୍ଗୀକାରବଦ୍ଧତା ମଧ୍ୟ ତତୋଧିକ ଜରୁରୀ। ସବୁଠାରୁ ବଡ଼ କଥା ହେଉଛି ବିକାଶ ଜନିତ ପରିବେଶ ପ୍ରଦୂଷଣ ଏବଂ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ବିପର୍ଯ୍ୟୟକୁ ପ୍ରଶମନ କରିବା ଲାଗି ବିକଶିତ ରାଷ୍ଟ୍ରମାନେ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଯେଉଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ସେଥିରୁ ଓହରି ଯାଉଥିବା ଲକ୍ଷ୍ୟ କରାଯାଉଛି। କୋପ୍ ୩୦ରେ ଏସଂକ୍ରାନ୍ତରେ ଆଲୋଚନା କରାଯିବାର ସୁଯୋଗ ରହିଛି। କାରଣ ବିକଶିତ ରାଷ୍ଟ୍ରମାନେ ଉତ୍ତରଦାୟିତ୍ୱ ଗ୍ରହଣ ନ କଲେ ପରିବେଶ ସୁରକ୍ଷା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହି ପୃଷ୍ଠଭୂମିରେ ବେଲେମ୍ ସମ୍ମିଳନୀରୁ ଅନେକ କିଛି ଆଶା କରାଯାଉଛି।

## ଚିକେନ୍-ନେକ୍ ଚିନ୍ତା

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ମୂଳ ଭୂଖଣ୍ଡ ସହିତ ଯୋଡୁଥିବା ୬୦ କିମି ଦୈର୍ଘ୍ୟ ଓ ୨୨ କିମି ପ୍ରସ୍ଥ ବିଶିଷ୍ଟ 'ସିଲିଗୁଡ଼ି କରିଡର' ବା 'ଚିକେନ୍ ନେକ୍'ର ସୁରକ୍ଷା ସବୁବେଳେ ଆହ୍ୱାନ ହୋଇ ରହିଛି। ବାଂଲାଦେଶ ସହିତ ସମ୍ପର୍କ ତିକ୍ତ ହୋଇସାରିଥିବାରୁ ଏବେ ଏହି ଅଞ୍ଚଳ ଆହୁରି ବିପଦସଂକୁଳ ହୋଇପଡ଼ିଛି। ନିକଟରେ ଦୁଇଜଣ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ଚିକେନ୍ ନେକ୍‌ରେ ଭାରତ ପ୍ରତିଷ୍ଠା କରିଥିବା ନୂଆ ସାମରିକ ଘାଟି ନିକଟରୁ ଗିରଫ ହେବା ପରେ ଚିନ୍ତା ବଢ଼ିଛି। ବାଂଲାଦେଶୀ ଅନୁପ୍ରବେଶ ଭାରତ ପାଇଁ ଏକ ଚିରସମସ୍ୟା ହୋଇଥିବା ବେଳେ ସେଠାକାର ଶେଖ୍ ହସିନା ସରକାରର ପତନ ପରେ ସ୍ଥିତି ଆହୁରି ଗମ୍ଭୀର ହୋଇଛି। ଭାରତର ଅବଦାନକୁ ଭୁଲିଯାଇଥବା ଏହି କୃତଘ୍ନ ପଡ଼ୋଶୀର କାମଚଳା ସରକାର ଏବେ ଚୀନ୍, ପାକିସ୍ତାନ ସହିତ ହାତ ମିଳାଇ ବାଂଲାଦେଶରେ ସାମରିକ ଘାଟି ଓ ବିମାନ ବନ୍ଦର ବିକାଶ କରୁଛନ୍ତି ଏବଂ ଏକ ବୃହତ୍ତର ବାଂଲାଦେଶ ଗଠନର ପରିକଳ୍ପନା କରିଛନ୍ତି, ଯାହାର ମାନଚିତ୍ରରେ ଭାରତର ଏପରିକି ଓଡ଼ିଶାର ଅନେକ ଅଞ୍ଚଳ ସ୍ଥାନିତ ହୋଇଛି। ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଓ ଶରଣାର୍ଥୀ ସମସ୍ୟା ନୂଆ ନୁହେଁ। ଏବେ ବାଂଲାଦେଶର କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଏହି ଉଚ୍ଚାଭିଳାଷ ଯୋଗୁଁ ଓଡ଼ିଶା ପ୍ରତି ମଧ୍ୟ ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ଆହୁରି ଉତ୍କଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଉତ୍ତରପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ୍‌କୁ ସୀମାପାର ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା, ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ବିଶେଷକରି ବାହ୍ୟ ସାମରିକ ଆକ୍ରମଣରୁ ଭାରତକୁ ସୁରକ୍ଷିତ ରଖିବାକୁ ହେଲେ ଚିକେନ୍ ନେକ୍‌ର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏହି ଅଞ୍ଚଳଟି ନେପାଳ, ଭୁଟାନ୍, ବାଂଲାଦେଶ, ଚୀନ୍‌ର ସୀମାକୁ ମଧ୍ୟ ସଂଯୋଗ କରୁଛି। ତେଣୁ ଏହି ସମ୍ବେଦନଶୀଳ ଅଞ୍ଚଳର ବାମୁନି, କିଶାନ୍‌ଗଞ୍ଜ ଓ ଚୋପ୍ରାଠାରେ ଭାରତ ତିନିଟି ପ୍ରତିରକ୍ଷା ସାମରିକ ଘାଟି ପ୍ରତିଷ୍ଠା କରି ତୀକ୍ଷ୍ଣ ନଜର ରଖିଛି। 'ତ୍ରିଶକ୍ତି' ସେନା(୩୩ ୟୁନିଟ୍ ବିଶିଷ୍ଟ) ଏହି ସମ୍ବେଦନଶୀଳ ଅଞ୍ଚଳରେ ଚବିଶଘଣ୍ଟିଆ ସୁରକ୍ଷା, ଯୋଗାଯୋଗ, ସୂଚନା ଆଦିର ସମନ୍ୱୟ ରକ୍ଷା କରି ବିହିତ କାର୍ଯ୍ୟାନୁଷ୍ଠାନର ଦାୟିତ୍ୱ ନେଇଛି ଏବଂ ସଦା ପ୍ରସ୍ତୁତ ରହିଛି। ଜରୁରିକାଳୀନ ସ୍ଥିତିରେ ପଶ୍ଚିମ ବଙ୍ଗ, ସିକ୍କିମ୍ ଓ ଉତ୍ତରପୂର୍ବ ଭାରତରେ ମୁତୟନ ହୋଇଥିବା ସମ୍ପୂର୍ଣ୍ଣ ସୀମା ସୁରକ୍ଷା ଯବାନ ଓ ସେନାକୁ ତତ୍କାଳ ସେଠାକୁ ପଠାଯାଇପାରିବ। ଭାରତ ମଧ୍ୟ ସେଠାରେ 'ବ୍ରହ୍ମୋସ୍', 'ଆକାଶ', କ୍ଷେପଣାସ୍ତ୍ର ସମେତ ଯୁଦ୍ଧବିମାନ, 'ଏସ୍-୪୦୦', 'ଏମ୍‌ଆରସାମ୍' ଭଳି ବାୟୁପ୍ରତିରକ୍ଷା ପ୍ରଣାଳୀ ମୁତୟନ କରିଛି। 'ଅପରେସନ୍ ସିନ୍ଦୂର' ପରେ ଭାରତ 'ଅଶନି' ପ୍ଲାଟୁନ୍ ଜରିଆରେ ଡ୍ରୋନ୍ ପ୍ରତିରକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ କରିଥିବା ବେଳେ ଡ୍ରୋନ୍ ଆକ୍ରମଣ ପାଇଁ 'ଭୈରବ' ବାଟାଲିୟନ୍‌କୁ ସକ୍ରିୟ କରିଛି। ଏହି ଅଞ୍ଚଳର ପ୍ରତିରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନିକଟରେ ୮, ୧୬୦ କୋଟି ଟଙ୍କା ମଞ୍ଜୁର ହୋଇଛି।

ସାମାନ୍ୟତମ ଅବହେଳା ଓ ବିଶ୍ରାମ ଭାରତ ପାଇଁ କାରଗିଲ୍ ଯୁଦ୍ଧ ଭଳି ଆଉ ଏକ ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସେନା, ସୀମା ସୁରକ୍ଷା ବାହିନୀର ସକ୍ରିୟତା ସହିତ ଆଞ୍ଚଳିକ ଅଧିବାସୀଙ୍କ ସମୟୋପଯୋଗୀ ସୂଚନା ଓ ସହଯୋଗ ଅତ୍ୟାବଶ୍ୟକ।

# ସ୍ୱେଚ୍ଛାଚାରୀ ଶାସକଙ୍କ ବ୍ୟାଘ୍ରାରୋହଣ

ଡ଼. ପ୍ରଦୀପ କୁମାର ନାୟକ

କେତେକ କ୍ଷମତାପ୍ରମତ୍ତ ରାଷ୍ଟ୍ରମୁଖ୍ୟ ସର୍ବଦା ନିରଙ୍କୁଶ ଓ ଦୀର୍ଘ ଶାସନ ଚାହିଁଥା'ନ୍ତି। ଲୋକଦେଖାଣିଆ କାର୍ଯ୍ୟଗୁଡ଼ିକ(ପପୁଲିଷ୍ଟ ଗିମିକ୍ସ) ଦ୍ୱାରା ନିଜ ନିଜର ବିଶାଳ କାଳ୍ପନିକ ଭାବମୂର୍ତ୍ତି(ଲାର୍ଜର ଦାନ ଲାଇଫ୍ ଇମେଜ)କୁ ଲୋକଙ୍କ ସାମନାରେ ଉପସ୍ଥାପିତ କରି ସେମାନଙ୍କୁ ସମ୍ମୋହିତ କରି ରଖନ୍ତି। କ୍ଷମତାର ମୋହ ଯୋଗୁଁ ସେମାନେ ଆବଶ୍ୟକ ହେଲେ ରାଷ୍ଟ୍ରର ସମ୍ବିଧାନ ଓ ଆଇନ ମଧ୍ୟ ନିଜକୁ ସୁହାଇବା ପରି ପରିବର୍ତ୍ତନ କରି ଦେଇପାରନ୍ତି। କ୍ଷମତା ହିଁ ସେମାନଙ୍କୁ ସ୍ୱେଚ୍ଛାଚାରୀ ବା ଏକଛତ୍ରବାଦୀ ଶାସକରେ ପରିଣତ କରିଥାଏ।

ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଉଇନଷ୍ଟନ ଚର୍ଚ୍ଚିଲ ଏହି ଏକଛତ୍ରବାଦୀ ଶାସନରେ ଅଧିଷ୍ଠିତ ହେବା ପ୍ରୟାସ ଓ ମାନସିକତାକୁ ବ୍ୟାଘ୍ରାରୋହଣ ସହ ତୁଳନା କରିଛନ୍ତି। ଚର୍ଚ୍ଚିଲଙ୍କ ଉକ୍ତିରେ - 'ଏକଛତ୍ରବାଦୀ ଶାସକ ମାନେ ବ୍ୟାଘ୍ରାରୋହଣ କରୁଛନ୍ତି ଏବଂ ସେଥିରୁ ଓହ୍ଲାଇବାକୁ ତାଙ୍କର ସାହସ ହୁଏ ନାହିଁ। ଏଣେ ବାଘଗୁଡ଼ିକ ମଧ୍ୟ ଭୋକିଲା ହୋଇଗଲେଣି(ଡିକ୍ଟେଟର୍ସ ରାଇଡ୍ ଟୁ ଆଣ୍ଡ ଫ୍ରୋ ଅପ୍‌ଅନ୍ ଟାଇଗର୍ସ ଫ୍ରମ ହ୍ୱିଚ୍ ଦେ ଡେୟାର ନଟ୍ ଡିସ୍‌ମାଉଣ୍ଟ। ଆଣ୍ଡ ଦ ଟାଇଗରସ୍ ଆର ଗେଟିଙ୍ଗ ହଙ୍ଗ୍ରି)। ବାସ୍ତବରେ ଶାସନଗାଦୀ ଓ ନିରଙ୍କୁଶ କ୍ଷମତା ଏକ ଆରାମଦାୟକ ବାଘ ପିଠି ସଦୃଶ, ଯାହାକୁ ଛାଡ଼ିବାକୁ ମନ ହୁଏ ନାହିଁ। ଅନ୍ୟପକ୍ଷରେ ଜନତା ଓ ଭୋଟଦାତାଙ୍କୁ ଭୋକିଲା ବାଘଙ୍କ ସହ ତୁଳନା କରାଯାଇଛି, ଯେଉଁମାନେ କି ସେହି ସ୍ୱେଚ୍ଛାଚାରୀ ରାଷ୍ଟ୍ରମୁଖ୍ୟମାନଙ୍କୁ ଖାଇ ଦେବା ପାଇଁ ଅପେକ୍ଷା କରିଛନ୍ତି। ଇତିହାସର ପୃଷ୍ଠା ଓଲଟାଇଲେ ଆମେ ଏହିପରି ଅନେକ ଦେଶର ରାଷ୍ଟ୍ରମୁଖ୍ୟ କ୍ଷମତାକୁ ଅପବ୍ୟବହାର କରି ସାଧାରଣ ନାଗରିକମାନଙ୍କୁ ଉପେକ୍ଷା କରିବାର ଉଦାହରଣ ରହିଛି।

ବିରୋଧୀ ଦଳକୁ ଦମନ କରିବା, ଲୋକଙ୍କ ବାଚନିକ ସ୍ୱାଧୀନତାକୁ ସୀମିତ କରିବା, ନିଜର ଆତ୍ମୀୟ ସ୍ୱଜନଙ୍କୁ ଉଚ୍ଚ ପଦବୀରେ ନିଜ ଇଚ୍ଛାରେ ନିଯୁକ୍ତି ଦେବା ଓ ଲୋକଙ୍କ ଇଚ୍ଛା ବିରୁଦ୍ଧରେ କାମ କରିବା, ଲୋକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଉପରେ କଟକଣା ଲଗାଇବା



ଆଦି ଏହି ସ୍ୱେଚ୍ଛାଚାରୀ ଶାସନର ଲକ୍ଷଣ। ସ୍ୱେଚ୍ଛାଚାରୀ ଶାସନକର୍ତ୍ତାଙ୍କ ଅବୈଧ ଶାସନ ବ୍ୟବସ୍ଥା ପ୍ରତି ସଂଖ୍ୟାଗରିଷ୍ଠ ଲୋକଙ୍କ ସମର୍ଥନ ପ୍ରାୟତଃ ନଥାଏ। ଅନେକେ ଭୟ ଓ ଚାପର ବଶବର୍ତ୍ତୀ ହୋଇ ସେମାନଙ୍କ ସରକାରକୁ ସମର୍ଥନ କରନ୍ତି। କିନ୍ତୁ ସେମାନଙ୍କ ମନରେ ଅସନ୍ତୋଷ ଓ କ୍ରୋଧର ବହ୍ନି ଜଳୁ ଥାଏ, ଯାହା କି ଅନେକ ସମୟରେ ଭୟାବହ ଜନଆନ୍ଦୋଳନ ସୃଷ୍ଟି କରିଥାଏ ଏବଂ ବିଦ୍ରୋହର ରୂପ ନେଇ ଥାଏ। ଏହି ବିଦ୍ରୋହରେ ଅନେକ ସମୟରେ ସ୍ୱେଚ୍ଛାଚାରୀ ଶାସକମାନେ କ୍ଷମତାଚ୍ୟୁତ ମଧ୍ୟ ହୋଇଛନ୍ତି, ଯାହାର ସଦ୍ୟତମ ଉଦାହରଣ ରୂପେ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ଆଦି ରାଷ୍ଟ୍ରକୁ ନିଆଯାଇପାରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜର୍ମାନୀରେ ହିଟଲର ୧୯୩୪ ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଯେଉଁ ସ୍ୱେଚ୍ଛାଚାରୀ ଶାସନ କରିଥିଲେ ତାହା ଅମାନବୀୟ, ନିଷ୍ଠୁର ଓ ଅଗଣତାନ୍ତ୍ରିକ ଥିଲା। ଲକ୍ଷ ଲକ୍ଷ ନିରୀହ ଇହୁଦୀମାନଙ୍କୁ ନରଡିକ ଆର୍ଯ୍ୟ ଜାତିର ଜର୍ମାନୀ ଲୋକମାନଙ୍କ ସଂସ୍କୃତିକୁ ପ୍ରଦୂଷିତ କରୁଥିବାର ଅଭିଯୋଗ ଆଣି ଗ୍ୟାସଚାମ୍ବରମାନଙ୍କରେ ନିକ୍ଷେପ କରି ହିଟ୍‌ଲର ହତ୍ୟା କରିଥିଲେ ଏବଂ ହଜାର ହଜାର ଲୋକଙ୍କୁ ଶ୍ରମ ଶିବିର ଓ ଅତ୍ୟାଚାର କ୍ୟାମ୍ପ(କନସେଣ୍ଟ୍ରେସନ୍ କ୍ୟାମ୍ପ) ମଧ୍ୟରେ ମାରିବା ପାଇଁ ଛାଡ଼ି ଦେଇଥିଲେ। ଶେଷରେ ମିତ୍ରପକ୍ଷ ରାଷ୍ଟ୍ରମାନଙ୍କ ଆକ୍ରମଣରେ ହିଟ୍‌ଲର ନିରୁପାୟ ହୋଇ ଆତ୍ମସମର୍ପଣ କରିବା ପୂର୍ବରୁ ଆତ୍ମହତ୍ୟା କରିଥିଲେ। ସେହିପରି ଇଟାଲିରେ ବେନିଟୋ ମୁସୋଲିନି ୧୯୨୪ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏବଂ ଜୋସେଫ୍ ଷ୍ଟାଲିନ ରୁଷ୍‌ରେ ୧୯୨୪ ରୁ ୧୯୫୩ ପର୍ଯ୍ୟନ୍ତ ନିଜ ନିଜର ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରି ଦେଶର କ୍ଷମତା ଅପବ୍ୟବହାର କରିଥିଲେ।

ସେହିପରି ମଧ୍ୟପ୍ରାଚ୍ୟରେ ଇରାକର ସଦ୍ଦାମ ହୁସେନ ୧୯୭୯ ମସିହାରୁ ୨୦୦୩ ମସିହା ଯାଏଁ ଇରାକର ରାଷ୍ଟ୍ରପତି ରୂପେ ଶାସନ କରିଥିଲେ। ତାଙ୍କର ସ୍ୱେଚ୍ଛାଚାରୀ ଶାସନରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ବିରୋଧୀଙ୍କ ଦମନ, ସାଧାରଣ ନାଗରିକଙ୍କ ଗଣହତ୍ୟା ପରି ଅମାନବୀୟ କାର୍ଯ୍ୟ ଓ ମାନବାଧିକାର ଉଲଙ୍ଘନ ଅଭିଯୋଗରେ ଶେଷରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ କ୍ଷମତାଚ୍ୟୁତ ହୋଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ୨୦୧୦ ମସିହାରୁ ୨୦୧୨ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାରେ ଘଟିଥିବା ଯୁବଗୋଷ୍ଠୀଙ୍କ ଦ୍ୱାରା ସୃଷ୍ଟ ଆରବୀୟ ବସନ୍ତ(ଆରବ ସ୍ପ୍ରିଙ୍ଗ) ନାମକ ଏକ ନିର୍ଣ୍ଣାୟକ ଗଣଆନ୍ଦୋଳନରେ ଅନେକ ଏକଛତ୍ରବାଦୀ ଶାସକ ଯଥା ଲିବିଆର ମୋଆମାର ଗଦ୍ଦାଫି(୨୦୧୧), ଟ୍ୟୁନିସିଆର ଜୈନୁଲ୍ ଆବେଦିନ(୨୦୧୧), ଇଜିପ୍ଟର ହୋସନି ମୁବାରକ (୨୦୧୧), ୟେମେନର ଆଲି ଅବଦୁଲା ସାଲେ(୨୦୧୨) ଶାସନଗାଦିରୁ ବିତାଡ଼ିତ ହୋଇଥିଲେ। ଉପରୋକ୍ତ ବ୍ୟକ୍ତିମାନେ ଦିନେ ବ୍ୟାଘ୍ରାରୋହଣ କରି କ୍ଷମତାର ଅପବ୍ୟବହାର କରିଥାରେ ବିଳାସମୟ ଜୀବନ ବିତାଉଥିଲେ। ଅବଶେଷରେ ଅତି ଦୁଃଖଦ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିଲା।

ଏଠାରେ ସ୍ମରଣ କରାଯାଇପାରେ ଯେ ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଜନବିରୋଧୀ ନୀତି ଓ କ୍ଷମତାର ଅପବ୍ୟବହାର ଯୋଗୁଁ ଛାତ୍ରଗୋଷ୍ଠୀଙ୍କ ଯେଉଁ ଭୟଙ୍କର ଆନ୍ଦୋଳନ ସୃଷ୍ଟି ହେଲା ତା'ର ଚାପରେ ଶେଖ ହସିନା ନିଜ ଦେଶରୁ ୨୦୨୪ ମସିହା ଅଗଷ୍ଟ ୫ ତାରିଖରେ ପଳାୟନ କରି ଭାରତରେ ଆଶ୍ରୟ ନେଲେ। ସେହିପରି ଆମ ପଡ଼ୋଶୀ ଦେଶ ନେପାଳରେ ଯୁବଗୋଷ୍ଠୀ ବା ଜେନ-ଜେଡ୍‌ଙ୍କ ଦ୍ୱାରା ୨୦୨୫ ସେପ୍ଟେମ୍ବର ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଯେଉଁ ଭୟାବହ ଆନ୍ଦୋଳନ ହେଲା ତା'ର ପରିଣାମ ସ୍ୱରୂପ ସେଠାକାର ସରକାରରେ ଆମୂଳଚୂଳ ପରିବର୍ତ୍ତନ ହୋଇଗଲା। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ନେପାଳ ସରକାର ବିରୁଦ୍ଧରେ ଯୁବପିଢ଼ି ଅଭିଯୋଗ କଲେ ଯେ ସେମାନେ ସାମାଜିକ ଗଣମାଧ୍ୟମକୁ ବନ୍ଦ କରିଦେଲେ, ଯାହାକି ସ୍ୱେଚ୍ଛାଚାରର ଏକ ନମୁନା ଥିଲା। ଏହାଛଡ଼ା ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପକ ଥିଲା।

ଏହିପରି ପୃଥିବୀରେ ଅନେକ ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି, ପଦବୀ-ପ୍ରଦତ୍ତ କ୍ଷମତାକୁ ବ୍ୟକ୍ତିଗତ କ୍ଷମତା ସଦୃଶ ଏବଂ ରାଷ୍ଟ୍ରର ସମ୍ପତ୍ତିକୁ ବ୍ୟକ୍ତିଗତ ସମ୍ପତ୍ତି ତୁଲ୍ୟ ବ୍ୟବହାର କରି, ଗରିବ ଜନତାଙ୍କୁ ଉପେକ୍ଷା କରି, ଧନୀ ଗୋଷ୍ଠୀଙ୍କୁ ସମର୍ଥନ କରି, ଦୁର୍ନୀତିକୁ ପ୍ରଶ୍ରୟ ଦେଇ ଓ ଦେଶକୁ କାଙ୍ଗାଳ କରି ନିଜେ ଗାଦିଚ୍ୟୁତ ହେବା ପର୍ଯ୍ୟନ୍ତ କ୍ଷମତାକୁ ଜାବୁଡ଼ି ଧରି ରହିଥିବାର ଉଦାହରଣ ରହିଛି। ଯେଉଁ ରାଷ୍ଟ୍ରଗୁଡ଼ିକରେ ଜନଆନ୍ଦୋଳନ ଦ୍ୱାରା ସରକାର କ୍ଷମତାଚ୍ୟୁତ ହୋଇଛନ୍ତି ସେମାନେ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ପାଇଁ ଏକ ଚେତାବନୀ ସଦୃଶ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଟ୍ରମ୍ପ ନୀତି ବନାମ ବିଶ୍ୱ ଅର୍ଥନୀତି

ସରୋଜ କୁମାର ଶତପଥୀ

'ଟ୍ରମ୍ପ ନୀତି' କହିଲେ ପ୍ରାୟତଃ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଗ୍ରହଣ କରାଯାଇଥିବା ରାଜନୈତିକ, ଆର୍ଥିକ, ବାଣିଜ୍ୟିକ ଓ ବିଦେଶ ନୀତିଗୁଡ଼ିକୁ ବୁଝାଯାଏ। ଏହି ନୀତିଗୁଡ଼ିକ ଟ୍ରମ୍ପଙ୍କ 'ଆମେରିକା ଫାର୍ଷ୍ଟ' (ଆମେରିକା ସର୍ବସ୍ୱ) ଆଭିମୁଖ୍ୟ ଉପରେ ଆଧାରିତ। ଟ୍ରମ୍ପ ନୀତିର ମୁଖ୍ୟ ଲକ୍ଷ୍ୟ ହେଲା, ଅନ୍ୟ ଦେଶର ହିତଠାରୁ ଆମେରିକାର ହିତକୁ ଅଧିକ ଗୁରୁତ୍ୱ ଦେବା। ଆମେରିକା ସବୁଠାରୁ ଆଗରେ ରହିବା ଉଚିତ। ଟ୍ରମ୍ପ ଜଣେ ରାଜନୀତି ତୁଳନାରେ ଅଧିକ ବ୍ୟବସାୟୀ ମନୋଭାବ ରଖନ୍ତି। ସେ ଦେଶକୁ ଏକ 'କମ୍ପାନୀ' ଭାବେ ଦେଖନ୍ତି ଏବଂ ପ୍ରତ୍ୟେକ ଚୁକ୍ତିକୁ 'ଲାଭ-କ୍ଷତି' ମାପରେ ତଉଲ କରନ୍ତି। ଟ୍ରମ୍ପଙ୍କ ଶୈଳୀ ହେଉଛି ବଳ ପ୍ରୟୋଗ କରି ନିଜ ଇଚ୍ଛା ପୂରଣ କରିବା। ସେ ଗୋଟେ ପଟେ ବିପକ୍ଷକୁ ଚାପ ଦେଇଥା'ନ୍ତି, ଅନ୍ୟପଟେ ନିଜ ପକ୍ଷରେ ଚୁକ୍ତି ହସ୍ତାକ୍ଷର କରାନ୍ତି। ଏହି ପ୍ରକ୍ରିୟା କୂଟନୀତିରେ ଅସୁସ୍ଥ ସଂକେତ ଦିଏ। ଆପୋସ ସମାଧାନଠାରୁ 'ବଳ' ଗୁରୁତ୍ୱପୂର୍ଣ୍ଣ - ଏହା ତାଙ୍କ କାର୍ଯ୍ୟଧାରାରୁ ସ୍ପଷ୍ଟ ବାରି ହେଇପଡ଼େ। ଟ୍ରମ୍ପ ନିଜ ଦେଶର ଗର୍ବ ଓ ସ୍ୱାଭିମାନକୁ ଜୋର ଦେଇଥା'ନ୍ତି। ଏହି ଭାବନା ଅନ୍ୟ ଦେଶମାନଙ୍କ ସହ ମିତ୍ରତାରେ ବାଧା ସୃଷ୍ଟି କରେ। ସେ ଦୁନିଆକୁ ସହଯୋଗୀ ଭାବେ ନୁହେଁ, ବରଂ ଏକ ପ୍ରତିଯୋଗୀ ଭାବରେ ଦେଖନ୍ତି।

ବିଗତ ବର୍ଷମାନଙ୍କରେ ଟ୍ରମ୍ପଙ୍କ ବିଶ୍ୱପ୍ରଭାବୀ ନୀତି ଉପରେ ନଜର ପକାଇଲେ ଆମେ ଜାଣି ପାରିବା ଯେ ଏଗୁଡ଼ିକ ବିଶ୍ୱ ମଞ୍ଚରେ କେତେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। 'ଆମେରିକା ଫାର୍ଷ୍ଟ' ନୀତି ଆଧାରରେ ଟ୍ରମ୍ପ ସମଗ୍ର ବିଶ୍ୱରେ ଆମେରିକାର ସ୍ୱାର୍ଥକୁ ଅଗ୍ରଗଣ୍ୟ କରି ସଂଯୁକ୍ତ ରାଷ୍ଟ୍ର, ନାଟୋ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ସଂସ୍ଥାମାନଙ୍କୁ ହେୟଜ୍ଞାନ କଲେ। ଫଳରେ ବିଶ୍ୱ ଏକତା ଓ ଅନ୍ତର୍ଜାତୀୟ ସହଯୋଗ ଶକ୍ତି ଦୁର୍ବଳ ହୋଇପଡ଼ିଲା। ପରିବେଶ ଓ ଜଳବାୟୁ ସଂକ୍ରାନ୍ତ ପ୍ୟାରିସ ଚୁକ୍ତିରୁ ଆମେରିକା ବାହାରି ଆସିଲା। ଫଳରେ ବିଶ୍ୱ ତାପମାନ ଓ ପରିବେଶ ସୁରକ୍ଷା ଉପରେ ଆଗୁଆ ଅଭିଯାନ ଦୁର୍ବଳ ହେଲା। ବିକାଶଶୀଳ ଦେଶଗୁଡ଼ିକ ପାଇଁ ଅନୁଦାନ ହ୍ରାସ ପାଇଗଲା। ଚୀନ ବିରୋଧୀ ବାଣିଜ୍ୟ ଯୁଦ୍ଧରେ ସମଗ୍ର ଏସିଆ ଅର୍ଥନୀତି ମଧ୍ୟ ପ୍ରଭାବିତ ହେଲା ଏବଂ ବିଶ୍ୱ ବଜାରରେ ମୁଦ୍ରାସ୍ଫୀତି ବଢ଼ିଲା। ସେହିପରି ଆମେରିକାର ଇମିଗ୍ରେସନ୍ ନୀତି, ଇରାନ ଓ ମଧ୍ୟପ୍ରାଚ୍ୟ ନୀତି, ସାମରିକ ଓ ରାଜନୈତିକ ନୀତିଗୁଡ଼ିକ ଆମେରିକାର ଅସ୍ଥାୟୀ ସ୍ୱାର୍ଥକୁ ସବଳ କରିଥିଲେ ହେଁ ବିଶ୍ୱ ଅର୍ଥନୀତିର ସମତା, ପରିବେଶ ସୁରକ୍ଷା ଓ ଅନ୍ତର୍ଜାତୀୟ ନୈତିକ ମୂଲ୍ୟକୁ ଦୁର୍ବଳ କରିଦେଇଛି। ତେଣୁ ତାଙ୍କ ନୀତିର ମୂଳ ଲକ୍ଷ୍ୟ ହେଉଛି 'ଆମେ ହାରିବୁ ନାହିଁ', ଯାହା ଅସ୍ଥିର ଓ ସ୍ୱାର୍ଥପୂର୍ଣ୍ଣ ମନୋଭାବର ପରିପ୍ରକାଶ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ପୁନର୍ବାର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ସେ 'ଆମେରିକା ଫାର୍ଷ୍ଟ' ନୀତି ଅନୁସାରେ ଯେପରି ବିଦେଶୀ ଆମଦାନୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିଛନ୍ତି, ତାହା ଆମେରିକୀୟ ଉପଭୋକ୍ତାଙ୍କୁ ମଧ୍ୟ କଷ୍ଟ ଦେଉଛି। ୱାଶିଂଟନ ପୋଷ୍ଟର ସର୍ଭେ ଅନୁସାରେ, ପ୍ରାୟ ୭୦% ଆମେରିକୀୟ ନାଗରିକ କହିଛନ୍ତି ଯେ ତାଙ୍କ ଜୀବନ ଏବେ ବ୍ୟୟବହୁଳ ହୋଇପଡ଼ିଛି। ଦୋକାନ ଓ ଘରେ ସମସ୍ତେ ଦାମ ବୃଦ୍ଧିର ଚାପ ଅନୁଭବ କରୁଛନ୍ତି। ରାସନ୍, ବିଦ୍ୟୁତ, ଘରଭଡ଼ା, ଇନ୍ଧନ ଓ ସ୍ୱାସ୍ଥ୍ୟସେବା ଉପରେ ମାସକୁ ମାସ ଖର୍ଚ୍ଚ ବଢୁଛି। ଭାରତ ସହ ଟ୍ରମ୍ପଙ୍କ ନୀତି ଗଭୀର ଭାବେ ପ୍ରଭାବ ପକାଇଛି। ଆମେରିକା ଭାରତୀୟ ଆମଦାନୀ ଉପରେ ୫୦% ଶୁଳ୍କ ଲାଗୁ କରିଥିବାରୁ ଭାରତର ରପ୍ତାନି ୩୭.୫% କମିଛି। ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭର ରିପୋର୍ଟ ଅନୁସାରେ ମେ' ରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ଭାରତର ଆମେରିକାକୁ ରପ୍ତାନି ୮.୮ ବିଲିଅନ୍ ଡଲାରରୁ ହ୍ରାସ ପାଇ ୫.୫ ବିଲିଅନ୍ ଡଲାର ହୋଇ ଯାଇଛି। ବୟନ, ରତ୍ନ ଆଭୂଷଣ, ଔଷଧ, ଧାତୁ ଓ ଯନ୍ତ୍ର ପ୍ରତିଷ୍ଠାନଗୁଡ଼ିକ ବହୁମାତ୍ରାରେ ଆର୍ଥିକ କ୍ଷତି କରୁଥିବାର ଦେଖାଯାଉଛି।

ଟ୍ରମ୍ପ ନୀତିର ମୂଳ ଉଦ୍ଦେଶ୍ୟ ଥିଲା ଆମେରିକୀୟ ଉତ୍ପାଦନକୁ ସୁରକ୍ଷିତ କରିବା। ଅର୍ଥାତ 'ମେଡ୍ ଇନ ଆମେରିକା'କୁ ପ୍ରୋତ୍ସାହନ ଦେବା। କିନ୍ତୁ ବିପରୀତ ଭାବେ ବିଦେଶୀ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ଦ୍ୱାରା ନିଜ ଦେଶରେ ଜିନିଷର ଦାମ ବୃଦ୍ଧି ପାଇଛି। ଆମଦାନୀ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଥିବାରୁ ଦୋକାନରେ ଦାମ ଦୁଇଗୁଣ ହେବା ଆରମ୍ଭ ହୋଇଛି। ଆମେରିକାର ଇଲେକ୍ଟ୍ରୋନିକ୍ସ, ଯାନ ଓ ବୟନ ଭଳି ଅନେକ ଶିଳ୍ପ ଯେଉଁମାନେ ବିଦେଶୀ ଆଧାର ଉପରେ ନିର୍ଭରଶୀଳ ସେମାନେ ଉତ୍ପାଦନ ଖର୍ଚ୍ଚ ବଢ଼ିବା ଫଳରେ ପ୍ରତିଯୋଗିତାରେ ରହିପାରୁ ନାହାନ୍ତି। ୬୫% ଆମେରିକୀୟ ଏହି ନୀତିରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଏହା ଅର୍ଥନୀତିକୁ ଆଘାତ ପହଞ୍ଚାଇଛି। ଫଳରେ ବିଶ୍ୱ ବଜାରରେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଇଛି। ଆମେରିକାର ଏକପାଖିଆ ନୀତି ଯୋଗୁଁ ଅନେକ ମିତ୍ର ଦେଶ ଅସନ୍ତୁଷ୍ଟ ହୋଇଛନ୍ତି। ଗୋଟେ ଦେଶ ଯଦି ନିଜ ସୁରକ୍ଷା ପାଇଁ ବାଣିଜ୍ୟ ପ୍ରାଚୀର ତିଆରି କରେ, ତାହାର ପ୍ରତିଫଳ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼େ। ଏହି ନୀତି ବିଶ୍ୱବାଣିଜ୍ୟ ଓ ଜଗତୀକରଣ ପାଇଁ ଏକ ଚେତାବନୀ ସଦୃଶ।

ଏହି ପରିପ୍ରେକ୍ଷୀରେ ଟ୍ରମ୍ପ ନୀତି ବିଶ୍ୱ ଅର୍ଥନୀତିକୁ ଯେପରି ଆତ୍ମକୈନ୍ଦ୍ରିକ ଓ ବିଭାଜନମୁଖୀ କରୁଛି, ତାହା ସମଗ୍ର ବିଶ୍ୱ ପାଇଁ ଏକ ସତର୍କ ଘଣ୍ଟି। ଟ୍ରମ୍ପଙ୍କ ଏହି ନୀତି ବିଶ୍ୱକୁ ଏକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦେଉଛି ଯେ ବିଶ୍ୱ ଅର୍ଥନୀତି ଏବେ ପରସ୍ପର ସହାଭାଗିତା ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ଜରୁରୀ। ଏପରି ସମୟରେ ବିଶ୍ୱ ସମୁଦାୟଙ୍କୁ ଏକତା, ବିଚାରଶୀଳତା ଓ ଆଲୋଚନା ମାଧ୍ୟମରେ ଏହି ଚାପକୁ ସମ୍ଭାଳିବା ଆବଶ୍ୟକ। ଆମେରିକାଠାରୁ ଅତିରିକ୍ତ ନିର୍ଭରଶୀଳତା କମାଇ ଅନ୍ୟାନ୍ୟ ଦେଶ ମଧ୍ୟରେ ମିଳିତ ଚୁକ୍ତି ଓ ନୂତନ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣ ହିଁ ସମସ୍ୟାର ଉଚିତ ପ୍ରତ୍ୟୁତ୍ତର ହେବ।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ଆମ ବୃକ୍ଷଲତା ଆମ ଜୀବନ

## ଅପମାରଙ୍ଗ

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଅପମାରଙ୍ଗ ଭାରତ ସମେତ ଅନ୍ୟାନ୍ୟ ଦକ୍ଷିଣ ଏସୀୟ ଦେଶମାନଙ୍କର ମୂଳ ଜାତ ଉଦ୍ଭିଦ। ଏହା ବର୍ତ୍ତମାନ ସମଗ୍ର ବିଶ୍ୱରେ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବିତରିତ। ଅନାବନା ଜମି, ରାସ୍ତାକଡ଼, ପରିତ୍ୟକ୍ତ ସ୍ଥାନଗୁଡ଼ିକରେ ଅପମାରଙ୍ଗ ଏକ ସାଧାରଣ କ୍ଷୁପ ବା ତୃଣ ଭାବରେ ବଢ଼ିଥାଏ। ଏହାକୁ କିଛି ଅଞ୍ଚଳରେ ଏକ ଆକ୍ରମଣାତ୍ମକ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ। ଏହା ଏକ ପାରମ୍ପରିକ ଆୟୁର୍ବେଦିକ ଔଷଧି ଭାବରେ ଜଣାଶୁଣା।

ଅପମାରଙ୍ଗ ଏକ ବହୁବର୍ଷୀୟ ସିଧା କାଣ୍ଡ ବିଶିଷ୍ଟ କ୍ଷୁପ, ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡ କଠିନ, ଶାଖାଯୁକ୍ତ, ନଳୀକାର, କୋଣୀୟ, ଲୋମଯୁକ୍ତ, ସବୁଜ, କିନ୍ତୁ ଗଣ୍ଠି ବାଇଗଣୀ କିମ୍ବା ଗୋଲାପୀ ବର୍ଣ୍ଣ। ପତ୍ରଗୁଡ଼ିକ ସରଳ, ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ, ଡେମ୍ଫ ଯୁକ୍ତ, ଅଣ୍ଡାକାର, ଲୋମଶ। ପୁଷ୍ପଗଦମ ଏକ ଲମ୍ବା ଡେମ୍ଫ ବା ସ୍ତବକ, ଅନେକ ଫୁଲ ସହିତ ସଜ୍ଜିତ। ଫୁଲଗୁଡ଼ିକ ହର୍ମାଫ୍ରୋଡାଇଟ୍ ବା ଦ୍ୱିଲିଙ୍ଗୀ, ସବୁଜ ବା ବାଇଗଣି। ବୃତି ଓ ଦଳ ମଣ୍ଡଳ ୫ ଟି ଟେପାଲ ନେଇ ଗଠିତ। ଫୁଲରେ ୧୦ଟି ପୁଂକେଶର ଥାଏ, ଯେଉଁଥିରୁ ୫ଟି ଉର୍ବର ଓ ୫ଟି ସ୍କେଲ୍ ପରି। ଗର୍ଭକେଶର ଦୁଇଟି ଗର୍ଭକେଶ ଧାରଣ କରିଥାଏ। ଫଳଗୁଡ଼ିକ ଏକବୀଜ ବିଶିଷ୍ଟ। ଫଳ ଏପରି ସ୍ଥାପିତ ଥାଏ, ଯାହା ଦେହରେ ଲାଖି ରହି ବିଜ ବିକ୍ଷେପରେ ସହାୟକ ହୁଏ। ଫୁଲ ଓ ଫଳ ଦେବା ସମୟ ସେପ୍ଟେମ୍ବରରୁ ଏପ୍ରିଲ।

ବିଭିନ୍ନ ରୋଗ ପାଇଁ ପାରମ୍ପରିକ ଔଷଧରେ ଅପମାରଙ୍ଗ ବ୍ୟବହାର ହୋଇ ଆସୁଛି। ଏହା ଏହାର ପ୍ରଦାହ-ବିରୋଧୀ, ମାଂସପେଶୀ ସଙ୍କୋଚନ ରୋଧୀ ଏବଂ ମୂତ୍ରକାରକ ଗୁଣ ପାଇଁ ଜଣାଶୁଣା। ଭାରତରେ ଶୋଥ ରୋଗ ଚିକିତ୍ସାରେ ଏହାର ବିଶେଷ ଉପଯୋଗ ହୁଏ। ଜଳାତଙ୍କ, ସାପ ଓ ବିଛା କାମୁଡ଼ା, ଚକ୍ଷୁ, କ୍ଷତ, ଚର୍ମ ଫୋଟକା, ଚର୍ମ ଜ୍ୱଳନ, କୋଷ୍ଠକାଠିନ୍ୟ, ଅର୍ଶ ଓ ଭଗନ୍ଦର, କୃମି, ଋତୁସ୍ରାବ ଜନିତ ଅନିୟମିତା ଓ ରୋଗ, ଅନ୍ତନାଳୀ ସଂକ୍ରମଣ, ଦାନ୍ତ ବିନ୍ଧା, ବୃକ୍କ, ବନ୍ଧ୍ୟାତ୍ୱ ଆଦି ରୋଗ ଉପଶମରେ ଅପମାରଙ୍ଗ ଏକ ମହୌଷଧୀ। ତଟକା ପତ୍ର ଓ ଫୁଲକୁ ବାଟି ବିଛା କାମୁଡ଼ାରେ ବାହ୍ୟ ଭାବରେ ପ୍ରୟୋଗ କଲେ ଉପଶମ ହୁଏ। ମହୁ ସହିତ ଅପମାରଙ୍ଗ ପାଉଡର ହଜମ ପ୍ରକ୍ରିୟାକୁ ଉନ୍ନତ କରେ। ଏହାର ମଞ୍ଜି ନିୟମିତ ସେବନ ଅତିରିକ୍ତ ଚର୍ବିକୁ ହ୍ରାସ କରି ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅପମାରଙ୍ଗ ପାଉଁଶ ଶରୀରରୁ ଅତ୍ୟଧିକ କଫ ବାହାର କରି ଆରାମ ଦେବା ପାଇଁ ଏକ ପ୍ରଭାବଶାଳୀ ଓ ଶକ୍ତିଶାଳୀ ଔଷଧ। ଏହାର ତେଲ କାନ ଯନ୍ତ୍ରଣା ଉପଶମ କରେ। ଅଧିକ ମାତ୍ରାରେ ଏହାର ବ୍ୟବହାର କାରଣରୁ ବାନ୍ତି ହୋଇପାରେ, ତେଣୁ ଡାକ୍ତରଙ୍କ ସୁପାରିସ ଅନୁସାରେ ଅପାମାରଙ୍ଗ ନେବା ଉଚିତ। ବନ୍ଧ୍ୟାତ୍ୱ ଦୂର ପାଇଁ ଚିକିତ୍ସା କରୁଥିବା ପୁରୁଷ, ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ମହିଳା, ୧୨ ବର୍ଷରୁ କମ୍ ବୟସର ପିଲାମାନଙ୍କ କ୍ଷେତ୍ରରେ ଏହାର ଦୀର୍ଘକାଳୀନ ବ୍ୟବହାର ଏଡ଼ାଇ ଦିଆଯିବା ଉଚିତ।

ଏହି ଗଛର ପାଉଁଶରୁ ଯଥେଷ୍ଟ ପରିମାଣର ପଟାସ ମିଳିଥାଏ, ଯାହା ପୋଷାକ ଧୋଇବାରେ ବ୍ୟବହୃତ ହୁଏ। ଅପମାରଙ୍ଗରେ ଟ୍ରାଇଟରପେନଏଡ୍ ସାପୋନିନ୍, ଏକଡିଷ୍ଟେରନ୍ ହରମୋନ୍ ମିଳିଥାଏ। ସମ୍ପୂର୍ଣ୍ଣ ଉଦ୍ଭିଦ ଓ ବିହନ କାର୍ବୋହାଇଡ୍ରେଟ୍ ବା ଶର୍କରା, ପ୍ରୋଟିନ୍ ଓ ଫ୍ଲାଭୋନଏଡ୍, ଟାନିନ୍, ସାପୋନିନ୍, ଭିଟାମିନ ପରି କିଛି ଉପାଦାନରେ ଭରପୂର ଥାଏ, ଯାହା ଜଣେ ବ୍ୟକ୍ତିଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଅପମାରଙ୍ଗକୁ ବିହନ କିମ୍ବା କଟିଂ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଅପମାରଙ୍ଗ ଉଜ୍ଜ୍ୱଳ, ସିଧାସଳଖ ସୂର୍ଯ୍ୟାଲୋକ ପସନ୍ଦ କରେ। ଏହା ମଧ୍ୟମ ତାପମାତ୍ରାରେ ବଢ଼ିଥାଏ। ଏଥିପାଇଁ ମଧ୍ୟମ ସ୍ତରର ଆର୍ଦ୍ରତା, ଭଲ ଜଳ ନିଷ୍କାସନ ହେଉଥିବା ଦୋରସା ମାଟି ଆବଶ୍ୟକ। ମୂଳ ପଚିବା ରୋକିବା ପାଇଁ ଭଲ ଜଳ ନିଷ୍କାସନ ଜରୁରୀ। ସୁସ୍ଥ ଭାବରେ ଏହାର ବୃଦ୍ଧି ପାଇଁ ବଢୁଥିବା ଋତୁରେ ଏନପିକେ ସାର୍ ଠିକ୍ ଅନୁପାତ ସହିତ ସନ୍ତୁଳିତ ଭାବରେ ପ୍ରୟୋଗ କରାଯାଇପାରିବ। ଏହାକୁ ପ୍ରଭାବିତ କରିପାରୁଥିବା ସାଧାରଣ କୀଟଗୁଡ଼ିକ ମଧ୍ୟରେ ଏଫିଡ୍, କୀଟପତଙ୍ଗ ଏବଂ ପତ୍ରହପର ଅନ୍ତର୍ଭୁକ୍ତ। କୀଟପତଙ୍ଗ ନିୟନ୍ତ୍ରଣ ପାଇଁ ନିମ ତେଲ କିମ୍ବା କୀଟନାଶକ ସାବୁନ ପରି ଜୈବିକ କୀଟନାଶକ ବ୍ୟବହାର କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୋବାଇଲ୍ ଚୋରି ଅଭିଯୋଗ**

# ଥାନାରେ ନାବାଳକକୁ ଥାର୍ଡ ଡିଗ୍ରୀ

**ଛାତିକୁ ପାଇପ୍‌ରେ ପିଟି ଦେହରୁ ସାର୍ଟ ଖୋଲିଦେଲା ପୁଲିସ**

**ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେଲେ ବାପା**

ଭଦ୍ରକ, ୯ା୧୧(ସମିସ): ଥାନାରେ ନାବାଳକକୁ ଥାର୍ଡ ଡିଗ୍ରୀ। ଭଦ୍ରକ ଜିଲ୍ଲା, ତିହିଡ଼ି ବ୍ଲକ୍ ପୀରହାଟ ଥାନା ବିରୋଧରେ ଏଭଳି ସଂଗିନ୍ ଅଭିଯୋଗ ହୋଇଛି। ଏକ ମୋବାଇଲ୍ ଚୋରି ଅଭିଯୋଗରେ ନରେନ୍ଦ୍ରପୁର ଗାଁର ଜଣେ ନାବାଳକକୁ ପୁଲିସ ଥାନା ଭିତରେ ନିସ୍ତୁକ ମାଡ଼ ମାରିଛି। ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଜୋରଜବରଦସ୍ତ ତାଙ୍କ ସାର୍ଟ ଖୋଲାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିବା ଅଭିଯୋଗ ହୋଇଛି। ଅବସ୍ଥା ଏପରି ହୋଇଥିଲା ଯେ ନାବାଳକଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏପରି ଅଭିଯୋଗ କରି ନାବାଳକର ବାପା ଶରତ ମାଝୀ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ କରି ଦୋଷୀ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି।




ଶରତ ଅଭିଯୋଗରେ ଦର୍ଶାଯାଇଛି ଯେ ଏକ ମୋବାଇଲ ଚୋରି ଘଟଣାକୁ ନେଇ ନରେନ୍ଦ୍ରପୁର ଗାଁର ଜଣେ ମହିଳା ଗତ ମାସ ୨୭ ତାରିଖରେ ତାଙ୍କ ନାବାଳକ ପୁଅଙ୍କ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ଏହାର ପରଦିନ ଶରତ ମଧ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ ତାରିଖ ରାତି ପ୍ରାୟ ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୁଲିସ ଜଣାଇଥିଲା। ତଦନୁଯାୟୀ ଶରତ ଏବଂ ତାଙ୍କ ନାବାଳକ ପୁଅ ଥାନାରେ ପହଞ୍ଚିଥିଲେ। ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ତାଙ୍କ ପୁଅ ମୋବାଇଲ ଚୋରି ଅଭିଯୋଗକୁ ଅସ୍ୱୀକାର କରିବାରୁ ଥାନାର ଜଣେ ଏସ୍ଆଇ ଉତ୍କ୍ଷିପ୍ତ ହୋଇ ତାଙ୍କୁ ବାହାରକୁ ଟାଣି ନେଇ ନିସ୍ତୁକ ମାଡ଼ ମାରିଥିଲେ। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ନିସ୍ତୁକ ପିଟିବା ସହ ଗାଳିଗୁଲଜ କରିଥିଲେ। ଏଥିସହ ସେହି କର୍ମଚାରୀ ନାବାଳକର ଦେହରୁ କପଡ଼ା ଖୋଲିବାକୁ ଧମକ ଦେବାରୁ ସେ ସାର୍ଟ ଖୋଲିଥିଲେ। ରାତି ୧ଟା ପରେ ବାପ-ପୁଅଙ୍କୁ ପୁଲିସ ଛାଡ଼ିଥିଲା।

ପୁଲିସ ମାଡ଼ରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ମାନବାଧିକାର କମିସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଥାନାର ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ରୋଜାଲିନ ବେହେରା କହିଛନ୍ତି ଯେ ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ନାବାଳକ ଓ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ମାତ୍ର ପୁଲିସ ମାଡ଼ ମାରିଥିବା ଅଭିଯୋଗ ସତ ନୁହେଁ।

**ବାଲ୍‌କୋନୀ ଭୁଶୁଡ଼ି ୩ ଜଣଙ୍କ ମୃତ୍ୟୁ ଘଟଣା**

# ୨୪ ଘଣ୍ଟାରେ ଯାଞ୍ଚ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କଟକ, ୯ା୧୧(ସମିସ): ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ଗତକାଲି ରାତିରେ ବକ୍ସିବଜାର ଅଞ୍ଚଳର ମଣିସାହୁ ଛକ ନିକଟରେ ଏକ ପୁରୁଣା କୋଠାର କିଛି ଅଂଶ ଭୁଶୁଡ଼ି ପଡ଼ି ଗୋଟିଏ ପରିବାରର ୩ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା। କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକ ଅନୁମତି ହାସଲ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ କରିଛନ୍ତି। ସେଥିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ଆଦି ସଭ୍ୟ ଭାବେ ରହିଛନ୍ତି। ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକ ଦସ୍ତାବିଜ୍ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ଏହି ଯାଞ୍ଚ କମିଟି ସଂପୃକ୍ତ କୋଠାର ନିର୍ମାଣ ଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବେ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ତାହା ମଧ କମିଟି ଯାଞ୍ଚ କରିବେ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସଂପୃକ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ନିଷ୍କର୍ଷ ଏବଂ ସୁପାରିସ ସହ ଏକ ସଂପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

# ଉପନିର୍ବାଚନରେ ହିଂସାକାଣ୍ଡ ଆଶଙ୍କା କଲା ବିଜେଡି

ଭୁବନେଶ୍ୱର, ୯ା୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି କେବଳ ସରକାରୀ କଳର ଦୁରୁପଯୋଗ କରି ନାହିଁ ବରଂ ଅପରାଧୀଙ୍କୁ ଆଣି ନିର୍ବାଚନ କାମରେ ଲଗାଇଛି। ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ ଗୁଣ୍ଡା, ଅପରାଧୀ ଭରିଗଲେଣି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି। ସେ କହିଛନ୍ତି ଯେ ବିଜେପି ସବୁ ପ୍ରକାର ବେଆଇନ କାମରେ ଲିପ୍ତ ରହିଛି। ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ବିଜେପି ପଛାଇ ନାହିଁ। ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେପିକୁ ସହଯୋଗ କରିବା ପାଇଁ ଛତିଶଗଡର ଗୁଣ୍ଡା ମାନେ ଆସି ନୂଆପଡାରେ ଡେରା ପକାଇଛନ୍ତି। ଭୋଟ ପୂର୍ବରୁ ସେମାନେ ଅପରାଧ ଘଟାଇବା ସହ ଭୋଟରଙ୍କୁ ଭୟଭୀତ କରିପାରନ୍ତି। ନୂଆପଡାରେ ରକ୍ତପାତ ଆଶଙ୍କା ରହିଛି। ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ବିଜେପି ନୂଆପଡ଼ା ଆଣିଛି। ପୁଲିସ ଓ ଜିଲ୍ଲା ପ୍ରଶାସନକୁ ବିଜେପି ନିଜ ଇସାରାରେ ନଚାଉଛି। ତେଣୁ ଛତିଶଗଡ଼ର ଅପରାଧିକ ପ୍ରବୃତ୍ତିର ଲୋକ ନୂଆପଡ଼ା ନିର୍ବାଚନରେ ଉତ୍ପାତ ଆରମ୍ଭ କରିବା ପାଇଁ ସଜବାଜ ହେଉଥିଲେ ସୁଦ୍ଧା ସବୁ ଜାଣି ପ୍ରଶାସନ ନିରବ ବସିଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ସେମାନଙ୍କୁ ନୂଆପଡ଼ାରୁ ବାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ମର୍ମନ୍ତୁଦ ଦୁର୍ଘଟଣାରେ ଯୁବକ ମୃତ

ବଣାଇଁ, ୯ା୧୧(ସମିସ): ବଣାଇଁ ଥାନା ନରେନ୍ଦ୍ର ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଭାରିଯାନ ମାଡ଼ି ଯିବାରୁ ଘଟଣାସ୍ଥଳରେ ହିଁ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଜୀବିକା ଗ୍ରାମର ସନ୍ତୋଷ କୁମାର ନନ୍ଦ(୪୮) ତାଙ୍କ ବାଇକ୍ ଯୋଗେ ନରେନ୍ଦ୍ର ଛକକୁ ଆସି ସନ୍ଧ୍ୟା ପ୍ରାୟ ୫ଟାରେ ଘରକୁ ଫେରୁଥିଲେ। ଫେରିବା ବେଳେ ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ବାଇକ୍‌କୁ ଛିଡ଼ା କରି ପରିସ୍ରା ପାଇଁ ଯିବା ବେଳେ ଗୁରୁଣ୍ଡିଆ ପଟୁ ନରେନ୍ଦ୍ର ଅଭିମୁଖେ ଆସୁଥିବା ୧୪ଚକିଆ ଏକ ପିଚୁ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଉତ୍ତ୍ୟକ୍ତ ଲୋକେ ଗୁରୁଣ୍ଡିଆ ରାସ୍ତା ସହ ୧୪୩ ନମ୍ବର ଜାତୀୟ ରାଜପଥର ନରେନ୍ଦ୍ର ଛକରେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହକୁ ପୁଲିସ ଘଟଣାସ୍ଥଳରୁ ନେଇପାରିନଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଦ ହଜାଇଛନ୍ତି...

ସେମାନଙ୍କର ନିଦ ହଜାଇ ଦେଇଛନ୍ତି ମହିଳା ଭୋଟର। ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୬୫.୦୮ ପ୍ରତିଶତ ରେକର୍ଡ ମତଦାନ ହୋଇଥିଲା, ଯାହାକି ବିହାର ନିର୍ବାଚନ ଇତିହାସରେ ପ୍ରଥମ। ଗତ ୨୦୨୦ ନିର୍ବାଚନ ତୁଳନାରେ ଏହା ୮ ପ୍ରତିଶତ ଅଧିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପ୍ରଥମ ପର୍ଯ୍ୟାୟରେ ମହିଳା ଭୋଟରଙ୍କ ସଂଖ୍ୟା ପୂର୍ବ ତୁଳନାରେ ଅଧିକ। ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ପ୍ରତି ବୁଥରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ହାର ଥିଲା ଅଧିକ। ଏଭଳି ମତଦାନ ହାରକୁ ନେଇ ସମସ୍ତ ରାଜନୈତିକ ଦଳ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ସେମାନଙ୍କର ଭୋଟ୍ କୁଆଡ଼େ ଯାଇଛି, ତାହା କେହି ଅନୁମାନ କରିପାରୁ ନାହାନ୍ତି। ଏହାକୁ ନେଇ ସେମାନେ ଗୋଟିଏ ପ୍ରକାର ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ମନ ବୁଝାଇବା ଲାଗି ବିଜୟୀ ହେବେ ବୋଲି ଦାବି କରୁଛନ୍ତି। କ୍ଷମତାସୀନ ଏନ୍‌ଡିଏ କହୁଛି ସେ ନୀତୀଶ ସରକାରଙ୍କ ସୁଶାସନ ସପକ୍ଷରେ ଅଧିକ ଭୋଟ ଯାଇଛି। ଅନ୍ୟପକ୍ଷରେ ବିରୋଧୀ ଆରଜେଡି ନେତା କହୁଛନ୍ତି ଯେ ଏହା ସରକାର ବିରୋଧୀ ଭୋଟ ଆଡ଼କୁ ଇଙ୍ଗିତ କରୁଛି। କିନ୍ତୁ କେହି ନିଶ୍ଚିତ ନୁହନ୍ତି। ଏପରିକି ନିର୍ବାଚନ ବିଶେଷଜ୍ଞମାନେ ମଧ ଦ୍ୱନ୍ଦ୍ୱରେ ଅଛନ୍ତି। ଏଭଳି ଅତ୍ୟଧିକ ଭୋଟ୍ ହାର କ'ଣ ସୂଚାଉଛି, ସେମାନେ ମଧ ଆକଳନ କରି ପାରୁ ନାହାନ୍ତି। ଏଭଳି ଭୋଟ୍ ହାର ସେମାନଙ୍କ ନିର୍ବାଚନ ଗଣିତକୁ ଓଲଟପାଟ କରିପକାଇଛି।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ବିବାଦ ମଧ୍ୟରେ ହେଉଥିବା ଏହି ନିର୍ବାଚନର ଫଳାଫଳ ଆସନ୍ତା ୧୪ ତାରିଖରେ ଘୋଷଣା ହେବ। ଉକ୍ତ ଦିନ ଭୋଟଗଣତିରୁ ହିଁ ସ୍ପଷ୍ଟ ହୋଇଯିବ ଭୋଟ୍ କାହା ସପକ୍ଷରେ ଯାଇଛି।

ଏଭଳି ପରିସ୍ଥିତି ମଧ୍ୟରେ ସମସ୍ତ ରାଜନୈତିକ ଦଳ ପ୍ରଚାରର ଶେଷ ଦିନରେ ନିଜ ନିଜର ସ୍ଥିତିକୁ ମଜବୁତ କରିବା ଲାଗି ସବୁ ପ୍ରକାର ଶକ୍ତି ଖଟାଇ ଦେଇଛନ୍ତି। ବିଜେପି ମେଣ୍ଟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହ ଆଜି ବିଭିନ୍ନ ସ୍ଥାନରେ ରାଲି କରିଥିବା ବେଳେ ଆରଜେଡି ମେଣ୍ଟ ପାଇଁ ତେଜସ୍ୱୀ ଯାଦବ ଓ ରାହୁଲ ଗାନ୍ଧୀ ପ୍ରମୁଖ ବିଭିନ୍ନ ସ୍ଥାନରେ ଜନସଭା କରିଛନ୍ତି।

ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମଙ୍ଗଳବାର ମତଦାନ ହେବାକୁ ଯାଉଛି। ଏଥିରେ ୧୦୧ଟି ସାଧାରଣ ବର୍ଗ, ୧୯ ଅନୁସୂଚିତ ଜାତି, ୨ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି। ଏହି ପର୍ଯ୍ୟାୟରେ ୩ କୋଟି ୭୦ ଲକ୍ଷ ୧୩ ହଜାର ୫୫୬ ଭୋଟର ନିଜ ପ୍ରତିନିଧିଙ୍କୁ ନିର୍ବାଚିତ କରିବେ। ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ୬୫.୦୮ ରେକର୍ଡ ମତଦାନ ହୋଇଥିଲେ। ବିହାର ନିର୍ବାଚନ ଇତିହାସରେ ଏହା ପ୍ରଥମ ଘଟଣା। ଏଥିରେ ମହିଳାମାନେ ସର୍ବାଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ।

### କ୍ଷେତ୍ର ଛାଡ଼ିଲେ...

ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା ମଇଦାନରେ ରହିଛନ୍ତି। ସେହିପରି ଅନ୍ୟ ୮ ଜଣ ପ୍ରାର୍ଥୀ ସ୍ୱାଧୀନ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନମଣ୍ଡଳୀର ୩୫୮ଟି ବୁଥ୍‌ରେ ମୋଟ ୨,୫୩,୬୨୪ ଜଣ ମତଦାତା ତାଙ୍କର ମତାଧିକାର ସାବ୍ୟସ୍ତ କରିବେ। ମୋଟ ମତଦାତାଙ୍କ ମଧ୍ୟରେ ୧,୨୪୧୦୮ ପୁରୁଷ, ୧,୨୯,୪୯୫ ମହିଳା ଭୋଟର ଓ ୨୧ ଜଣ ତୃତୀୟଲିଙ୍ଗୀ ରହିଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପ୍ରଚାର ଶେଷ ହେବା ପରେ ଡ଼େରା ପକାଇଥିବା ବାହାର ଜିଲ୍ଲାର ନେତାମାନେ ନୂଆପଡ଼ା ତ୍ୟାଗ କରିଛନ୍ତି । ପ୍ରଚାର ଅବଧି ଶେଷ ହେବା ସାଙ୍ଗକୁ ରବିବାର ଅପରାହ୍ନ ୪ଟାରୁ ନୂଆପଡ଼ାରେ ନୀରନ ଅବଧି ଆରମ୍ଭ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍‌ଏସ୍ ଗୋପାଳନ ସୂଚନା ଦେଇଛନ୍ତି। ସିଇଓ କହିଛନ୍ତି ଯେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅନ୍ୟ ଜିଲ୍ଲାରୁ ଯେଉଁମାନେ ଯାଇଥିଲେ, ସେମାନେ ଜିଲ୍ଲା ଛାଡ଼ି ଦେଇଛନ୍ତି। ସାଇଲେଣ୍ଟ ଆୱାରରେ ଏକାକୀ ପ୍ରାର୍ଥୀ ଘର ଘର ବୁଲି ପ୍ରଚାର କରିପାରିବେ। ରାତି ୧୦ଟା ପରେ ସମ୍ପୂର୍ଣ୍ଣ ପ୍ରଚାର ବନ୍ଦ ରହିବ। ସେହିପରି ପୋଲିଂ ପାର୍ଟି ସୋମବାର ବାହାରି ସନ୍ଧ୍ୟା ସୁଦ୍ଧା ବୁଥ୍‌ରେ ପହଞ୍ଚିବେ। ସବୁ ବୁଥ୍‌ରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ରହିବେ। ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୫୭ଟି ସମ୍ବେଦନଶୀଳ ବୁଥ୍ ଅଛି ଓ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହେବ ବୋଲି ସିଇଓ ଆଶା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରଚାର ଶେଷ ପରେ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଅନ୍ୟ ଅଞ୍ଚଳର ନେତାଙ୍କୁ ନୂଆପଡ଼ା ବିଧାନସଭା କ୍ଷେତ୍ର ବାହାରକୁ ଚାଲିଯିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବିଜେଡି, କଂଗ୍ରେସର ଅଧିକାଂଶ ନେତା ଜିଲ୍ଲା ବାହାରକୁ ଚାଲି ଯାଇଛନ୍ତି । ଅନ୍ୟପକ୍ଷରେ ବିଜେପିର କିଛି ନେତା ଓ ଛତିଶଗଡ଼ ଅଞ୍ଚଳରୁ ଆମଦାନୀ ହୋଇଥିବା ଅନେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ଏବେ ମଧ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରହିଥିବା କଂଗ୍ରେସ ଅଭିଯୋଗ କରିଛି । ତେଣୁ ସେମାନଙ୍କୁ ତୁରନ୍ତ ନିର୍ବାଚନମଣ୍ଡଳୀ ବାହାରକୁ ବିଦା କରିବାକୁ କଂଗ୍ରେସ ଦାବି କରିଛି। ଅନୁରୂପ ଭାବରେ ବିଜେଡି ମଧ ଅନୁରୂପ ଅଭିଯୋଗ କରିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏ ସଂକ୍ରାନ୍ତରେ ଫେରାଦ ହୋଇଛି । ଛତିଶଗଡ଼ୀ ଗୁଣ୍ଡାଙ୍କୁ ତୁରନ୍ତ ବିଦା କରିବାକୁ ବିଜେଡି ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି।

### ଆଗକୁ ବ୍ୟାଙ୍କର...

ବ୍ୟାଙ୍କଗୁଡ଼ିକୁ ବିଶ୍ୱର ସର୍ବବୃହତ୍ ଆର୍ଥିକ ପ୍ରତିଷ୍ଠାନଗୁଡିକର ସମକକ୍ଷ କରିବ ତାହା ନୁହେଁ; ବରଂ ଏହା ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ମଧ ପୂରଣ କରିବାରେ ବଡ଼ ଭୂମିକା ନିର୍ବାହ କରିବ। ବାସ୍ତବରେ ବିଶ୍ୱର ଶ୍ରେଷ୍ଠ ୨୦ ବ୍ୟାଙ୍କ ତାଲିକାରେ ଭାରତର କୌଣସି ବ୍ୟାଙ୍କର ନାମ ନାହିଁ। ତେଣୁ ଅତି କମ୍ରେ ଏହି ସୂଚୀରେ ଭାରତର ୨ ବିଶ୍ୱସ୍ତରୀୟ ବ୍ୟାଙ୍କ ରହୁ ବୋଲି ସରକାର ଯୋଜନା କରୁଛନ୍ତି। କାରଣ ବିକଶିତ ଭାରତ ୨୦୪୭ର ରୋଡ୍‌ମ୍ୟାପ୍ ଏଭଳି ଏକ ଅର୍ଥନୀତିର କଳ୍ପନା କରେ, ଯାହା ଦେଶର ବିକାଶ ପାଇଁ ନିଜେ ପାଣ୍ଠି ଯୋଗାଇପାରିବ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ବ୍ୟାଙ୍କିଙ୍ଗ ସିଷ୍ଟମ ଏତେ ମଜଭୁତ ହେବା ଦରକାର, ଯେପରି ଗ୍ରୀନ୍ ଏନର୍ଜି, ସ୍ମାର୍ଟ ସିଟି ଏବଂ ଆଡଭାନ୍ସ ମାନୁଫ୍ୟାକ୍‌ଚରିଂ ଭଳି କ୍ଷେତ୍ର ପାଇଁ ବଡ଼ ଆକାରର ଋଣ ଦେଇପାରିବ। ନଭେମ୍ବର ୬ରେ ଏସ୍‌ୟୁଆଇର ଏକ କନ୍‌କ୍ଲେଭରେ ଯୋଗଦେଇ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂକେତ ଦେଇଥିଲେ। ଦେଶକୁ ଅନେକ ବଡ଼, ବିଶ୍ୱସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ଅଛି। ଆମକୁ ଆର୍‌ବିଆଇ ଓ ବ୍ୟାଙ୍କଗୁଡ଼ିକ ସହିତ ବସି ଆଲୋଚନା କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ। ତେବେ ପୂର୍ବରୁ ବି କିଛି ବ୍ୟାଙ୍କର ମିଶ୍ରଣ କରାଯାଇସାରିଛି। ହେଲେ ଏଥର ଯେଉଁ ମିଶ୍ରଣ କରାଯିବ ତା ପଛରେ ଏକ ବଡ଼ ଉଦ୍ଦେଶ୍ୟ ଲୁଚି ରହିଛି। ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦୀର୍ଘ ବର୍ଷରୁ ଖଣ୍ଡବିଖଣ୍ଡିତ ହୋଇ ରହିଆସିଛି। ଅନେକ ସରକାରୀ ବ୍ୟାଙ୍କ ବିଭିନ୍ନ ସ୍ତରରେ ସମାନ ପ୍ରକାରର ସୁବିଧା ଯୋଗାଇ ଆସୁଥିଲେ। ହେଲେ କିଛି ବ୍ୟାଙ୍କ ଦୁର୍ବଳ ପ୍ରଦର୍ଶନ କରୁଥିବାରୁ ସେମାନଙ୍କୁ ମଜଭୁତ ବ୍ୟାଙ୍କ ସହିତ ମିଶାଇ ଦିଆଯାଇଥିଲା। ଫଳରେ ସେମାନଙ୍କ ସ୍ଥିତିରେ ସୁଧାର ଆସିଥିଲା।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣର ପ୍ରଥମ ପର୍ଯ୍ୟାୟ ୨୦୧୯-୨୦ ଆର୍ଥିକ ବର୍ଷରେ ହୋଇଥିଲା। ୨୦୧୯ ଅଗଷ୍ଟରେ ସରକାର ୪ଟି ବଡ଼ ସରକାରୀ ବ୍ୟାଙ୍କର ମିଶ୍ରଣ ଘୋଷଣା କରିଥିଲେ। ବ୍ୟାଙ୍କଗୁଡ଼ିକୁ ମିଶ୍ରଣ କରାଇ ୫ଟି ବଡ଼ ବ୍ୟାଙ୍କ ଗଠନ କରାଯାଇଥିଲା। ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ପୂର୍ବର ୨୭ ରୁ ହ୍ରାସ ପାଇ ମାତ୍ର ୧୨ ହୋଇଯାଇଥିଲା। ଏହି ମିଶ୍ରଣ ୨୦୨୦ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହୋଇଥିଲା। ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସକୁ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ସହିତ ବିଲୟ କରାଯାଇଥିଲା। ସେହିପରି ସିଣ୍ଡିକେଟ୍ ବ୍ୟାଙ୍କକୁ କାନାରା ବ୍ୟାଙ୍କ ସହିତ ଏବଂ ଆଲ୍ଲାହାବାଦ ବ୍ୟାଙ୍କକୁ ଇଣ୍ଡିଆନ୍ ବ୍ୟାଙ୍କ ସହିତ ମିଶ୍ରଣ କରାଯାଇଥିଲା। ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ୍ ବ୍ୟାଙ୍କକୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ମିଶ୍ରଣ କରିଥିଲେ ସରକାର। ତେବେ ତା ପୂର୍ବରୁ ୨୦୧୯ ରେ, ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦାରେ ମିଶାଇ ଦିଆଯାଇଥିଲା।

ଏହାର ଲକ୍ଷ୍ୟ ଥିଲା ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା ଯାହାର ବାଲାନ୍ସ ସିଟ୍ ମଜଭୁତ ହେବ ସହ ଏହା ଅଧିକ ଲୋକଙ୍କୁ ସେବା ଦେଇପାରିବ। ଏହି ପଦକ୍ଷେପ ଦ୍ୱାରା ବ୍ୟାଙ୍କର ଦକ୍ଷତା ସାମାନ୍ୟ ବୃଦ୍ଧି ହୋଇଥିଲା। ଏହା ସହ ଅନେକ ଛୋଟ ବ୍ୟାଙ୍କ ଭଲ ସ୍ଥିତିକୁ ଆସିଥିଲେ। ତଥାପି, ଏହି ସଂସ୍କାର ପରେ ମଧ ଭାରତ ବିଶ୍ୱ ବ୍ୟାଙ୍କିଂ ର୍‍ୟାଙ୍କିଂରେ ଉଲ୍ଲେଖନୀୟ ଭାବରେ ଅଭିବୃଦ୍ଧି ହୋଇ ନ ଥିଲା। ସେହି ମିଶ୍ରଣ ପରଠାରୁ ଭାରତରେ ବର୍ତ୍ତମାନ ମୋଟ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବା ପିଏସ୍‌ୟୁ କାର୍ଯ୍ୟ ଜାରି ରଖିଛନ୍ତି। କିନ୍ତୁ ସମ୍ପତ୍ତି ଅନୁସାରେ ବିଶ୍ୱ ବ୍ୟାଙ୍କର ଶ୍ରେଷ୍ଠ ୫୦ ତାଲିକାରେ ଭାରତର କେବଳ ଗୋଟିଏ ପିଏସ୍‌ୟୁ ସ୍ଥାନ ପାଇଛି। ତାହା ହେଉଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ୟୁଆଇ)। ଏସ୍‌ଆଣ୍ଡପି ର୍‍ୟାଙ୍କିଙ୍ଗ୍ ଅନୁସାରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୪୩ତମ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୭୩ତମ ସ୍ଥାନ ସହ ଶ୍ରେଷ୍ଠ ୧୦୦ ବିଶ୍ୱ ବ୍ୟାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ବିଶ୍ୱସ୍ତରୀୟ ବ୍ୟାଙ୍କ ତାଲିକାରେ ଶ୍ରେଷ୍ଠରେ ଚୀନ୍‌ର ବ୍ୟାଙ୍କ ରହିଥିବା ବେଳେ ଶୀର୍ଷ ୨୦ ଭିତରେ ମଧ ଚୀନ୍‌ର ୭ଟି ବ୍ୟାଙ୍କ ରହିଛି। ଭାରତରେ ଥିବା ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୋଟ ସମ୍ପତ୍ତି ସମ୍ପତ୍ତି ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୧୭୧ ଟ୍ରିଲିୟନ ଟଙ୍କା ବା (୧.୯୫ ଟ୍ରିଲିୟନ ଡଲାର) ରହିଛି।

### ସୁଖଦୁଃଖର ସାଥୀ...

ଓ ଦୁଃଖର ସାଥୀ ହୋଇ ରହିବେ। ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ମା' ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ମିଶନ ଶକ୍ତି ମା'ମାନେ ହଇରାଣ ହୋଇ ଚାଲୁଛନ୍ତି; ଓଡ଼ିଶାର ସୁନାମ ନଷ୍ଟ ହେଉଛି। ଏମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରି ଦେଇଛନ୍ତି। ଏଥିପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି। ଏ ସରକାର ମହିଳା, ଆଦିବାସୀ ଓ ବିକାଶର ବିରୋଧୀ। ତେଣୁ ଆପଣମାନଙ୍କ ସହଯୋଗରେ ବିଜେପିର ପରାଜୟ ନୂଆପଡ଼ାରୁ ହିଁ ଆରମ୍ଭ ହେବ। ତେଣୁ ଆଗାମୀ ୧୧ ତାରିଖରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଆଶୀର୍ବାଦ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏହାସହ ତାଙ୍କର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଓଡ଼ିଶା ମା' ଓ ନୂଆପଡ଼ାବାସୀଙ୍କ ସେବା କରି ଚାଲିବେ ବୋଲି ନବୀନ ନିଜ ବାର୍ତ୍ତାରେ କହିଛନ୍ତି।

### ଅଜଣା ଗାଡ଼ି...

ଯାଇଥିଲେ। ସାଥିରେ ତାଙ୍କ ମା' ମଞ୍ଜୁ ମଧ ଯାଇଥିଲେ। ସେଠାରୁ ଖୁସିରେ ଫେରିବା ବେଳେ ରେଢ଼ାଖୋଲ ସହରର ଡିମିରିକୁଦା ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଢାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ମଞ୍ଜୁଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବାଇକ୍ ଧକ୍କାରେ...

ଗାଁକୁ ଫେରୁଥିଲେ। ଏତିକିବେଳେ ଖଜାପଲ୍ଲୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ମିଟୁଙ୍କୁ ପୋଲସରା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କାଶୀନାଥଙ୍କୁ କୋଦଳା ମେଡ଼ିକାଲରେ ମୃତ ଘୋଷଣା କରାଯାଇଥିଲା।

### ୧୫ ଡିଗ୍ରୀ ତଳେ...

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଡ଼ୋଶୀ ଛତିଶଗଡ଼ ସାଙ୍ଗକୁ ଝାଡ଼ଖଣ୍ଡରେ ଶୀତ ଲହରୀ ପରସ୍ଥିତି ସମ୍ଭାବନା ସୃଷ୍ଟି ହୋଇଛି। ଉପଗ୍ରହରୁ ମିଳିଥିବା ଜଳୀୟବାଷ୍ପ ସମ୍ପର୍କିତ ସୂଚନା ଅନୁଯାୟୀ ରାଜ୍ୟରେ ଜଳୀୟବାଷ୍ପର ଦୃଷ୍ଟାନ୍ତମୂଳକ ହ୍ରାସ ସହ ରାଜ୍ୟକୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ହେଉଛି। ତେଣୁ ଅନେକ ସ୍ଥାନରେ ତାପମାତ୍ରା ହ୍ରାସ ଘଟିବାରେ ଲାଗିଥିବା ବେଳେ ଚଳିତ ସପ୍ତାହ ଶେଷ ଆଡ଼କୁ ରାଜ୍ୟରେ ମଧ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବାର ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଫୁଲବାଣୀ ଓ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସକୁ ଖସିବାର ଆଶଙ୍କା ରହିଛି। ସେହିଭଳି ଅନୁଗୋଳରେ ୧୩ ଡିଗ୍ରୀ, କୋରାପୁଟ, ରାଉରକେଲା ଓ ଝାରସୁଗୁଡାରେ ୧୪ ଡିଗ୍ରୀ, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକରେ ୧୫ଡିଗ୍ରୀ ଏବଂ ସୁନ୍ଦରଗଡରେ ୧୬ ଡିଗ୍ରୀ ତାପମାତ୍ରା ରହିପାରେ।

### ଲୁଟ୍ ପାଇଁ ଗୁଳି...

ତାଙ୍କ ପାଖରେ ଥିବା ୫୦ ହଜାର ଟଙ୍କା ଲୁଟିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଥିରେ ହାରା ବାଧା ଦେବାରୁ ସେମାନେ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ହାରା ତଳେ ପଡ଼ି ଛଟପଟ ହେଉଥିବା ଦେଖି ସେମାନେ ଟଙ୍କାତକ ଲୁଟି ନେଇ ସେଠାରୁ ଫେରାର୍ ହୋଇଯାଇଥିଲେ। ଅପରପକ୍ଷେ, ଗୁଳିକାଣ୍ଡ ଯୋଗୁଁ ହାରାଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ଖବର ଲେଖା ହେବା ସୁଦ୍ଧା ହତ୍ୟାକାରୀଙ୍କ ସଂପର୍କରେ ପୁଲିସ୍ ଟେର୍ ପାଇପାରିନାହିଁ। କେତେଜଣ ଦୁର୍ବୃତ୍ତ ଏହି ହତ୍ୟାକାଣ୍ଡରେ ସାମିଲ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଚଳାଇଛି।

### ଚାଷୋପଯୋଗୀ ହେଉନି...

କେଜି ଲେଖାଏଁ ମାଗଣା ବିହନ ପ୍ରଦାନ କରୁଛନ୍ତି। ଚଳିତ ବର୍ଷ କେବଳ ରବି ଋତୁରେ ପ୍ରାୟ ୬୩୦୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପ୍ରାୟ ୧୨୬୦ କୁଇଣ୍ଟାଲ୍ ବିହନ ଚାଷୀଙ୍କୁ ମାଗଣାରେ ପ୍ରଦାନ କରାଯିବ। ସରକାର ସାର୍ଟିଫାଏଡ୍ ମୁଗ ବିହନ ପ୍ରଦାନ କରୁଛନ୍ତି। ଏହାର ମୋଟ୍ ୭ଟି ପ୍ରକାରଭେଦ ରହିଛି। ରାଜ୍ୟର ଜଳବାୟୁ ଦୃଷ୍ଟିରୁ ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ମୁଗ ବିହନ ପ୍ରଦାନ କରାଯାଉଛି। ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ଏତେସବୁ ପ୍ରୋତ୍ସାହନ ସତ୍ତ୍ୱେ ମଧ ସରକାରୀ ବିହନ ଲାଭଜନକ ହୋଇପାରୁନି। ଅନେକ ସ୍ଥାନରେ ବିହନ ଗଜା ହେଉନି। ଉତ୍ତମ ଅଙ୍କୁରୋଦ୍‌ଗମ ହେଉଥିବା ସ୍ଥାନରେ ଗଛ ବଡ଼ ହେବା ପରେ ପୋକ ଲାଗୁଛନ୍ତି। ଧଳା ମାଛି କୁହାଯାଉଥିବା ଏକ ପୋକ ସହଜରେ ଓ ଅଧିକ ମାତ୍ରାରେ ଲାଗୁଛନ୍ତି। ଫଳରେ ଗଛର ପତ୍ର ହଳଦିଆ ପଡ଼ିଯାଉଛି। ଆବଶ୍ୟକତା ଅନୁସାରେ ଗଛ ବଢ଼ି ନ ପାରିବା ସହ ଫଳ ମଧ କମୁଛି। ଯେତିକି ଫଳ ଆସୁଛି, ତହିଁରେ ମଞ୍ଜି ପଡୁନାହିଁ। ବହୁ ବର୍ଷ ଧରି ଏପରି ସ୍ଥିତି ଲାଗି ରହିଥିବାରୁ ସରକାରୀ ବିହନକୁ ଚାଷୀମାନେ ଭରଷା କରିପାରୁ ନାହାନ୍ତି।

ବିଶେଷଜ୍ଞଙ୍କ କହିବା କଥା, ମୁଗ ଚାଷ ମାଟି ବାରେ। ଅର୍ଥାତ୍ ଗୋଟିଏ ଅଞ୍ଚଳର ମୁଗକୁ ଆଉ ଗୋଟିଏ ଅଞ୍ଚଳରେ ଚାଷ କଲେ ଆଶାଜନକ ଫସଲ ହୋଇ ନ ଥାଏ। ସେହିପରି ଚାଷ ପଦ୍ଧତି ମଧ ନିୟମିତ ଭାବେ ପରିବର୍ତ୍ତନ କରିବାକୁ ପଡ଼େ। ସରକାରୀ ବିହନ ଚାଷ କଲେ ବୁଣିବା ସମୟରେ ଥଣ୍ଡା ପାଗ ଆବଶ୍ୟକ। ଫୁଲ ହେବା ସମୟରେ ପାଣି ମଧ ଆବଶ୍ୟକ କରିଥାଏ। ମୁଖ୍ୟତଃ ରାଜ୍ୟର ଉପକୂଳ ଅଞ୍ଚଳରେ ମୁଗ ଚାଷ କରାଯାଉଥିବାବେଳେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ। ଏଣୁ ଫୁଲ ଆସିବା ସମୟରେ ଜଳସେଚନ ଏକ ପ୍ରକାର ଅସମ୍ଭବ ହେଉଛି। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରି ରାଜ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ଯେଉଁ ବର୍ଷା ହେଉଛି, ତାହା ଫର୍ଟିଫାଏଡ୍ ବିହନ ପାଇଁ ବରଦାନ ସାବ୍ୟସ୍ତ ହେବା ସହ ଉତ୍ତମ ଫଳ ଦେଉଛି। ଓଡ଼ିଶାରେ ମାଟିର ଆର୍ଦ୍ରତା ଓ କାକରକୁ ଭିତ୍ତିକରି ହିଁ ମୁଗ ଚାଷ କରାଯାଉଥିବାରୁ ସରକାରୀ ବିହନ ଲାଭଦାୟକ ହେଇପାରୁ ନାହିଁ।

ଅପରପକ୍ଷରେ ସରକାର ଯୋଗାଉଥିବା ବିହନର ଉତ୍ପାଦନ କ୍ଷମତା ଆମ ରାଜ୍ୟର ବିହନ ବା ଦେଶୀ ବିହନ ଠାରୁ ଯଥେଷ୍ଟ ଅଧିକ। ସରକାରୀ ବିହନ ଏକର ପ୍ରତି ୫ରୁ ୬ କୁଇଣ୍ଟାଲ ପର୍ଯ୍ୟନ୍ତ ମଧ ଅମଳ ଦେଉଥିବାବେଳେ ରାଜ୍ୟର ବିହନ ବା ଦେଶୀ ବିହନ ମାତ୍ର ୩ରୁ ୩.୫ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଉଛି। ସରକାରୀ ବିହନ ଦୁଇଗୁଣା ଅମଳକ୍ଷମ ହୋଇଥିଲେ ମଧ ଓଡ଼ିଶାରେ ଫଳପ୍ରଦ ହୋଇପାରୁନି। ଚାଷୀମାନେ ସରକାରୀ ବିହନ ଚାଷ କରି କ୍ଷତି ସହୁଥିବାରୁ ଆଉ କେହି ଚାଷ କରୁ ନାହାନ୍ତି। ନିଜେ ରଖିଥିବା ବିହନକୁ ଚାଷ କରୁଛନ୍ତି। ସରକାର ଦେଉଥିବା ବିହନକୁ ଡାଲି କରି ଖାଇବାକୁ ଉଚିତ୍ ମଣୁଛନ୍ତି। ଗବେଷକଙ୍କ ମତରେ ସରକାର ପ୍ରଦାନ କରୁଥିବା ବିହନର ରୋଗ ପ୍ରତିରୋଧକ ଶକ୍ତି ଦେଶୀ ବିହନ ତୁଳନାରେ କମ୍ ରହୁଛି। ଏଣୁ ଧଳା ପୋକ ଲାଗିଲେ ଖୁବ୍‌ଶୀଘ୍ର ପତ୍ର ହଳଦିଆ ହୋଇଯାଉଛି। ଯାହା ଦେଶୀ ବିହନ କ୍ଷେତ୍ରରେ ପ୍ରାୟତଃ ହୋଇ ନ ଥାଏ। ଏଣୁ ରାଜ୍ୟରେ ମୁଗ ଉତ୍ପାଦନକୁ ବ୍ୟାପକ କରିବାକୁ ହେଲେ ସ୍ଥାନୀୟ ବିହନକୁ ପ୍ରାଥମିକତା ଦେବାକୁ ପଡ଼ିବ। ଦେଶୀ ବିହନ ଉପରେ ଗବେଷଣା କରି ଅଧିକ ଅମଳକ୍ଷମ କରିବାକୁ ହେବ। ବିଭିନ୍ନ ଜଳବାୟୁରେ ହେଉଥିବା ମୁଗକୁ ସଂଗ୍ରହ କରି ଅଧିକ ଗବେଷଣା କଲେ ଅଧିକ ଅମଳକ୍ଷମ ବିହନ ପ୍ରସ୍ତୁତ ହୋଇପାରିବ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବୈଜ୍ଞାନିକ ପ୍ରଫେସର ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ସେହିପରି ଜଳସେଚନ ଥିବା ଜମିରେ ସରକାରୀ ବିହନକୁ ଚାଷ କରି ଯତ୍ନ ନେଲେ ଭଲ ଅମଳ ହୋଇପାରିବ ବୋଲି ବୈଜ୍ଞାନିକ ସୀମାଞ୍ଚଳ ସାହୁ କହିଛନ୍ତି। ଜଳବାୟୁ ଉପଯୋଗୀ ଉନ୍ନତ ବିହନ ଯୋଗାଇ ଦିଆଗଲେ ମୁଗ ଉତ୍ପାଦନ ବଢ଼ିବା ସହ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।

**AFFIDAVIT**

By virtue of an affidavit No.sworn before NotaryPublic, Biswanathpur, Kalahandi, on dt.06.11.2025, I, Chaitanya Sahu, At–Palam, Po–Palam, Ps–Kesinga, Dist- Kalahandi, PIN-766101, do hereby declare that I have changed my name from Chitanya Sahu to Chaitanya Sahu & Date of Birth from 17.07.2005 to 24.06.2005. Henceforth I shall be known as Chaitanya Sahu & my DOB is 24.06.2005 for all purposes.

**NOTICE**

By virtue of an affidavit sworn before the Executive Magistrate Talcher dt. 13.10.2025, I, KALANDI CHARAN SETHI, S/o- Chandramani Sethi, of Vill- Karnapal, PO- Seepur, PS- Samal, SD- Talcher, Dist- Angul, Odisha, Pin- 759103, declare that I have changed my name from KALINDI CHARAN SETHY (old name) to KALANDI CHARAN SETHI (new name). Henceforth I shall be known as KALANDI CHARAN SETHI (new name) for all purposes.
**Kalandi Charan Sethi**

**AFFIDAVIT**

I JAYANTA SAHOO, S/o- JOGI NATH SAHOO, resident of At/Po./Ps.- Kalimela, Dist. - Malkangiri - 764 047, Odisha declare by this Affidavit No.1872, Dated- 08/11/2025, that now onwards I shall be known as **JAYANT SAHOO** for all future purpose.

**AFFIDAVIT**

By virtue of an affidavit before the Notary Public dt. 09/10/25, Basta, Balasore, I, JAMUNA JENA, M/O- Ganesh Chandra Jena of Vill- Guhalipada, P.O-Jamsuli, P.S-Singla, Balasore, Odisha, do hereby solemnly affirm that I have changed my name from **YAMUNA MANI JENA** to **JAMUNA JENA** & D.O.B **28/01/1960** to **11/02/1963**.Hence **YAMUNA MANI JENA**, D.O.B **28/01/1960** & **JAMUNA JENA**, D.O.B **11/02/1963** is one and same person. I request that please update and rectify my name is **JAMUNA JENA**, D.O.B **11/02/1963** in all respects.

**AFFIDAVIT**

By virtue of an affidavit sworn before Court of Notary Soro on dt.1.11.2025 I, Ananga Manjari Dasmukh, W/o- Late Maheswar Dasmukh, At- Bagalpur, Po- Bahanaga, Ps- Khantapada, Dist- Balasore, declare that I have changed my name from Ananga Manjari Desmukh to Ananga Manjari Dasmukh, DOB- 01.01.1967 as per my Adhar Card. Henceforth, I shall be known as Ananga **Manjari Dasmukh** for all purposes.

**AFFIDAVIT**

By virtue of an affidavit no.1527 sworn before the Executive Magistrate Boudh, dtd. 07.11.2025 I, Bijaya Dipa, Village/PO/PS - Purunakatak, Dist- Boudh- 762013, do hereby declare that I have changed my name from Sri Bijay Naik (old name) to Bijaya Dipa (new name). Henceforth I shall be known and called as Bijaya Dipa for all purposes.
**Sd/- Bijaya Dipa**

**NOTICE**

By virtue of an affidavit sworn before The Notary Public, Sunabeda dated 07/11/2025 I Sri. Goura Hingoi, S/o- Balabhadra Hingoi, Vill.- Talageruput, Po.- Malibelgaon, Ps.- Nandapur, District- Koraput declare that, I have changed my daughter's name from **Parml Hingol** to **Pramila Hingoi**. Henceforth, my daughter shall be known as **Pramila Hingoi** for all purposes.
Sd/- Goura Hingoi

### ପୁରୀ ଦଳାଚକଟା ମୃତ୍ୟୁ ରିପୋର୍ଟକୁ ନେଇ ବର୍ଷିଲା କଂଗ୍ରେସ

# ନିର୍ବାଚନ କୋଳାହଳ ଭିତରେ ଉଚ୍ଚ ଅଧିକାରୀଙ୍କୁ କ୍ଲିନ୍‌ଚିଟ୍



**ଭୁବନେଶ୍ୱର, ୯।୧୧(ସମିସ):** ପୁରୀ ରଥଯାତ୍ରା ଦଳାଚକଟାରେ ୩ ଭକ୍ତଙ୍କ ପ୍ରାଣହାନି ଓ ଶତାଧିକ ଆହତ ଘଟଣାରେ ଅନୁସନ୍ଧାନ କମିଟିର ରିପୋର୍ଟ ପ୍ରକାଶକୁ ନେଇ ବର୍ଷିଛି କଂଗ୍ରେସ। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ନୂଆପଡ଼ା ଉପନିର୍ବାଚନର କୋଳାହଳ ଭିତରେ ଏହି ରିପୋର୍ଟ ପ୍ରକାଶକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି।

ଦଳର ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ କହିଛନ୍ତି, ଏଥର ରଥଯାତ୍ରା ତ୍ରୁଟିମୁକ୍ତ ହେବ ଓ ଭକ୍ତ ଦିବ୍ୟ ଅନୁଭୂତି ନେଇ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଘରକୁ ୩ ଜଣଙ୍କ ଶବ ଫେରିଲା ଓ ୫୦୦ ଜଣ ଆହତ ହୋଇ ଫେରିଲେ। ଏହି ଅଘଟଣ ଘଟିବାର ମୁଖ୍ୟ କାରଣ, ରାତ୍ର ୧୨ ଟାରେ ପ୍ରଭୁଙ୍କ ପହୁଡ଼ କରାଗଲା ଓ ଦର୍ଶନ ବନ୍ଦ ହେଲା। ଫଳରେ ଲକ୍ଷାଧିକ ଭକ୍ତ ଦର୍ଶନରୁ ବଞ୍ଚିତ ହେଲେ। ତହିଁ ଆରଦିନ ସକାଳୁ ଭକ୍ତଙ୍କ ସୁଅ ଛୁଟି ଲୋକାରଣ୍ୟ ହୋଇଗଲା। ପୁଣି ସେତେବେଳେ ଚାରମାଳ ନେଇ ଟ୍ରକ୍ ଭିତରକୁ ଆସିବାରୁ ଭିଡ଼ ଅଣାୟତ୍ତ ହୋଇ ଅଘଟଣ ଘଟିଲା। ଏହି ସମୟରେ କେଉଁ ଅଧିକାରୀ ଏହି ଦାୟିତ୍ୱରେ ଥିଲେ ତାଙ୍କ ନାମ ରିପୋର୍ଟରେ ଉଲ୍ଲେଖ ନାହିଁ। ରଥଯାତ୍ରା ପରିଚାଳନା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ ସ୍ତରୀୟ କମିଟି କ'ଣ କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ସେଦିନ ମୁଖ୍ୟ ପ୍ରଶାସକ କେତେବେଳେ ରାତିରେ ଘରକୁ ଫେରିଥିଲେ, ତାହା ମଧ୍ୟ ଯାଞ୍ଚ ହେବା କଥା ବୋଲି କଂଗ୍ରେସ କହିଛି। ଜିଲ୍ଲା ପ୍ରଶାସନ ଓ ଶ୍ରୀ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ରଥଯାତ୍ରା ଅଘଟଣର ମୁଖ୍ୟ କାରଣ। କଂଗ୍ରେସ ଏହାର ଘୋର ନିନ୍ଦା କରିବା ସହିତ ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ସିସିଟିଭି ସଂଖ୍ୟାକୁ ନେଇ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ରଥଯାତ୍ରାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ୨୭୫ ଟି ସିସିଟିଭି ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରକୃତପକ୍ଷେ ୧୬୦/୬୫ ଟି ସିସିଟିଭି ଲାଗିଥିଲା ବୋଲି ସେ କହିଛନ୍ତି। ଅନ୍ୟତମ ପ୍ରବକ୍ତା ଜୟଶ୍ରୀ ପାତ୍ର ନୂଆପଡ଼ା ଉପନିର୍ବାଚନ ସମୟରେ ଘଟଣା ଉପରୁ ସମସ୍ତଙ୍କ ନଜର ହଟାଇବାକୁ ଏହି ରିପୋର୍ଟ ପ୍ରକାଶ ହୋଇଛି ବୋଲି କହିଛନ୍ତି। ଏହି ତଦନ୍ତ ରିପୋର୍ଟରେ ଛୋଟ ମୁଣ୍ଡକୁ ଧରି ବଡ଼ ମୁଣ୍ଡଙ୍କୁ ଖସେଇଦେବାର ଉଦ୍ୟମ ହୋଇଛି ବୋଲି ସେ କହିଛନ୍ତି। ଏହି ରିପୋର୍ଟରେ ଉଚ୍ଚସ୍ତରୀୟ ପୁଲିସ ପ୍ରଶାସନ ଅଧିକାରୀଙ୍କୁ କ୍ଲିନ୍‌ଚିଟ୍ ଦିଆଯିବା ସହ ଏଆଇ କ୍ୟାମେରା ତଥ୍ୟର ସତ୍ୟତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି ବୋଲି ଶ୍ରୀମତୀ ପାତ୍ର କହିଛନ୍ତି।

### ଅନାଥ ପାଳିତ କନ୍ୟାଙ୍କୁ ଆମେରିକାରେ ନିର୍ଯାତନା

## ଓଡ଼ିଶା ଫେରାଇ ଆଣିବାକୁ ଗୁହାରି

**ଭୁବନେଶ୍ୱର, ୯।୧୧(ସମିସ):** ନିଜ ବାପା-ମାଆଠାରୁ ଟ୍ରେନରେ ହଜି ଯାଇଥିବା କୁନି ଝିଅ ପୂଜା ଆମେରିକାରେ ପୋଷ୍ୟ ହେବା ପରେ ଅନେକ ସ୍ୱପ୍ନ ଦେଖିଥିଲା। ହେଲେ ଏବେ ତାକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ମା' ନିର୍ଯାତନା ଦେଉଛି। ତେଣୁ ସେ ଓଡ଼ିଶା ଆସିବାକୁ ଚାହୁଁଛନ୍ତି। ଏନେଇ ସେ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହା ଜୋର୍‌ସୋର୍‌ରେ ଭାଇରାଲ ହେବା ସହ ଚର୍ଚ୍ଚାର ବିଷୟ ପାଲଟିଛି।

୨୧ ବର୍ଷୀୟ ପୂଜାଙ୍କ କାଗପତ୍ର ଅନୁସାରେ ପୂଜା ଓଡ଼ିଶାର କୋଲାଠିଆ ଅଞ୍ଚଳରେ ୨୦୦୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସାନ ଥିବା ବେଳେ ସେ ଟ୍ରେନରେ ବାପା-ମାଙ୍କ ସହ ଯାଉଥିବା ବେଳେ ଅନ୍ୟ ରାଜ୍ୟରେ ହଜି ଯାଇଥିଲେ। ଚାଇଲ୍ଡ ଲାଇନ ଉଦ୍ଧାର କରି ଓଡ଼ିଶା ପଠାଇବା ପରେ ପ୍ରଥମେ ନୀଳଗିରି, ତା'ପରେ ଭୁବନେଶ୍ୱର ନହରକଣ୍ଟାରେ ଥିବା ଏକ କନ୍ୟାଶ୍ରମରେ ରହି ପାଠ ପଢୁଥିଲେ। ୨୦୧୮ ମସିହାରେ ଆମେରିକୀୟ ଦମ୍ପତି ପୂଜାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ନେଇଯାଇଥିଲେ। ପୂଜାର କେହି ନ ଥିବାରୁ ସେ କାହା ସହ ଯୋଗାଯୋଗରେ ନ ଥିଲେ। ୨୦୨୩ ମସିହାରେ ଇନ୍‌ଷ୍ଟାଗ୍ରାମରେ ପୂଜା ବାଲେଶ୍ୱର ଜିଲ୍ଲାର ଅମର ଦାସ ସହ ଯୋଗାଯୋଗରେ ଆସିଲେ। ସ୍କୁଲରେ ପୂଜା ଓ ଅମର ସାଙ୍ଗ ହୋଇ ପଢୁଥିଲେ। ପାଖରେ ମୋବାଇଲ ନ ଥିବାରୁ ଘରେ ଥିବା କମ୍ପ୍ୟୁଟରରୁ ସୋସିଆଲ ମିଡିଆ ମାଧ୍ୟମରେ ପୂଜା ଓଡ଼ିଶା ଫେରିଆସିବା ପାଇଁ ଅନୁରୋଧ କରି ସାଙ୍ଗ ଅମରକୁ ଏକ ଭିଡିଓ ବାର୍ତ୍ତା ପଠାଇଛନ୍ତି।

# ଜଗା ଦୁଆରେ ପୁଅର ଜୀବନ ଭିକ୍ଷା

### ପତିତପାବନଙ୍କ ନିକଟରେ ପୁଅକୁ ଗଡ଼ାଇ ମୁଣ୍ଡ ପିଟିଲେ ବାପା



**ପୁରୀ, ୯।୧୧(ସମିସ):** ଚିକିତ୍ସା ବିଜ୍ଞାନ ଯେଉଁଠି ଫେଲ୍ ମାରେ ସେଠି ମଣିଷ ଅସହାୟ ହୋଇପଡେ। ଶେଷରେ ଭଗବାନଙ୍କ ଉଦ୍ଦେଶ୍ୟରେ ଦୁଇହାତ ଟେକିଦିଏ। କାରଣ ସେ ଚାହିଁଲେ ସବୁକିଛି ସମ୍ଭବ ହୋଇଯାଏ। ମଝିରେ ମଝିରେ ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳେ ଶ୍ରୀମନ୍ଦିର ସିଂହଦ୍ୱାରରେ। ଡାକ୍ତର ଫେରାଇ ଦେବା ପରେ କିଏ ମହାପ୍ରଭୁଙ୍କ ପାଖକୁ ଧାଇଁଆସନ୍ତି ତ ଆଉ କେହି ସିଧା ହସ୍ପିଟାଲ ବେଡ୍‌ରୁ ଷ୍ଟ୍ରେଚରରେ ପହଞ୍ଚିଥାନ୍ତି। ସମସ୍ତଙ୍କର ଶେଷ ଭରସା ଓ ବିଶ୍ୱାସ ହେଉଛନ୍ତି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ରବିବାର ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ସିଂହଦ୍ୱାରରେ, ଯାହା ପ୍ରତିଟି ଶ୍ରଦ୍ଧାଳୁଙ୍କ ଆଖିକୁ ଓଦା କରି ଦେଇଥିଲା। ଜଣେ ଅସହାୟ ବାପା ଜଗା ଦୁଆରେ ନିଜ କୁନି ପୁଅର ଜୀବନ ଭିକ୍ଷା କରିଥିଲେ। ପତିତପାବନଙ୍କ ପାଦପଦ୍ମରେ ୫ ବର୍ଷର ରୋଗିଣା ପୁଅକୁ ଗଡ଼ାଇ ନିଜେ ମୁଣ୍ଡ ପିଟି କାନ୍ଦି ପକାଉଥିଲେ। କାଳିଆ ଠାକୁରଙ୍କ ପାଖରେ ହାତପାତି ନିଜ ପୁଅର ଜୀବନ ପାଇଁ କାକୁତି ମିନତି ହେଉଥିଲେ।

ରବିବାର ସକାଳେ ସିଂହଦ୍ୱାରରେ ଭକ୍ତଙ୍କ ଗହଳି ରହିଥିଲା। ଏହି ସମୟରେ ଜଣେ ଯୁବକ ଦୁଇହାତରେ ତାଙ୍କ ୫ ବର୍ଷର ପୁଅକୁ କୋଳ କରି ଆଣି ପହଞ୍ଚିଥିଲେ। ପୁଅ ନାକରେ ଫୁଡ୍ ଟ୍ୟୁବ୍ ଲାଗିଥିଲା। ପୁଅକୁ ସିଂହଦ୍ୱାରରେ ଗଡ଼ାଇ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ପତିତପାବନଙ୍କ ନିକଟରେ ବ୍ରେନ୍‌ଷ୍ଟ୍ରୋକ୍‌ରେ ପୀଡ଼ିତ ପୁଅକୁ ଗଡ଼ାଇ ଜୀବନ ଭିକ୍ଷା ମାଗିଥିଲେ। ଶ୍ରୀମନ୍ଦିର ସେବାୟତ ମହାପ୍ରଭୁଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ବ୍ୟକ୍ତି ଜଣକ ଏମିତି କାନ୍ଦୁଥିଲେ ଯେ, ଶ୍ରଦ୍ଧାଳୁଙ୍କ ଆଖିରୁ ଲୁହ ଜକେଇ ଆସୁଥିଲା। ସମସ୍ତେ ଆହା ପଦେ କହି କାଳିଆ ତୁ ନିରାଶ କରନା, ଜଣେ ଅସହାୟ ବାପାକୁ ଖାଲି ହାତରେ ଫେରାନା ବୋଲି କହୁଥିଲେ। ଶେଷରେ ବ୍ୟକ୍ତି ଜଣକ ପୁଅକୁ କୋଳରେ ଧରି ବାଇଶିପାହାଚ ଚଢ଼ି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ।

### ଅନ୍‌ଲାଇନରେ ମହାପ୍ରସାଦ ଯୋଗାଇବାକୁ ବିଜ୍ଞାପନ

# ରାଜଧାନୀରୁ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ଗିରଫ

**ପୁରୀ, ୯।୧୧(ସମିସ):** ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ବିଭିନ୍ନ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ଅନ୍‌ଲାଇନରେ ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ର ବାନା ଯୋଗାଇଦେବା ଲାଗି ବିଜ୍ଞାପନ ଦେଉଛନ୍ତି। ମହାପ୍ରସାଦ ନାଁରେ ମୁନାଫା କମାଇବାର ମାଧ୍ୟମ ସାଜିଛି ଏବେ ଅନ୍‌ଲାଇନ୍। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜେଲ୍ ଦଣ୍ଡର ଭୟ ଦେଖାଯାଇଛି। ସେବାୟତମାନେ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ତଥାପି ଅନ୍‌ଲାଇନ୍‌ରେ ମହାପ୍ରସାଦ ନାଁରେ ବ୍ୟବସାୟ କରିବାର ମୋହ ଭଙ୍ଗ ହୋଇନାହିଁ। ଏମିତି ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ମହାପ୍ରସାଦ ଅର୍ଡର ନେଇ ବିଜ୍ଞାପନ ଦେଇଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ବ୍ୟକ୍ତି ହେଉଛନ୍ତି ଜଗତସିଂହପୁର ଜିଲ୍ଲା ଜୟବଡ଼ ଗ୍ରାମର ଦିବ୍ୟୋଜ୍ଜ୍ୱଳା ପଟ୍ଟନାୟକ।

ପୁଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୨ ତାରିଖରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶ୍ରୀପ୍ରସାଦ ଡଟ୍ ଓଆରଜି ନାମକ ଏକ ଅବୈଧ ୱେବ୍‌ସାଇଟ୍‌ରେ ଶ୍ରୀଜଗନ୍ନାଥ ମହାପ୍ରସାଦର ଅନ୍‌ଲାଇନ୍ ବୁକିଂ ଓ ବିକ୍ରୟ ସମ୍ପର୍କିତ ସୂଚନା ଦିଆଯାଇଛି। ଉକ୍ତ ୱେବ୍‌ସାଇଟ୍‌ରେ ଶ୍ରୀମନ୍ଦିର ଓ ମହାପ୍ରସାଦର ଛବି ସହିତ ପ୍ରସାଦର ମୂଲ୍ୟ ଉଲ୍ଲେଖ ହୋଇଥିଲା, ଯାହା ଭକ୍ତମାନଙ୍କ ମନରେ ଭ୍ରାନ୍ତି ଓ ଭୁଲ୍ ଧାରଣା ସୃଷ୍ଟି କରୁଥିଲା। ଏହି କାର୍ଯ୍ୟ ଭକ୍ତମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା ସହିତ ଶ୍ରୀମନ୍ଦିରର ପବିତ୍ରତା ଓ ଖ୍ୟାତିକୁ ହାନି କରୁଛି। ଏ ସମ୍ପର୍କରେ ସାଇବର ପୁଲିସ ଏକ ମାମଲା(ନଂ.୨୬/୨୫) ରୁଜୁ କରିଥିଲା। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଏହି ୱେବ୍‌ସାଇଟ୍‌ଟି ଦିବ୍ୟୋଜ୍ଜ୍ୱଳା ପଟ୍ଟନାୟକଙ୍କ ନାମରେ ରହିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ଅନୁଧ୍ୟାନ ଓ ମୋବାଇଲ୍ ଲୋକେସନ୍ ଟ୍ରାକିଂରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଭୁବନେଶ୍ୱରରେ ରିୟଲ୍ ଇଷ୍ଟେଟ୍ ବ୍ୟବସାୟ କରୁଛନ୍ତି। ଏଥିସହିତ ଭୁବନେଶ୍ୱରର ରସୁଲଗଡ଼ ଏସ୍‌ପ୍ଲାନେଡ୍‌ରେ ତାଙ୍କର ଏକ ସଂସ୍ଥା ରହିଛି। ଶନିବାର ସନ୍ଧ୍ୟାରେ ପୁଲିସ ଭୁବନେଶ୍ୱରରେ ଚଢ଼ଉ କରି ଦିବ୍ୟୋଜ୍ଜ୍ୱଳାଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଉକ୍ତ ଭୁଲ୍ ୱେବ୍‌ସାଇଟ୍ ସହ ଜଡ଼ିତ ଅନ୍ୟ କାହାର ସମ୍ପୃକ୍ତି ଓ ଆର୍ଥିକ କାରବାର ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ପୁଲିସ କହିଛି।

# ଗଞ୍ଜାମରୁ ଟ୍ରକ୍‌ରେ ଅସମୟରେ ଆସିଲା ଇଭିଏମ୍

**ଭୁବନେଶ୍ୱର, ୯।୧୧(ସମିସ):** ନୂଆପଡ଼ା ଉପ-ନିର୍ବାଚନ ପାଇଁ ଇଭିଏମ୍‌ର ଗୋଟିଏ ଟ୍ରକ୍ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନୂଆପଡ଼ାରେ ପହଞ୍ଚିଛି। ନିୟମ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଇଭିଏମ୍‌ଗୁଡ଼ିକ ବହୁ ପୂର୍ବରୁ ପହଞ୍ଚିବା କଥା ଓ ଏହାକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ସୁରକ୍ଷିତ ଭାବରେ ରଖିବା କଥା। ହେଲେ ଇଭିଏମ୍‌ଗୁଡ଼ିକ ଏହି ଅସମୟରେ ଅଣାଯିବାକୁ ନେଇ ବିଜେଡି ପ୍ରଶ୍ନ ଉଠାଇବା ସହ ଏହି ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟିଛି।

**ନିରପେକ୍ଷତା ପ୍ରଶ୍ନ ଉଠାଇ ସିଇଓଙ୍କୁ ଭେଟିଲା ବିଜେଡି**

ବିଜେଡି ପକ୍ଷରୁ ସିଇଓଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ପୂର୍ବରୁ ବିତରଣ କରାଯାଇଥିବା ଇଭିଏମ୍ ଗୁଡ଼ିକ ମାଲିକାନାଗିରିରୁ ନୂଆପଡ଼ା ନିର୍ବାଚନମଣ୍ଡଳୀକୁ ଆସିଥିଲା। ହେଲେ ଶେଷ ପର୍ଯ୍ୟାୟରେ ପୁଣି ଇଭିଏମ୍ ଆସିବାକୁ ନେଇ ଦଳ ପ୍ରଶ୍ନ କରିଛି। ଏଭଳି ଘଟଣାକୁ ନେଇ ବିଜେଡି ଚଳିତ ଉପନିର୍ବାଚନରେ ଭୋଟ୍ ଟ୍ୟାମ୍ପରିଂ କିମ୍ବା ହେରଫେର ଆଶଙ୍କା କରିଛି। ବିଶେଷକରି ବର୍ତ୍ତମାନ ଜାତୀୟ ସ୍ତରରେ 'ଭୋଟ୍ ଚୋରି' ବାତାବରଣ ବିଭିନ୍ନ ଦଳ ପାଇଁ ଚିନ୍ତାର କାରଣ ସାଜିଥିବା ବେଳେ ବିଜେଡି ମଧ୍ୟ ଏହାକୁ ନେଇ ସନ୍ଦେହପ୍ରକଟ କରିଛି। ବିଜେଡି କହିଛି, ବାରମ୍ବାର ନିବେଦନ ଏବଂ ଦାବି ସତ୍ତ୍ୱେ ସ୍ଥାନୀୟ ଜିଲ୍ଲାପାଳ (ଜିଲ୍ଲା ନିର୍ବାଚନ ଅଧିକାରୀ) ଏବଂ ନୂଆପଡ଼ା ପୁଲିସ ଅଧୀକ୍ଷକ ନିରପେକ୍ଷତା ସୁନିଶ୍ଚିତ କରିବାରେ ବିଫଳ ହୋଇଛନ୍ତି। ସେମାନଙ୍କର ନିରନ୍ତର ନିଷ୍କ୍ରିୟତା ଏବଂ ପକ୍ଷପାତପୂର୍ଣ୍ଣ ଆଚରଣ ବିଜେପିକୁ ସୁହାଉଛି। ଏହା ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ଏହାସହିତ ସିଇଓ ଏହି ପ୍ରସଙ୍ଗରେ ତୁରନ୍ତ ଧ୍ୟାନ ଦେଇ ଇଭିଏମ୍ ସୁରକ୍ଷାରେ କୌଣସି ଲିକ୍ କିମ୍ବା ଅନିୟମିତତା ରୋକିବା ଦିଗରେ କାମ କରନ୍ତୁ ବୋଲି ବିଜେଡି ଦାବି କରିଛି। ନୂଆପାଡ଼ାରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଇଭିଏମ୍ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନେବା ଜରୁରୀ ବୋଲି ବିଜେଡି କହିଛି।

## ଡିକି ଭାଙ୍ଗି ନେଇଗଲେ ୫ ଲକ୍ଷ

**ପୁରୀ, ୯।୧୧(ସମିସ):** ସ୍କୁଟି ଡିକି ଭାଙ୍ଗି ୫ ଲକ୍ଷ ଟଙ୍କା ନେଇଗଲେ ଲୁଟେରା। ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସଦର ଥାନା ଲେନ୍ (ବୁକ୍ସ କର୍ଣ୍ଣର ଛକ)ରେ ଏହି ଲୁଟ୍ ହୋଇଛି। ଅନ୍ୟପକ୍ଷରେ ତାଙ୍କ ଡିକିରେ ୫ ଲକ୍ଷ ଟଙ୍କା ରହିଥିବା ଲୁଟେରା କିପରି ଜାଣିପାରିଲେ ବୋଲି ପ୍ରଶ୍ନ କରିଛନ୍ତି ଅଭିଯୋଗକାରୀ।

କୁମ୍ଭାରପଡ଼ା ଥାନାରେ ବଳିଆପଣ୍ଡା ହାଉସିଂବୋର୍ଡର ରେଖା ଦାସ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୭ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ରେଖା ଏବଂ ତାଙ୍କ ସ୍ୱାମୀ ପୁଅ ନାଁରେ ୫ଲକ୍ଷ ଟଙ୍କା ଫିକ୍ସଡ ଡିପୋଜିଟ୍ କରିବାକୁ ଭିଆଇପି ରୋଡର ଏକ ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କ ପ୍ରବେଶ ପଥରେ ବସିଥିବା ବ୍ୟକ୍ତି ତାଙ୍କୁ କ'ଣ ପାଇଁ ଆସିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ରେଖା ସବୁ କଥା ଏପରି କି କେତେ ଟଙ୍କା ଡିପୋଜିଟ୍ କରିବେ ବୋଲି ମଧ୍ୟ ବ୍ୟାଙ୍କର ସେହି ବ୍ୟକ୍ତିଙ୍କୁ କହିଥିଲେ। ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ପ୍ରଥମେ ଏକ ଆକାଉଣ୍ଟ ଖୋଲାଯିବ ଏବଂ ଏଥିପାଇଁ ଆବଶ୍ୟକ କାଗଜପତ୍ରର ଜେରକ୍ସ ଆବଶ୍ୟକ ବୋଲି କହିଥିଲେ। ଏହାପରେ ଉଭୟ ସ୍ୱାମୀ ସ୍ତ୍ରୀ ଆଧାର, ପ୍ୟାନ୍ ଆଦି ଜେରକ୍ସ କରିବା ପାଇଁ (ବୁକ୍ସ କର୍ଣ୍ଣର ଛକ)ରେ ପହଞ୍ଚିଥିଲେ। ସ୍କୁଟି ଡିକିରେ ୫ ଲକ୍ଷ ଟଙ୍କା ରଖି ଜେରକ୍ସ କରି ଫେରିବା ବେଳକୁ ଡିକି ଭଙ୍ଗା ହୋଇ ଟଙ୍କା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ।

### ପର୍ଯ୍ୟଟନ ଋତୁ ଆରମ୍ଭ; ସଜେଇ ହେଲାଣି ଗଙ୍ଗା ଦେବୀ ପୀଠ

# ବିଦେଶାଗତ ପକ୍ଷୀ କଳରବରେ କମ୍ପୁଛି ହେନ୍ତାଳ ବଣ

**ଅସ୍ତରଙ୍ଗ, ୯।୧୧(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର ଉପକୂଳରେ ଥିବା ହେନ୍ତାଳ ଜଙ୍ଗଲ ପାଇଁ ଗଙ୍ଗା ଦେବୀ ନଦୀ ମୁହାଣ ପ୍ରସିଦ୍ଧିଲାଭ କରିଛି। ବର୍ତ୍ତମାନ ଶୀତ ଦିନ ଆରମ୍ଭ ହୋଇଥିବାବେଳେ ଏହି ମୁହାଣ ସଂଲଗ୍ନ ଅଞ୍ଚଳରେ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହେଲାଣି। ସେମାନଙ୍କ କଳରବ ଏହି ମୁହାଣ ଓ କେଲୁଣି ମୁହାଣ ଅଞ୍ଚଳକୁ ବେଶ୍ ଚଳଚଞ୍ଚଳ କରିଦେଇଛି। ଯାହା ପର୍ଯ୍ୟଟକ ଏବଂ ପରିବେଶବିତ୍‌ମାନଙ୍କୁ ବେଶ୍ ଆନନ୍ଦିତ କରୁଛି। ଅନ୍ୟପକ୍ଷେ ଅଧିକ ସଂଖ୍ୟକ ପକ୍ଷୀ ଏଠି ବିଚରଣ କରୁଥିବାରୁ ଜୈବ ବିବିଧତା ପାଇଁ ଶୁଭଙ୍କର ବୋଲି ପରିବେଶ ପ୍ରେମୀମାନେ ପ୍ରକାଶ କରିଛନ୍ତି। ପର୍ଯ୍ୟଟକଙ୍କୁ





ବୋଟ୍‌ରେ ନେଇ ହେନ୍ତାଳ ବଣ କଡ଼ରେ ବୋଟିଂର ମଜା ଦେବା ସହିତ ପକ୍ଷୀଙ୍କ କଳରବ, ମୁହାଣ ମୁହଁରେ ନାଲି କଙ୍କଡ଼ା ଦେଖାଇବା ପାଇଁ ଗଙ୍ଗା ଦେବୀ ବୋଟିଂ ସେଣ୍ଟର ସେବା ଯୋଗାଇ ଦେଉଛି। ଓଡ଼ିଶାରେ ଚିଲିକା ହ୍ରଦକୁ ବିଦେଶୀ ପକ୍ଷୀମାନେ ଆସି ଏହାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଉଚନ୍ତି। ଫଳରେ ପର୍ଯ୍ୟଟକ ଏଠାକୁ ମାଡ଼ି ଆସିବାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ ମତ ଦିଅନ୍ତି। ଏହା ସହିତ ଓଡ଼ିଶାର ଭିତରକନିକା, ଅଂଶୁପା, ହୀରାକୁଦ, ତମ୍ପରା ଓ ସାତକୋଶିଆକୁ ମିଶାଇ ୬ଟି ହ୍ରଦ ରହିଛି। ଏଠାକୁ ଶହ ଶହ ମାଇଲ୍ ଅତିକ୍ରମ କରି ବିଦେଶରୁ ଓଡ଼ିଶାର ଚିଲିକାକୁ ଆଗମନ କରୁଥିବା ବିଦେଶୀ ପକ୍ଷୀଙ୍କ ପାଇଁ ଓଡ଼ିଶାର ହେନ୍ତାଳ ବଣ ବା ଜୁଆରିଆ ଅରଣ୍ୟରେ ପ୍ରଚୁର ଖାଦ୍ୟ, ବାସସ୍ଥାନ ମିଳିଥାଏ। ତେଣୁ ଭିତରକନିକା ସାଙ୍ଗକୁ ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଓ ଦେବୀ ନଦୀ ମୁହାଣରେ ରହିଥିବା ସମୃଦ୍ଧ ହେନ୍ତାଳ ଜଙ୍ଗଲରେ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥାଏ। ଏନେଇ ପକ୍ଷୀ ଜୈବ ବିବିଧତା ସଂରକ୍ଷଣ ଦିଗରେ ସ୍ଥାନୀୟ ଅଞ୍ଚଳର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ, ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନ, ସ୍ଥାନୀୟ ବିଭିନ୍ନ ମତ୍ସ୍ୟଜୀବୀ ଗ୍ରାମର ସଚେତନ ମହିଳା, ଲୋକ ପ୍ରତିନିଧିଙ୍କ ଲଗାତାର ପ୍ରୟାସ ଜାରି ରହିଛି। ଯାହାଫଳରେ ଅସ୍ତରଙ୍ଗ ଅଞ୍ଚଳରେ ପଶୁପକ୍ଷୀଙ୍କ ପରିସଂସ୍ଥାନ ସମୃଦ୍ଧ ହେବାରେ ଲାଗିଛି।

### ଦୋଛକିରେ କଣ୍ଟିଲୋ କଂସାବାସନ ହସ୍ତଶିଳ୍ପ

# ପ୍ରୋତ୍ସାହନ ନାହିଁ; ବୁଡ଼ିବାକୁ ବସିଲାଣି ବେଉସା

**ନୟାଗଡ଼/କଣ୍ଟିଲୋ, ୯।୧୧(ସମିସ)**

ଦିନ ଥିଲା ଘରେ ଘରେ ପିତ୍ତଳ ହାଣ୍ଡିରେ ରୋଷେଇ ହେଉଥିଲା। ବିତ୍ତଶାଳୀ ପରିବାର ପ୍ରତ୍ୟେକଙ୍କୁ ପିତ୍ତଳ ଥାଳି, ଗିନ, ତାଟିଆରେ ଖାଦ୍ୟ ପରସା ଯାଉଥିଲା। ଯୁଗ ପରିବର୍ତ୍ତନ ଘଟିବା ସହ ପିତ୍ତଳ ସାମଗ୍ରୀରେ ଖାଦ୍ୟ ଖାଇବାର ସଉକ ମଧ୍ୟ କମିଛି। ଯାହା ଦ୍ୱାରା କଂସାବାସନ କାରିଗରଙ୍କ ହାତ ତିଆରି ସାମଗ୍ରୀର ଚାହିଦା କମିଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ କଂସାବାସନ ରାଜ୍ୟ ତଥା ଦେଶରେ ସୁପ୍ରସିଦ୍ଧି ଲାଭ କରିଛି। ବର୍ଷ ବର୍ଷ ଧରି ସୁନାମ ଅର୍ଜନ କରିଥିବା ଏହି ହସ୍ତଶିଳ୍ପ ଷ୍ଟିଲ୍ ଓ ନନଷ୍ଟିକ ଯୁଗ ସହ ତାଳ ଦେଇ ପାରୁନଥିବା ବେଳେ ଏହାର ଶହ ଶହ କାରିଗର ଓ ଶିଳ୍ପ ଦୟନୀୟ ଅବସ୍ଥାରେ ରହିଛି। ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ଶ୍ରୀନୀଳମାଧବଙ୍କ କ୍ଷେତ୍ର





କଣ୍ଟିଲୋରେ ବସବାସ କରୁଥିବା ଅଧିକାଂଶ କୁଶଳୀ କଂସା ପିତ୍ତଳ କାରିଗରମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପ୍ରସିଦ୍ଧ ଲାଭ କରିଥିବା ଅନେକ କଂସାରି ପରିବାର ନିବୃତ୍ତ ରହିଥିବା ଦେଖାଦେଇଛି। ଦିନଥିଲା କଣ୍ଟିଲୋ ପାଟଣାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶାଳ ଚାଲୁଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାମରେ ମାତ୍ର ୨୦ରୁ ୨୫ଟି ଶାଳ ଚାଲୁଥିବା ଦେଖାଯାଇଛି। କଞ୍ଚାମାଲ ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଛି। ବଜାରର ଚାହିଦା ଅନୁଯାୟୀ ଏଠାରେ ବିଭିନ୍ନ ପ୍ରକାର କଂସାବାସନ, ବିଭିନ୍ନ ପ୍ରକାର ପିତ୍ତଳମୂର୍ତ୍ତୀ ସମେତ ଗରିଆ ତିଆରି କରୁଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ବେଲପୁରୀ, ତୈକୁମା, କୁଣ୍ଡି, ବୈଠି, ତାସ୍କୋ, ଭଟିମୁଣ୍ଡା, କଣ୍ଟିଲୋ, ପଶ୍ଚିମା, ଦକ୍ଷିଣୀଗରା, ବାଳକାଟି ଗରା ବେଶ ଚାହିଦା ରହିଥିବା କାରିଗରମାନେ କହିଛନ୍ତି। ଶାଳରେ ବାସନ ତିଆରି ସମୟରେ କୋଇଲା ବ୍ୟବହାର ହେଉଥିବା ବେଳେ କଟକଣା ମଧ୍ୟ ବାଧକ ସାଜିଛି। ବାସନ ତିଆରି ସମୟରେ ୫ରୁ ୮ କିଲୋଗ୍ରାମ ଓଜନର ହାତୁଡ଼ିରେ ପିଟି ବାସନକୁ ଆକାର ଦିଆଯାଏ, ଯାହାକି ଆଜିକାର ଯୁବପିଢ଼ିଙ୍କ ପାଇଁ କାଠିକର ପାଠ। ପ୍ରତିକୂଳ ପରିସ୍ଥିତିରେ ହସ୍ତଶିଳ୍ପ ଗତି କରୁଥିବା ବେଳେ ଆଜି ମଧ୍ୟ ହାତ ତିଆରି ମଜବୁତ ସାମଗ୍ରୀ ଚାହିଦା କିଛି ମାତ୍ରାରେ ରହିଛି। ବିଭିନ୍ନ ଯାନିଯାତ୍ରା ମେଳା ମହୋତ୍ସବରେ କଂସାବାସନ ସାମଗ୍ରୀକୁ କିଛି ଲୋକ ବେଶ ଆଗ୍ରହର ସହ ନେଇଥାନ୍ତି। ମହାମାରୀ ପରେ ଏହି କ୍ଷୁଦ୍ରଶିଳ୍ପ ପ୍ରତି ଉନ୍ନତ ଜ୍ଞାନକୌଶଳ ତଥା ଆଧୁନିକ ଯନ୍ତ୍ରପାତି ବଡ ଆହ୍ୱାନ ସୃଷ୍ଟି କରିଛି। ପାରମ୍ପରିକ ପଦ୍ଧତିକୁ ବାଦଦେଇ



ଉନ୍ନତ ଜ୍ଞାନକୌଶଳରେ ଏହି ବାସନକୁସନ ତିଆରି ଶିଳ୍ପକୁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଫଳରେ ଯେଉଁ କେତେ ପରିବାର ଏହାଦ୍ୱାରା ଜୀବିକା ନିର୍ବାହ କରୁଥିଲେ ଏବେ ସେମାନେ ଚିନ୍ତାରେ ପଡିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ମେସିନ ମାଧ୍ୟମରେ ତିଆରି ବାସନକୁସନ ହାତ ତିଆରି ଭଳି ମଜବୁତ ହୋଇପାରିବ ନାହିଁ। ଏଥିପ୍ରତି ସରକାର ଦୃଷ୍ଟି ଦେଇ ପାରମ୍ପରିକ ପଦ୍ଧତିକୁ ପ୍ରୋତ୍ସାହନ ଯୋଗାଇଦେବା କଥା। ନଚେତ ବହୁ ପରିବାର ଜୀବିକା ହରାଇବା ସହ ପାରମ୍ପରିକ ହସ୍ତ ଶିଳ୍ପ ଲୋପପାଇବ।

● ସନ୍ଧ୍ୟାରେ ନିଖୋଜ ଯୁବକ ସକାଳୁ ଉଦ୍ଧାର

## ନିଜ ଫାଶରେ ପଡ଼ି ନିଜେ ଗୁରୁତର !

**ଓଡ଼ଗାଁ, ୯।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରୋହିବାଙ୍କ ପଞ୍ଚାୟତ ରୋହିବାଙ୍କ ଗ୍ରାମର ଗୋବିନ୍ଦ ନାୟକ ଶନିବାର ସନ୍ଧ୍ୟା ୫ଟାରୁ ହଠାତ୍ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ପ୍ରତିମା ରାଉତ ରାତି ୧୧.୩୦ ମିନିଟ ସମୟରେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଓଡ଼ଗାଁ ଥାନା ଅଧିକାରୀ ଘଟଣା ସମ୍ପର୍କରେ ଶୁଣିବା ପରେ ନିଖୋଜ ଗୋବିନ୍ଦର ଟେଲିଫୋନକୁ ଟ୍ରାକିଂ କରିଥିଲେ। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା କରସିଙ୍ଗର ଏକ ଯାଗାରେ ଫୋନ ରହିଥିବା ଜଣାପଡିଥିଲା। ଏହା ଜଣାପଡ଼ିବା ପରେ ରୋହିବାଙ୍କ ଗାଁର ଗୋବିନ୍ଦଙ୍କ ସମ୍ପର୍କୀୟ ଉକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ଶିକାର ନିମନ୍ତେ ବିଛା ଯାଇଥିବା ମୁକୁଳା ଜିଆଇ ତାର ଦେଖି ବୁଗୁଡ଼ା ଥାନାକୁ ଫୋନ କରି ଜଣାଇଥିଲେ। ଖବର ପାଇ ବୁଗୁଡ଼ା ଥାନା ପୁଲିସ ସହିତ ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଉକ୍ତ ସ୍ଥାନରେ ସକାଳ ୫ ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇଥିଲା। କିନ୍ତୁ ଗୋବିନ୍ଦ ସକାଳ ୪ ସମୟରେ ଘରେ ପହଞ୍ଚିଥିଲେ। ଗାଁରୁ ଯାଇଥିବା ସମ୍ପର୍କୀୟମାନେ ଫେରି ଆସିଥିବା ବେଳେ ପୁଲିସ ଓ ବିଦ୍ୟୁତ୍ କର୍ମଚାରୀ ମଧ୍ୟ ବୁଗୁଡ଼ା ଫେରି ଯାଇଥିଲେ। ପୁଲିସ ସାଙ୍ଗରେ ଆସିଥିବା ବିଦ୍ୟୁତ୍ କର୍ମଚାରୀମାନେ ଶିକାର ଉଦ୍ଦେଶ୍ୟରେ ପଡ଼ିଥିବା ତାର ଗୁଡ଼ିକୁ କାଟି ନେଇଥିଲେ। ଅନ୍ୟପକ୍ଷରେ ଗୋବିନ୍ଦ ଗୁରୁତର ଅବସ୍ଥାରେ ନିଜ ବାଇକ୍ ଚଳାଇ ଆସି ଘରେ ପହଞ୍ଚିଥିଲା। ଗୋବିନ୍ଦ ଘରେ ପହଞ୍ଚିବା ବେଳକୁ ତାର ୨ ଗୋଡ଼ର ପାଦ ଉପର ଚିରି ହୋଇ ଫେଡା ହୋଇଯାଇଥିବା ବେଳେ ଶରୀରର ପେଟ ଓ ଛାତି ସହିତ ଅନେକ ସ୍ଥାନରେ ପୋଡା ଦାଗ ମାନ ରହିଥିଲା। ପରିବାର ଲୋକେ ତାଙ୍କୁ ୧୦୮ ଯୋଗେ ଓଡ଼ଗାଁ ଡାକ୍ତରଖାନାକୁ ଅଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ଗୋବିନ୍ଦ ଶିକାର କରିବାକୁ ଯାଇଥିବା ନିଜେ ବିଛେଇଥିବା ଜାଲରେ ଛନ୍ଦି ହୋଇ ଏଭଳି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ତାଙ୍କୁ କୌଣସି ନିଛାଟିଆ ଯାଗାକୁ ନେଇ ବାଡିଆପିଟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏଭଳି ସ୍ଥିତିରେ ପୁଲିସ ତଦନ୍ତ ସରିଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିପାରିବ।

## ଅଧିକାରୀଙ୍କ ଅନୁପସ୍ଥିତିରେ ରାସ୍ତା କାର୍ଯ୍ୟକୁ ନେଇ ଅସନ୍ତୋଷ

# ୬୫ ନଂ ରାଜ୍ୟ ରାଜପଥରେ ଅଟକିଲା ଶତାଧିକ ଗାଡ଼ି



**ତିଗିରିଆ, ୯।୧୧(ସମିସ):** ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ରାସ୍ତା ଉପରେ ନୂତନ ପିଚୁ ପକାଇବା ସହିତ ମରାମତିର ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ପକ୍ଷରୁ ରବିବାର ଅପରାହ୍ନରେ ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ହନୁମାନ ମନ୍ଦିରଠାରୁ ନୂଆପାଟଣା ଓଷା ପୂଜା ଶଙ୍ଖ ଦୀର୍ଘ ୧.୫ କିମି ରାସ୍ତା ଉପରେ ପିଚୁ ପକାଇବା କାର୍ଯ୍ୟ କରାଯାଉଥିଲା। ରାସ୍ତା ନିର୍ମାଣ ସମୟରେ କୌଣସି ପୂର୍ତ୍ତ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିଲେ। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ରାସ୍ତାର ନିର୍ମାଣ କାର୍ଯ୍ୟର ମାନକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପୂର୍ବରୁ ମଧ୍ୟ ଏହି ଠିକାଦାର ସଂସ୍ଥା ପକ୍ଷରୁ ବ୍ଲକର ଗୋପୀନାଥପୁର ଶାସନ-ବିନ୍ଧାଣିମା ବାଇପାସ ମଧ୍ୟରେ ତିଆରି ହୋଇଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଜନସାଧାରଣ ଏହି ରାସ୍ତାର ନିର୍ମାଣ ଅତି ନିମ୍ନମାନର ବୋଲି ଅଭିଯୋଗ କରିବାରେ ସମ୍ପୃକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଅତି ନିମ୍ନମାନର ପିଚୁ ଓ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସରଞ୍ଜାମ ଅତି ନିମ୍ନମାନର ହୋଇଥିବାରୁ ଏକ ମାସ ନ ପୁରୁଣୁ ଅନେକ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟହ ଏହି ରାସ୍ତାରେ ହଜାର ହଜାର ଦୁଇଚକିଆ, ଚାରିଚକିଆ ଓ ମାଲଗାଡି ଯାତାୟାତ କରୁଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଏଭଳି ଖାଲ ସୃଷ୍ଟି କାରଣରୁ ଆଗାମୀ ଦିନରେ ଗାଡି ଚାଳକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବା ସହ ଛୋଟ ବଡ଼ ଦୁର୍ଘଟଣା ହେବାର ଆଶଙ୍କା ବୃଦ୍ଧି ପାଇଛି। ଠିକାଦାର ସଂସ୍ଥା ପକ୍ଷରୁ ଆଜି ଅପରାହ୍ନରେ ତିଆରି ହେଉଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଗାଡି ଯାତାୟାତ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରା ନ ଯାଇ ରାସ୍ତାର ଗୋଟିଏ ପାର୍ଶ୍ୱରେ ନୂତନ ପିଚୁ ପକାଯାଉଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ସହ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଗାଡି ଯାତାୟାତ କରି ନ ପାରି ଠିଆ ହୋଇଥିଲା। ଏଥିନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଓ ଗାଡି ଚାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଗାଡି ଚାଳକ ଓ ସ୍ଥାନୀୟ ଜନସାଧାରଣ ସେଠାରେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଖୋଜିବାରୁ ସେଠାରେ କେହି ଉପସ୍ଥିତ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ଉଦ୍ୟମରେ ଦୀର୍ଘ ଦୁଇ ଘଣ୍ଟା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସଡିଓ ତ୍ରିଲୋଚନ ସାହୁଙ୍କୁ ପଚାରିବାରୁ ଆଜି ଛୁଟିଥିବାରୁ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବା ସହିତ ନିମ୍ନମାନର ରାସ୍ତା ନିର୍ମାଣକୁ ଠିକା ସଂସ୍ଥାକୁ ଖୁବଶୀଘ୍ର ଚିଠି ଲେଖିବେ ଏବଂ ଖରାପ ହୋଇଥିବା ରାସ୍ତାକୁ ଯଥାଶୀଘ୍ର ମରାମତି କରିବା ପାଇଁ କହିବେ ବୋଲି ପ୍ରକାଶ କରିଛନ୍ତି।

# ଆନ୍ତଃଜିଲ୍ଲାସ୍ତରୀୟ ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର




**ନିଶ୍ଚିନ୍ତକୋଇଲି, ୯।୧୧(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟୁରୋ ଜାତୀୟ ସେବା ଯୋଜନାର ପକ୍ଷରୁ ଏକ ତ୍ରି-ଦିବସୀୟ ଆନ୍ତଃଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ବିଭିନ୍ନ ଜିଲ୍ଲାର ୨୫ଟି ମହାବିଦ୍ୟାଳୟରୁ ୧୩୫ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ପ୍ରଶିକ୍ଷଣ ନେଉଛନ୍ତି। ପ୍ରତ୍ୟେକ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ମାର୍ଗଦର୍ଶନରେ ସ୍ୱେଚ୍ଛାସେବୀମାନେ ଶିବିରରେ ଯୋଗଦେଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ତରୁଲତା ଦେବୀଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, ସମ୍ମାନୀତି ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ ବ୍ରଜ ନାରାୟଣ ପାତ୍ର, ଅନ୍ୟତମ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ଅଧ୍ୟାପିକା ଡ. ପଦ୍ମପ୍ରଭା ସ୍ୱାଇଁ ଯୋଗଦେଇଥିବା ବେଳେ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ ଅତିଥିମାନଙ୍କୁ ସଭା ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ, ନୀଳକଣ୍ଠ ସାହୁ, ଡ. ଦେବଜାନୀ ସିହ୍ନା, ପ୍ରଶାନ୍ତ ଭାରତୀ, ପ୍ରସନ୍ନ ଦାଶ, ସ୍ୱର୍ଣ୍ଣପ୍ରଭା ସାମଲ, ସୁମିତ୍ରା ସାହୁ, ମଧୁସ୍ମିତା ପାଲ, ପ୍ରୀତିଶ୍ରୀ ଦାସ, ବିଶ୍ୱଜିତ ଦାସ, ମୁରଲୀଧର ପୃଷ୍ଟିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଶିବିରର ଦ୍ୱିତୀୟ ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବେ ସମାଜର ପ୍ରାକ୍ତନ ସଂପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଯୁବ ନେତୃତ୍ୱ ଓ ସମାଜସେବା ସଂପର୍କରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲା ବେଳେ ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ପୂର୍ବତନ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଏହି ପ୍ରଶିକ୍ଷଣର ମୌଳିକ ଧାରଣା ସଂକ୍ରାନ୍ତରେ ସ୍ୱେଚ୍ଛାସେବୀଙ୍କୁ ସୂଚନା ଦେଇ ଏହାକୁ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଜଟାଧାରୀ ଆଶ୍ରମରେ ଆଧ୍ୟାତ୍ମିକ କର୍ମଶାଳା ଉଦ୍‌ଯାପିତ



**ମାହାଙ୍ଗା, ୯ ।୧୧(ସମିସ):** ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ରାମକୃଷ୍ଣପୁରସ୍ଥିତ ଶ୍ରୀ ଶ୍ରୀ ଠାକୁର ଆକାରାମ ଦେବ ସତ୍ ମାର୍ଗ ସମିତି ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଜଟାଧାରୀ ଆଶ୍ରମର ଆଶାରାମ ମଣ୍ଡପରେ ଦୁଇଦିନ ବ୍ୟାପୀ ଆଧ୍ୟାତ୍ମିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ଅଧ୍ୟକ୍ଷ ମହନ୍ତ ଗୁରୁପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଉଦଘାଟନ କରାଯାଇଥିଲା। ରାମ ନିଗମ ମନ୍ଦିର ଚହଟାର ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ସିଦ୍ଧଗିରି ଆଶ୍ରମର ବାବାଜୀ ବିଶ୍ୱନାଥ ଦାସ, ଚିନ୍ମୟ ମିଶନର ସ୍ୱାମୀ ଓଁକାରନନ୍ଦ ସରସ୍ୱତୀ, ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ଯୁବ ପ୍ରବଚକ ସୁଶାନ୍ତ ନାୟକ ଆଲୋଚନା କରିଥିଲେ। କବି ଗୀତିକାର ବିଶ୍ୱେଶ୍ୱର ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେଇଥିବା ବେଳେ ଆଶ୍ରମର ସମ୍ପାଦକ ଆଶୋକ ସାମଲ କୃତଜ୍ଞତା ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଡ. ନିରଞ୍ଜନ ସାହୁ, ପ୍ରାଧ୍ୟାପକ ଡ. ଅଜିତ ମହାପାତ୍ର, ଠାକୁର ଆତ୍ମାରାମ ରଚନାରେ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ କର୍ମଶାଳାରେ ଶ୍ରୀ ଗୌରବିହାର ଆଶ୍ରମ ପୁରୀର ମହନ୍ତ ସୁବଳ ଚରଣ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ନିଗମ କଳ୍ପତରୁ ଆଶ୍ରମ ଭୁବନେଶ୍ୱରର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶିଷ୍ଟ ଅତିଥିଭାବେ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ। ଅଶୋକ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ନିଶ୍ଚିନ୍ତକୋଇଲି କୋର୍ଟର ପ୍ରତିଷ୍ଠା ଦିବସ



**ନିଶ୍ଚିନ୍ତକୋଇଲି, ୯।୧୧(ସମିସ):** ନିଶ୍ଚିନ୍ତକୋଇଲିଠାରେ ଥିବା ଦେୱାନୀ ଅଦାଲତ (କନିଷ୍ଠ) ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅଦାଲତର ସିଭିଲ୍ ଜୁନିୟର ଡିଭିଜନ୍ ଜଜ୍ ରୀତି ତ୍ରିପାଠୀ କେକ୍ କାଟି ଏହି ପ୍ରତିଷ୍ଠା ଉତ୍ସବକୁ ପାଳନ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସରୋଜ କୁମାର ଦାଶ, ସିନିୟର ଡିଭିଜନର ସିଭିଲ ଜଜ୍ ମଳୟ କୁମାର ପ୍ରଧାନ, ଜୁନିୟର ଡିଭିଜନର ସିଭିଲ ଜଜ୍ ରୋହଣୀ ବିଶ୍ୱାଳ, ନିଶ୍ଚିନ୍ତକୋଇଲି ଜେଏମଏଫ୍‌ସିର ରୀତି ତ୍ରିପାଠୀ, ସାଲେପୁର ବାର ଆସୋସିଏସନର ସଭାପତି ବିକ୍ରମକେଶରୀ ବଳ, ସଂପାଦକ ଭାସ୍କର ଚନ୍ଦ୍ର ବେହେରା, ଉପସଭାପତି ଶ୍ରୀମନ୍ତ ରଥ, ଆଇଆଇସି ଯୁଗଳ କିଶୋର ଦାସ, ନେମାଳ ଆଇଆଇସି ସୁଶୀଲ ନାୟକ, କୋର୍ଟର ସିଏସ୍ ଆଇ କୁନାଲ ସାମଲ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ରାଉତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ମିଶ୍ର, ସାଲେପୁର ବାର ଆସୋସିଏସନ ପ୍ରାକ୍ତନ ସଭାପତି ଡ. ଅରୁଣଦୋୟ ମହାନ୍ତି, ବିଜୟ କେତନ ନାୟକ, ପ୍ରବୀଣ କାନୁନଗୋ, ଆଇନଜୀବୀ ପ୍ରଭାକର ସେଠୀ, ସୁଧିରଞ୍ଜନ ସେନାପତି, ମିହିର ଜମାଲଉଦ୍ଦିନ ମୂଷା ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ୍ତ କିଶୋର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଡ. ମନୀନ୍ଦ୍ର ମହାନ୍ତି ପାଇବେ ନଦୀୟା ବିହାରୀ ମହାନ୍ତି ସ୍ମୃତି ପୁରସ୍କାର



**କଟକ, ୯।୧୧(ସମିସ):** ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସାରସ୍ୱତ ସାଧକ ଡ଼ ମନୀନ୍ଦ୍ର ମହାନ୍ତି ଚଳିତ ୨୦୨୫ ମସିହାର ମର୍ଯ୍ୟାଦାପୂର୍ଣ୍ଣ ନଦୀୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଓଡିଶାର ପୁରାତନ ଶିଶୁ ସାହିତ୍ୟ ଅନୁଷ୍ଠାନ "ଧ୍ରୁବତାରା' ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୫ ତାରିଖ ସନ୍ଧ୍ୟାରେ କଟକ ସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ବଡଭାଇଙ୍କର ୯୫ତମ ଜୟନ୍ତୀ ପାଳନ ଅବସରରେ ପ୍ରଦାନ କରାଯିବ ବୋଲି ଧ୍ରୁବତାରାର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସୂଚନା ପ୍ରଦାନ କରିଛନ୍ତି। ଡ଼ ମନୀନ୍ଦ୍ର ମହାନ୍ତି ଶିଶୁ ସାହିତ୍ୟ ସମେତ ଅନ୍ୟାନ୍ୟ ବର୍ଗରେ ୬୪ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ବେଶ ପ୍ରତିଷ୍ଠିତ ଲାଭ କରିଛନ୍ତି।

## କଟକରେ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ବୈଠକ



**କଟକ, ୯।୧୧(ସମିସ):** ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ଆଜି କଟକର ବାଦାମବାଡି ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ରାଜ୍ୟ ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର ଆନ୍ଦୋଳନ ସମୟରେ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେହି ଦାବିଗୁଡ଼ିକ ପୂରଣ ହୋଇନାହିଁ। ଏହାକୁ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ପ୍ରଭାତ ମହାନ୍ତି କହିଛନ୍ତି, ଆସନ୍ତା ୧୫ ନଭେମ୍ବରରେ ସରକାର ସହ ଆଲୋଚନାରେ ସକାରାତ୍ମକ ନିଷ୍ପତ୍ତି ନ ଆସିଲେ ରାଜ୍ୟସ୍ତରୀୟ ଆନ୍ଦୋଳନ ଆରମ୍ଭ କରାଯିବ। ବୈଠକରେ ହେମନ୍ତ ବସ୍ତିଆ, ସଚିନ୍ଦ୍ର ଦାସ, ଅରୁଣ ସାମନ୍ତରାୟ, ପ୍ରଦୀପ୍ତ ନାୟକ, ରଞ୍ଜନା ବେହେରା, ସୁଧାଂଶୁ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରଞ୍ଜିତା ନାୟକଙ୍କ ବଙ୍ଗଳା ଅନୁଦିତ ଗ୍ରନ୍ଥ ଉନ୍ମୋଚିତ



**କଟକ, ୯।୧୧(ସମିସ):** କଟକର ସାରସ୍ୱତ ପୀଠ ଶାରଳା ଭବନରେ ଓଡ଼ିଶା ବଙ୍ଗଳା ଫୋରମର ବାର୍ଷିକ ଉତ୍ସବରେ ବିଶିଷ୍ଟ କବୟିତ୍ରୀ ପ୍ରଫେସର ଡକ୍ଟର ରଞ୍ଜିତା ନାୟକଙ୍କ ରଚିତ କାବ୍ୟ 'ନିଜ ଝର୍କାରୁ ଆକାଶର' ବଙ୍ଗଳା ଅନୁଦିତ 'ନିଜେ ଜାନେଲା ଥେକେ ଆକାଶ' ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଦୀପାସ୍ୟ କୁଣ୍ଡୁ ଏହି ଗ୍ରନ୍ଥକୁ ଉନ୍ମୋଚନ କରି କହିଲେ ଯେ ଏହି ଗ୍ରନ୍ଥରେ ପତ୍ନୀ ଯଶୋଧାରାଙ୍କ ଦୃଷ୍ଟିରେ ଗୌତମ ବୁଦ୍ଧଙ୍କ ବର୍ଣ୍ଣନା ଅତିବ ମନୋରମ ଓ ଶିକ୍ଷଣୀୟ ହୋଇପାରିଛି। କାବ୍ୟର ଭାଷା, ରୂପକ, ଉପମା ଆଦି ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ସେ ମତ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରନ୍ଥର ଅନୁବାଦିକା ଭାରତୀ ନନ୍ଦୀ। ପ୍ରାରମ୍ଭରେ ଶୈଳବାଳା ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଡ. ରିତୁପର୍ଣ୍ଣା ସେନ ଡ. ନାୟକଙ୍କ ଲେଖକୀୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ଭାଷଣରେ କହିଲେ ଯେ ରଞ୍ଜିତା ୧୯ ୯୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତି ସମେତ ଏ ଯାବତ ୪୦ରୁ ଉର୍ଦ୍ଧ୍ୱର୍ ପୁରସ୍କାର ଲାଭ କରିଛନ୍ତି। ଉତ୍ସବରେ ସୁଦ୍ଧାଶ୍ରୀ ଦତ୍ତ ଓ ମାନବେଶ ରାୟ ଉଦବୋଧନ ଦେଇଥିଲେ।

# ନିଆଳି ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ





**ନିଆଳି, ୯।୧୧(ସମିସ):** ନିଆଳି ବିଜୁ ଜନତାଦଳର ଚାଲିଥିବା ଜନସଂପର୍କ ପଦଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ନିଆଳି ବଜାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଠାରେ ଏହି ପଦଯାତ୍ରା ଆରମ୍ଭ ହୋଇ ବଜାର ପରିକ୍ରମା କରି ନୂଆଗାଁସ୍ଥିତ ଶୋଭନେଶ୍ୱର ମନ୍ଦିର ଯାଇଥିବା ବେଳେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫେସର ଡା.ପ୍ରମୋଦ କୁମାର ମଲ୍ଲିକ ବିଜେପି ସରକାରକୁ ରଙ୍ଗମରା ସରକାର ବୋଲି କହି ଆଗାମୀ ଦିନରେ ଜନତା ତାର ଜବାବ୍ ଦେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ୨୨ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠକ ପ୍ରଦୀପ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ତର୍ଯ୍ୟାମୀ ବଡୁ, ଦୀପ୍ତିରଂଜନ ପ୍ରତିହାରୀ, ବବିତାରାଣୀ ବେହେରା, ପ୍ରକାଶ ମହାନ୍ତି, ପରୀକ୍ଷିତ ବାରିକ୍, ଅଭିମନ୍ୟୁ ମଲ୍ଲିକ, ଶେଖ୍ ହୁମାୟୁନ ଭାଷଣ ଦେଇଥିଲେ। ନୂଆଗାଁ ପଞ୍ଚାୟତର ଶେଖ୍ ରେହେମାନ୍, ଚକ୍ରଧର ସହୁ, ଉଚ୍ଛନ୍ନ ନାଗା, କାହ୍ନା ଡହଳ ପ୍ରଭୃତି କିଛି କର୍ମୀ ବିଜେଡିରେ ମିଶିଥିଲେ। ସଭାପତି ଅତୂଲ୍ୟ ଜେନା ଧନ୍ୟବାଦ ଦେଇଥିଲେ।

## ନେମାଳ ପଦ୍ମବନ ଯାଦବ ମହାସଭାର କୋଷାଧ୍ୟକ୍ଷଙ୍କ ପରଲୋକ



**ନେମାଳ, ୯।୧୧(ସମିସ):** ନେମାଳ ଥାନା ବିଲିପାଳଦା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ନେମାଳ ଯାଦବ ମହାସଂଘର କୋଷାଧ୍ୟକ୍ଷ ଦିବାକର ଦାସଙ୍କର ନଗସପୁରସ୍ଥିତ ବାସଭବନରେ ହୃଦ୍‌ଘାତରେ ୭୪ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ମେଳାପି ତଥା ସଂସ୍କୃତିପ୍ରେମୀ ବ୍ୟକ୍ତି ଥିଲେ। ମହାସଭାର ସଂପାଦକ ପ୍ରସାଦ ଦାସ, ଉପସଭାପତି କାର୍ତ୍ତିକଚନ୍ଦ୍ର ଦାସ, ସଂଗଠକ ରାଧାଶ୍ୟାମ ଦାସ, ସାମ୍ବାଦିକ ଗୋବିନ୍ଦ ଦାସ, ସୁକାନ୍ତ ଦାସ, ବ୍ଲକ୍ କଳାକାର ସଂଘ ସଂପାଦକ କ୍ଷୀରୋଦ ପରିଡା, ସାଲେପୁର ଯାଦବ ସଂଘ ସଭାପତି ଅନନ୍ତ ଗୋପାଳ ଦାସ, ଅଖିଳ ଭାରତୀୟ ଯୁବ ଯାଦବ ସଂଘ ସଭାପତି ପ୍ରଦୀପ ବେହେରା, ମଥୁରାନନ୍ଦ ଦାସ, ବିଷ୍ଣୁଚରଣ ଦାସ, ଯାଦବ ମହାସଂଘର ସଭାପତି ଗୋପୀନାଥ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠ ପୁତ୍ର ବିଶ୍ୱଜିତ ଦାସ ମୁଖାଗ୍ନି ଦେଇଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ପରିବାର ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବେଗୁନିଆପଦା ଗୋଷ୍ଠୀ ସଂଘର୍ଷ ଘଟଣା: ୪ ଗିରଫ



**ଭଦ୍ରେଶ୍ୱର, ୯।୧୧(ସମିସ):** କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଗୋପାଳପୁର ପଞ୍ଚାୟତ ବେଗୁନିଆପଦା ଗ୍ରାମର ଭୟାନକ ଗୋଷ୍ଠୀ ସଂଘର୍ଷକୁ ନେଇ ମୁହଁ ଖୋଲିଛନ୍ତି ଜଣେ ଅଭିଯୋଗକାରୀ। ଶୁକ୍ରବାର ଭଦ୍ରେଶ୍ୱର ଥାନା ଗୋପାଳପୁର ପଞ୍ଚାୟତ ବେଗୁନିଆପଦା ଗ୍ରାମରେ ଜମି ଜମାକୁ କେନ୍ଦ୍ରକରି ହୋଇଥିଲା ରକ୍ତାକ୍ତ ସଂଘର୍ଷ। ଘଟଣାସ୍ଥଳରୁ ଜୀବନ ବଞ୍ଚାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ୪ ଅଭିଯୋଗକାରୀ। ପୁଲିସ ନିକଟରେ କରିଥିଲେ ଦୁଇ ପୃଥକ ପୃଥକ ଅଭିଯୋଗ। ପୁଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ତେବେ ଏହି ୪ ଅଭିଯୋଗକାରୀଙ୍କ ମଧ୍ୟରେ ରହିଛନ୍ତି ଆକ୍ରମଣରେ ଗୁରୁତର ହୋଇଥିବା ଅଭିରାମ ଦାସ। ସଠିକ ସମୟରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ନ ଥିବାରୁ ପୁନର୍ବାର ଅଭିରାମ ଓ ତାଙ୍କ ସମ୍ପର୍କୀୟଙ୍କ ଉପରକୁ ଆକ୍ରମଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଅଭିରାମଙ୍କ ସମ୍ପର୍କୀୟମାନେ ନିଜ ଜୀବନ ବଞ୍ଚାଇବାକୁ ଯାଇ କରିଥିଲେ ପ୍ରତିଆକ୍ରମଣ। ତେବେ ଏହି ପ୍ରତି ଆକ୍ରମଣରେ ଧିରେନ୍ଦ୍ର ଗୁରୁ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲା ବେଳେ ଶୈଳେନ୍ଦ୍ର ଗୁରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଗୋଷ୍ଠୀ ସଙ୍ଘର୍ଷକୁ କେନ୍ଦ୍ର କରି ଥାନାରେ ୨୩ ଜଣଙ୍କ ନାମରେ ୩ଟି ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାରେ ସମ୍ପୃକ୍ତ ମାତ୍ର ୪ ଜଣ ଅଭିଯୁକ୍ତ ରାନୁ ଦାସ, ଦୀପା ପାତ୍ର, ମୁନା ଦାସ ଓ ଚୈତନ୍ୟ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଏଠାରେ ସୂଚନାଥାଉକି ଏହି ଗୋଷ୍ଠୀ ସଙ୍ଘର୍ଷକୁ ନେଇ ଭଦ୍ରେଶ୍ୱର ଥାନା ଅଧିନସ୍ଥ ବେଗୁନିଆପଦା ଗ୍ରାମର ଅଭିରାମ ଦାସ ୩ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିବା ବେଳେ ରାନୁ ଦାସ ୪ ଜଣଙ୍କ ନାମରେ କରିଛନ୍ତି ଲିଖିତ ଅଭିଯୋଗ। ସେହିପରି ଏହି ଘଟଣାରେ ଗୁରୁତର ହୋଇଥିବା ଶୈଳେନ୍ଦ୍ର ଗୁରୁଙ୍କ ପତ୍ନୀ ଅନୁପମା ଦାସଙ୍କ ପକ୍ଷରୁ ଥାନାରେ ଅନୁରୂପ ଭାବେ ୧୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

## କଳାକାରଙ୍କୁ ଆକ୍ରମଣ ଓ ମହିଳାଙ୍କୁ ଅସଦାଚରଣ ଅଭିଯୋଗ



**ସାଲେପୁର, ୯ ।୧୧(ସମିସ):** ଭାଗବତ ମେଳଣରେ ଅନୁଷ୍ଠିତ ହେଉଥିବା ଡ୍ରାମା କଳାକାରମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିବା ଓ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ନେଇ ଜପକୁଦ ଫାଣ୍ଡିରେ ପୃଥକ୍ ପୃଥକ୍ ୨ଟି ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ଗତକାଲି ରାତିରେ ସାଲେପୁର ବ୍ଲକ୍ ଅଧୀନ ଜପକୁଦ ଫାଣ୍ଡି ଅନ୍ତର୍ଗତ ଲେଖନପୁର ଗ୍ରାମର ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ପାରମ୍ପରିକ ଭାଗବତ ମେଳଣ ହେଉଥିଲା। ଏହି ଅବସରରେ ଗ୍ରାମର କଳାକାରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେଉଥିବାବେଳେ କୌଣସି କାରଣ ନ ଥାଇ ହଠାତ୍ ନରଦା ଗ୍ରାମର ଦୀପକ ସ୍ୱାଇଁ, ଚନ୍ଦ୍ରମଣି ବେହେରା, ଆକାଶ ସ୍ୱାଇଁ ଓ ଲେଖନପୁର ଗ୍ରାମର ମହେନ୍ଦ୍ର ସ୍ୱାଇଁ, ବୁଲୁ ପାତ୍ର ସଂଘବଦ୍ଧ ଭାବେ ନାଟକ ହେଉଥିବା ମଞ୍ଚରେ ପହଞ୍ଚି ଡ୍ରେସିଂରୁମ୍ ଭିତରେ ପଶିବା ସହ ପେଣ୍ଡାଲ ଲାଇଟ୍ ଭାଙ୍ଗିବା ସହ ତାର ଛିଣ୍ଡାଇଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ଯୁବକମାନେ ସାଙ୍ଗରେ ଆଣିଥିବା ଏକ ଭୁଜାଲି ଦ୍ୱାରା ଲେଖନପୁର ଗ୍ରାମର ରାକେଶ ରଞ୍ଜନ ବେହୁରାଙ୍କ ମୁଣ୍ଡକୁ ହାଣିଦେଇଥିଲେ। ରାକେଶ ତଳେ ପଡିଯିବାରୁ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସଂପର୍କରେ ରାକେଶ ରଞ୍ଜନ ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳ କାରଣରୁ ଯାତ୍ରା ବନ୍ଦ ହୋଇଯିବାରୁ ଏହି ଯାତ୍ରା ଦେଖିବାକୁ ଆସିଥିବା ଲେଖନପୁର ଗ୍ରାମର ଶକୁନ୍ତଳା ଦାସ, ତାଙ୍କ ସ୍ୱାମୀ ଓ ଛୋଟପୁଅ ସହ ଘରକୁ ଫେରୁଥିବାବେଳେ ଆକ୍ରମଣକାରୀ ଯୁବକମାନେ ତାଙ୍କ ସ୍ୱାମୀକୁ କୌଣସି କାରଣ ନ ଥାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଶକୁନ୍ତଳା ଏହାର ବିରୋଧ କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିବା ନେଇ ଶକୁନ୍ତଳା ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଜପକୁଦ ଫାଣ୍ଡି ପୁଲିସ ୨ଟି ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୫୪୯ ଓ ୫୫୧ରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ଭୀଷ୍ମଚରଣ ପ୍ରଧାନ ପ୍ରକାଶ କରିଛନ୍ତି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୦୦ ● ପାଉଣ୍ଡ ୧୧୫.୬୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୧,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୫୨,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୨୧୬.୦୦
- ନିଫ୍ଟି ୨୫,୪୯୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ନିବେଶକଙ୍କୁ 'ସେବି'ର ଚେତାବନୀ

# ଡିଜିଟାଲ ଗୋଲ୍ଡରେ ନିବେଶ ବିପଦପୂର୍ଣ୍ଣ

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ଡିଜିଟାଲ୍ ଗୋଲ୍ଡରେ ନିବେଶକୁ ନେଇ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ନିବୋକଙ୍କୁ ବଡ଼ ଚେତାବନୀ ଦେଇଛି। ବଜାର ନିୟାମକଙ୍କର କହିବାନୁଯାୟୀ, ଡିଜିଟାଲ୍ ଗୋଲ୍ଡରେ ନିବେଶ ଏକ ବଡ଼ ବିପଦ। ସେବି କହିଛି ଯେ ଅନେକ ଅନଲାଇନ୍ ପ୍ଲାଟଫର୍ମ ଏପରି ଉତ୍ପାଦ ବିକ୍ରି କରୁଛନ୍ତି ଯାହା ଏହାର ନିୟାମକ ଢାଞ୍ଚାରେ ଆସୁନାହିଁ। ଏହାର ଅର୍ଥ ହେଉଛି ଏହି ପ୍ଲାଟଫର୍ମଗୁଡ଼ିକରେ ନିବେଶ କରୁଥିବା ନିବେଶକମାନେ କୌଣସି ସୁରକ୍ଷା କିମ୍ବା ନିବେଶ ସୁରକ୍ଷା ପାଇବେନାହିଁ।

ଏହି ପ୍ରସଙ୍ଗରେ ସେବି ପକ୍ଷରୁ ଜାରି ଏହାର ବିବୃତ୍ତିରେ କୁହାଯାଇଛି ଯେ, କିଛି ଡିଜିଟାଲ୍ କିମ୍ବା ଅନଲାଇନ୍ ପ୍ଲାଟଫର୍ମ 'ଡିଜିଟାଲ୍ ସୁନା' କିମ୍ବା 'ଇ-ଗୋଲ୍ଡ' ଉତ୍ପାଦ ଭାବରେ ନିବେଶ ସୁଯୋଗ ପ୍ରଦାନ କରୁଛନ୍ତି। କିନ୍ତୁ ଏହି ଉତ୍ପାଦଗୁଡ଼ିକ ସିକ୍ୟୁରିଟି କିମ୍ବା କମୋଡିଟି ଡେରିଭେଟିଭ୍ ନୁହେଁ। ତେଣୁ, ସେମାନଙ୍କ ଉପରେ ସେବିର କୌଣସି ନିୟନ୍ତ୍ରଣ ନାହିଁ। ଏପରି ଉତ୍ପାଦ ନିବେଶକମାନଙ୍କୁ ପ୍ରତିପକ୍ଷ ଏବଂ କାର୍ଯ୍ୟକ୍ଷମ ବିପଦରେ ପକାଇପାରେ। ବର୍ତ୍ତମାନ, ତନିଷ୍କ, ଏମ୍‌ଏମ୍‌ଟିସି ପିଏଏମ୍‌ପି , ଆଦିତ୍ୟ ବିର୍ଲା କ୍ୟାପିଟାଲ, କାରାଟ୍‌ଲେନ୍, ଜୋସ୍ ଆଲୁକାସ୍, ଫୋନ୍‌ପେ ପେ' ଏବଂ ଶ୍ରୀରାମ ଫାଇନାନ୍ସ ଭଳି ଅନେକ ଜଣାଶୁଣା କମ୍ପାନୀ ଡିଜିଟାଲ୍ ଗୋଲ୍ଡ ବିକ୍ରି କରୁଛନ୍ତି। ଉଦାହରଣ ସ୍ୱରୂପ, ତନିଷ୍କ ଏହାର ୱେବସାଇଟରେ ଉଲ୍ଲେଖ କରିଛି ଯେ ଗ୍ରାହକମାନେ କେବଳ ୧୦୦ ଟଙ୍କା ସହିତ ନିବେଶ



ଆରମ୍ଭ କରିପାରିବେ ଏବଂ ଯେକୌଣସି ସମୟରେ ଏହାକୁ ରିଡିମ୍ କରିପାରିବେ। ଏହି ସମୟରେ, ଏମ୍‌ଏମ୍‌ଟିସି ପିଏଏମ୍‌ପି ଏହାକୁ "ଡିଜିଟାଲ୍ ସୁନାର ଅଗ୍ରେତା ବୋଲି କହୁଛି ଏବଂ ଏହାକୁ ଏକ ସହଜ ଏବଂ ସୁବିଧାଜନକ ନିବେଶ ବିକଳ୍ପ ଭାବରେ ପ୍ରୋତ୍ସାହିତ କରୁଛି।

ତଥାପି, ସେବି କହିଛି ଯେ ଏହି ବ୍ରାଣ୍ଡଗୁଡ଼ିକ ଯେତେ ବିଶ୍ୱସ୍ତ ହେଲେ ମଧ୍ୟ, ଡିଫଲ୍ଟ ହେଲେ ନିବେଶକମାନେ କୌଣସି ସୁରକ୍ଷା ପାଇବେ ନାହିଁ କାରଣ ଏଗୁଡ଼ିକ ନିୟନ୍ତ୍ରିତ ନିବେଶ ନୁହେଁ। ସେବି ନିବେଶକମାନଙ୍କୁ କେବଳ ନିୟନ୍ତ୍ରିତ ସୁନା ଉତ୍ପାଦ, ଯେପରିକି ସୁନା ଏକ୍ସଚେଞ୍ଜ-ଟ୍ରାଡେଡ୍ ଫଣ୍ଡ (ଇଟିଏଫ୍), ଇଲେକ୍ଟ୍ରୋନିକ୍ ସୁନା ରସିଦ (ଇଜିଆର୍), ଏବଂ ଏକ୍ସଚେଞ୍ଜ-ଟ୍ରାଡେଡ୍ କମୋଡିଟି ଚୁକ୍ତିନାମାରେ ନିବେଶ କରିବାକୁ ପରାମର୍ଶ ଦେଇଛି। ଏସବୁ ସେବି ନିୟମାବଳୀ ଅଧୀନରେ ଏବଂ ସେବି-ପଞ୍ଜିକୃତ ମଧ୍ୟସ୍ଥିଙ୍କ ମାଧ୍ୟମରେ କିଣାଯାଇପାରିବ। ସେବିର ଏହି ଚେତାବନୀ ଡିଜିଟାଲ୍ ସୁନା ନିବେଶର ବର୍ଦ୍ଧିତ ଧାରା ଉପରେ ପ୍ରଶ୍ନ ଉଠାଇଛି। ଏହି ପ୍ଲାଟଫର୍ମଗୁଡ଼ିକ ଲୋକଙ୍କୁ ଛୋଟ ପରିମାଣରେ ନିବେଶ କରିବାର ସୁଯୋଗ ପ୍ରଦାନ କରୁଥିବାବେଳେ, ଏହା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବିପଦ ସୃଷ୍ଟି କରୁଛି।

## ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରମ୍ପଙ୍କ ପ୍ରସ୍ତୁତି

# ୭୦୦ ଉତ୍ପାଦ ଉପରେ ବଢ଼ିପାରେ ଶୁଳ୍କ

ୱାଶିଂଟନ୍, ୯।୧୧(ଏଜେନ୍ସି): ଆମେରିକାର ଟ୍ରମ୍ପ ପ୍ରଶାସନ ପୁଣି ଥରେ ଇସ୍ପାତ ସମ୍ବନ୍ଧୀୟ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛି। ରିପୋର୍ଟ ଅନୁଯାୟୀ, ଏହି ତାଲିକାରେ ପ୍ରାୟ ୭୦୦ ନୂତନ ଉତ୍ପାଦ ଯୋଡାଯାଇପାରେ, ଯାହା ପୂର୍ବରୁ ଆମଦାନୀ ଶୁଳ୍କର ସମ୍ମୁଖୀନ ହେଉଛି। ବର୍ତ୍ତମାନ, ୪୦୭ ଇସ୍ପାତ ସମ୍ବନ୍ଧୀୟ ଉତ୍ପାଦ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯାଉଛି। ଗାର୍ଡିଆନ୍ ରିପୋର୍ଟ ଅନୁଯାୟୀ, ଏହି ନୂତନ ଶୁଳ୍କ ତାଲିକାରେ ସାଇକେଲ, ବେକିଂ ଟ୍ରେ ଏବଂ ଷ୍ଟିଲ୍ ଚକ ଭଳି ସାମଗ୍ରୀ ଅନ୍ତର୍ଭୁକ୍ତ ହୋଇପାରେ। ଅଗଷ୍ଟରେ ପ୍ରକାଶିତ ତାଲିକାରେ ଅଧିକ ଉତ୍ପାଦ ଯୋଡା ଯିବା ପାଇଁ ଅନେକ ବଡ଼ ଏବଂ ଛୋଟ ଆମେରିକୀୟ କମ୍ପାନୀ ବାଣିଜ୍ୟ ବିଭାଗକୁ ଆବେଦନ କରିଛନ୍ତି। ଏଥିରେ ଇଣ୍ଡିଆନା ସ୍ଥିତ ଗାର୍ଡିଆନ୍ ବାଇକ୍ ଏବଂ ଟମାଟୋ-କ୍ୟାନିଂ କମ୍ପାନୀ ରେଡ୍ ଗୋଲ୍ଡ ଭଳି କମ୍ପାନୀ ଅନ୍ତର୍ଭୁକ୍ତ।



ଗାର୍ଡିଆନ୍ ବାଇକ୍ସ କହିଛି ଯେ ଦେଶର ସାଇକେଲ ଶିଳ୍ପ ସମ୍ପୂର୍ଣ୍ଣ ଭୁଷୁଡି ପଡିଛି। କାରଣ ୨୦୨୪ରେ ବିଦେଶରୁ ୧୧ ନିୟୁତ ସାଇକେଲ ଆମଦାନି କରାଯାଇଥିଲା। ଏହି ସମୟରେ, ରେଡ୍ ଗୋଲ୍ଡ କମ୍ପାନୀ ଅଭିଯୋଗ କରିଛି ଯେ କମ୍ପାନୀ ୟୁକେରୁ ଆମଦାନି କରୁଥିବା ଟିନପ୍ଲେଟ୍ ଷ୍ଟିଲ୍ ଉପରେ ୨୫% ଶୁଳ୍କ ଏବଂ ଅନ୍ୟ ଦେଶରୁ ଷ୍ଟିଲ୍ ଉପରେ ୫୦% ଶୁଳ୍କ ଲାଗୁ କରିଛି, ଯାହା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିଛି।

ଅଗଷ୍ଟରେ, ଟ୍ରମ୍ପ ପ୍ରଶାସନ ଶହ ଶହ ଡେରିଭେଟିଭ୍ ଉତ୍ପାଦକୁ ଅନ୍ତର୍ଭୁକ୍ତ କରିବା ପାଇଁ ଷ୍ଟିଲ୍ ଏବଂ ଆଲୁମିନିୟମ୍ ଉପରେ ଶୁଳ୍କ ପରିମାଣ ୫୦%କୁ ବୃଦ୍ଧି କରିଥିଲା। ଏହି ସମୟରେ, ଆମେରିକାକୁ ଭାରତର ରପ୍ତାନି ଲଗାତାର ଚତୁର୍ଥ ମାସ ପାଇଁ ହ୍ରାସ ପାଇଛି, ଯେତେବେଳେ କି ଆମେରିକାକୁ ଚୀନର ରପ୍ତାନିରେ ୨୫% ହ୍ରାସ ଘଟିଛି। ଯଦିଓ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଂଙ୍କ ମଧ୍ୟରେ ସମ୍ପ୍ରତି ଆଲୋଚନାରେ କିଛି ଆଶ୍ୱସ୍ତି ମିଳିଛି, ତଥାପି ବାଣିଜ୍ୟ ଉତ୍ତେଜନା ରହିଛି। ଆମେରିକୀୟ ଗ୍ରାହକମାନେ ଏହି ଶୁଳ୍କର ବୋଝ ବହନ କରୁଛନ୍ତି କି ବୋଲି ପଚରାଯିବାରୁ ଟ୍ରମ୍ପ କହିଥିଲେ, "ନା, ମୁଁ ବିଶ୍ୱାସ କରୁନାହିଁ। ଏହି ନିଷ୍ପତ୍ତି ଯୋଗୁଁ ଆମେରିକାର ଅର୍ଥନୀତି ମଜବୁତ ହେଉଛି।

## ଏଆଇ ର୍ୟାଲିରେ ଅନ୍ୟ ବଜାରମୁହାଁ ବିଦେଶୀ ନିବେଶକ

# ସପ୍ତାହକରେ ଉଠାଇନେଲେ ୧୨,୫୬୯ କୋଟି

ମୁମ୍ବଇ, ୯।୧୧(ଏଜେନ୍ସି): ଅକ୍ଟୋବର ମାସରେ କିଣିବା ପରେ, ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ (ଏଫ୍‌ପିଆଇ) ପୁଣି ଥରେ ନଭେମ୍ବରରେ ସେୟାର ବିକ୍ରି ଆରମ୍ଭ କରିଛନ୍ତି। ଏଫ୍‌ପିଆଇମାନେ ଚଳିତ ମାସରେ ଏ ପର୍ଯ୍ୟନ୍ତ ଭାରତୀୟ ବଜାରରୁ ୧୨,୫୬୯ କୋଟି ଟଙ୍କାର ପାଣ୍ଠି ପ୍ରତ୍ୟାହାର କରିଛନ୍ତି। କାରଣ ଭାରତକୁ ଏଆଇ ରାଲି ଚାଲିଥିବା ଏକ ପଛୁଆ ବଜାର ଭାବରେ ବିବେଚନା କରାଯାଏ। ପୂର୍ବରୁ, ଏଫ୍‌ପିଆଇ ଅକ୍ଟୋବରରେ ୧୪,୬୧୦ କୋଟି ଟଙ୍କା ନିବେଶ କରିଥିଲେ, ଯାହା ଲଗାତାର ତିନି ମାସ ବିକ୍ରି ପରେ ଆସିଥିଲା। ଏଫ୍‌ପିଆଇମାନେ ସେପ୍ଟେମ୍ବରରେ ୨୩,୮୮୫ କୋଟି, ଅଗଷ୍ଟରେ ୩୪,୯୯୦ କୋଟି ଏବଂ ଜୁଲାଇରେ ୧୭,୭୦୦ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିବା ଦେଖାଯାଇଥିଲା। ୨୦୨୫ରେ ଏ ପର୍ଯ୍ୟନ୍ତ, ଏଫ୍‌ପିଆଇ ଭାରତୀୟ ଷ୍ଟକ ବଜାରରୁ ୧.୫ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି।



**ଚଳିତବର୍ଷ ଭାରତୀୟ ଷ୍ଟକ୍ ବଜାରରୁ ୧.୫ ଲକ୍ଷ କୋଟିର ପାଣ୍ଠି ପ୍ରତ୍ୟାହାର**

ଏଫପିଆଇ ହେଜ୍ ଫଣ୍ଡଗୁଡ଼ିକ ଏଆଇ ରାଲିରୁ ଲାଭ ପାଇବା ପାଇଁ ଆମେରିକା, ଚୀନ୍, ଦକ୍ଷିଣ କୋରିଆ ଏବଂ ତାଇୱାନ ଭଳି ବଜାରରେ ନିବେଶ କରୁଛନ୍ତି, ଯେତେବେଳେ କି ଭାରତକୁ ଏଆଇର ଦୁର୍ବଳ ପ୍ରଦର୍ଶନକାରୀ ବୋଲି ବିବେଚନା କରାଯାଉଛି। ଏହି ଅନିଶ୍ଚିତତା ଭାରତୀୟ ବଜାରକୁ ପ୍ରଭାବିତ କରୁଛି। ଫଳସ୍ୱରୂପ ଏଫ୍‌ପିଆଇ ମାନେ ଭାରତୀୟ ବଜଚାରରୁ ମୁହଁ ମୋଡୁଛନ୍ତି। ଏ ସମ୍ପର୍କରେ ଜିଓଜିତ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ ନିବେଶ ରଣନୀତିଜ୍ଞ ବିଜୟକୁମାର କହିଛନ୍ତି ଯେ, ଏଆଇ-ସମ୍ବନ୍ଧିତ ଷ୍ଟକର ମୂଲ୍ୟାଙ୍କନ ବର୍ତ୍ତମାନ ଉଚ୍ଚ ସ୍ତରରେ ଅଛି। ପ୍ରଯୁକ୍ତିବିଦ୍ୟା ଷ୍ଟକରେ ଏକ ବବୁଲ୍ ହେବାର ଆଶଙ୍କା ଭାରତରେ ବିକ୍ରିକୁ ସୀମିତ କରିପାରେ। ସେ କହିଛନ୍ତି, ଯଦି ଏହି ଭାବନା ଦୃଢ଼ ହୁଏ ଏବଂ ଭାରତର ଆୟ ବୃଦ୍ଧି ଦୃଢ଼ ରୁହେ, ତେବେ ଏଫ୍‌ପିଆଇଗୁଡ଼ିକ ଧୀରେ ଧୀରେ ପୁଣି କିଣିବା ଆରମ୍ଭ କରିପାରିବେ। ଏଞ୍ଜେଲ ୱାନର ବରିଷ୍ଠ ମୌଳିକ ବିଶ୍ଳେଷକ ୱାକାର ରିପୋର୍ଟ କରିଛନ୍ତି ଯେ ନଭେମ୍ବର ପ୍ରଥମ ସପ୍ତାହରେ, ଏଫ୍‌ପିଆଇମାନେ ଏସୀୟ ବଜାର ଏବଂ ଅନ୍ୟାନ୍ୟ ପ୍ରମୁଖ ଦେଶଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ଷ୍ଟକରେ ବିକ୍ରି ମଧ୍ୟରେ ଭାରତୀୟ ଇକ୍ୱିଟିରେ ୧୨୫୬୯ କୋଟି ବିକ୍ରି କରିଛନ୍ତି। ସେ କହିଛନ୍ତି ଯେ ୨୦୨୫-୨୬ ପାଇଁ ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଆଶାଠାରୁ ଟିକିଏ ଭଲ ଥିଲେ, ବିଶେଷକରି ମିଡ୍-କ୍ୟାପ୍ କମ୍ପାନୀଗୁଡ଼ିକ ପାଇଁ, ବିଶ୍ୱ ଅନିଶ୍ଚିତତା ନିକଟ ଭବିଷ୍ୟତରେ ବିଦେଶୀ ନିବେଶକମାନଙ୍କୁ ସତର୍କ ରଖିପାରେ। ରୋଜଗାର ରତ୍ତୁ ଆଗକୁ ବଢ଼ିବା ସହିତ ଚୟନିତ କ୍ଷେତ୍ର ଏବଂ ଷ୍ଟକରେ ନିବେଶ ପୁଣି ବଢ଼ିପାରେ।

# ଭାରତ ମସଲା ଷ୍ଟଲରେ ଅସମ୍ଭାଳ ଭିଡ଼

କଟକ, ୯।୧୧(ସମିସ): ଛୁଟିଦିନ ଥିବାରୁ ଆଜି ବାଲିଯାତ୍ରାରେ ଭାରତ ମସଲାର ୪ଟି ଯାକ ଷ୍ଟଲରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। କମ୍ପାନୀ ପକ୍ଷରୁ ନିଶ୍ଚିତ




ଉପହାର ଯୋଜନାରେ ରୂପା କଏନ ଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀଙ୍କ ପାଇଁ ଉପହାରର ପସରା ଖୋଲିଦେଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାମାନଙ୍କର ଆଜି ଖଚାଖଚ ଭିଡ ଭିତରେ ସର୍ବସମ୍ମୁଖରେ କୁପନ୍ ଗୁଡିକର ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଚାଉଳିଆଗଞ୍ଜ କଟକର ସମ୍ବିତ ପୃଷ୍ଟି ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଡିଅ ସାହି ଜଗତସିଂପୁରର ପ୍ରତାପ କୁମାର ସାହୁ ରେସିଂ ବାଇ ସାଇକେଲ ଓ ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା ତଳସରା ଗଞ୍ଜାମର ରଞ୍ଜନ କୁମାର ଜେନାଙ୍କୁ ଫ୍ରାଇଂ ପ୍ୟାନ୍ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


- ଗ୍ୟାଲିୟମ୍, ଜର୍ମାନିୟମ୍‌ରେ ଆମେରିକାକୁ ସାମୟିକ ଆଶ୍ୱସ୍ତି

# ରପ୍ତାନି ପ୍ରତିବନ୍ଧକ ଉଠାଇଲା ଚୀନ୍

ବେଜିଂ, ୯।୧୧(ଏଜେନ୍ସି): ଚୀନ୍ ଗ୍ୟାଲିୟମ୍, ଜର୍ମାନିୟମ୍ ଏବଂ ଆଣ୍ଟିମୋନି ଭଳି ଉପାଦାନ ଉପରେ ଆମେରିକାକୁ ରପ୍ତାନି ପ୍ରତିବନ୍ଧକକୁ ଅସ୍ଥାୟୀ ଭାବରେ ଉଠାଇ ଦେଇଛି। ରବିବାର ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଏହା ଘୋଷଣା କରିଛି। ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଏହି ନିଷ୍ପତ୍ତି ଗ୍ୟାଲିୟମ୍, ଜର୍ମାନିୟମ୍ ଏବଂ ଆଣ୍ଟିମୋନି ଭଳି ଶିଳ୍ପ ସାମଗ୍ରୀ ସମେତ କିଛି ଦ୍ୱୈତ-ବ୍ୟବହାର ସାମଗ୍ରୀ ଉପରେ ଲାଗୁ ହୋଇଥିବା ନିୟନ୍ତ୍ରଣ ପଦକ୍ଷେପର ଆଂଶିକ ସ୍ଥଗିତୀକରଣ ସହିତ ଜଡ଼ିତ। ମନ୍ତ୍ରଣାଳୟ ଅନୁଯାୟୀ, ଏହି ସ୍ଥଗିତୀକରଣ "ପ୍ରୋକ୍ଲେମେସନ୍ ନମ୍ବର ୪୬ (୨୦୨୪)" ର ଦ୍ୱିତୀୟ ଭାଗରେ ପ୍ରଯୁଜ୍ୟ ହେବ। ନଭେମ୍ବର ୯ ରୁ ୨୦୨୬ ନଭେମ୍ବର ୨୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ପୂର୍ବରୁ, ଏହି କଟକଣା ଲାଗୁ ପରେ ଆମେରିକାକୁ ଏହି ଶିଳ୍ପ ସାମଗ୍ରୀର ରପ୍ତାନି ନିଷିଦ୍ଧ ହୋଇଥିଲା। ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏହି ଅସ୍ଥାୟୀ ସ୍ଥଗିତାଦେଶ କେବଳ ଦ୍ୱିତୀୟ ସ୍ଥଗିତାଦେଶ ସହିତ ଜଡ଼ିତ ଲାଇସେନ୍ସିଂ ଏବଂ ସମୀକ୍ଷା ପ୍ରତିବନ୍ଧକ ପାଇଁ ପ୍ରଯୁଜ୍ୟ। ଗତ ବର୍ଷ ଡିସେମ୍ବରରେ ଚୀନ୍ ଚେତାବନୀ ଦେଇଥିଲା ଯେ ଚୀନ୍‌ରେ ନିର୍ମିତ ଯେକୌଣସି ସଂଗଠନ କିମ୍ବା ବ୍ୟକ୍ତି ବେଆଇନ ଭାବରେ ଆମେରିକୀୟ ସଂସ୍ଥାଗୁଡ଼ିକୁ ଦ୍ୱୈତ-ବ୍ୟବହାର ସାମଗ୍ରୀ ରପ୍ତାନି କଲେ ସେମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ। ଚଳିତ ମାସ ପ୍ରାରମ୍ଭରେ, ଆମେରିକା ଏବଂ ଚୀନ୍ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଏବଂ ଅର୍ଥନୈତିକ ଚୁକ୍ତିରେ ପହଞ୍ଚିଥିଲେ।

# ଚାନ୍ଦି ଭଣ୍ଡାର ପକ୍ଷରୁ କିଡ୍ସ କଲେକ୍ସନ 'ଟ୍ରେଜର୍ସ'

ଭୁବନେଶ୍ୱର, ୯।୧୧ (ସମିସ): ଚାନ୍ଦି ଭଣ୍ଡାର ଆଣିଛି 'ଟ୍ରେଜର୍ସ' କଲେକ୍ସନ। ଏହା ଏକ କିଡ୍ସ କଲେକ୍ସନ, ଯାହା ପିଲାଦିନର ମ୍ୟାଜିକ୍ ଏବଂ ପରିବାରକୁ ସମ୍ପୂର୍ଣ୍ଣ କରୁଥିବା ବନ୍ଧନରୁ ଅନୁପ୍ରାଣିତ। ଏହି ସ୍ୱତନ୍ତ୍ର ସମ୍ଭାର ପ୍ରତ୍ୟେକ ପିଲା ଆଣୁଥିବା ଆନନ୍ଦ ଏବଂ ଚିରକାଳ ପାଇଁ ବଞ୍ଚି ରହୁଥିବା ସ୍ମୃତିକୁ ପାଳନ କରେ। ଚାନ୍ଦି ଭଣ୍ଡାର କିଡ୍ସ ଆସେସରିଜ୍ ଏବଂ ସିଲଭର ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟର ସମ୍ପୂର୍ଣ୍ଣ ରେଞ୍ଜ୍ ଉପଲବ୍ଧ କରାଇଥାଏ। ସ୍ୱତନ୍ତ୍ର ଭାବେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଏଭଳି ଏକ ବିଶେଷ ସମ୍ଭାର ଆଣିବାରେ ଏହା ଏକମାତ୍ର ସ୍ଥଳ ପାଲଟିଛି। 'ଟ୍ରେଜର' କଲେକ୍ସନରେ ରହିଛି ଅତି ସୁନ୍ଦର ଆଙ୍କଲେଟ୍, ଆକର୍ଷଣୀୟ ପେଣ୍ଡେଣ୍ଟ୍ ସେଟ୍, ଚୁଡ଼ି,ପ୍ରୋଟେକ୍ଟିଭ୍ ଏଭିଲ ଆଇ, ସୁନ୍ଦର ପାଉଁଜି ଏବଂ ନେକ୍ସ୍। ପ୍ରତ୍ୟେକ ବୟସର ପିଲାଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଶିଶୁମାନଙ୍କ ପାଇଁ ସୁନ୍ଦର ଭାବେ ଡିଜାଇନ୍ ହୋଇଥିବା ସିଲଭରୱେର ଏବଂ କିପ୍‌ସେକ୍ ଆସେସରିଜ୍ ରହିଛି। ଏହି ଲଞ୍ଚିଂ ଅବସରରେ ଚାନ୍ଦି ଭଣ୍ଡାର ଏକ ଟିଭିସି ଜାରି କରିଛି, ଯାହା ପିଲାଦିନର ହସ, ଦୁଷ୍ଟାମି ଏବଂ ଯାଦୁଗରୀ ମୁହୂର୍ତ୍ତଗୁଡ଼ିକୁ କଏଦ୍ କରିଛି । ଛୋଟ ଛୋଟ ଖୁସି, ଯାହା ଆମ ସହିତ ସର୍ବଦା ରହିଥାଏ। ଏ ଉତ୍ସାହକୁ ଆହୁରି ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଏକ ବିଶେଷ




ଅଫର ମାଧ୍ୟମରେ ଏହି ସ୍ୱତନ୍ତ୍ର ଲକ୍ଷ୍ୟକୁ ପାଳନ କରୁଛି। ନଭେମ୍ବର ୧୩ ଏବଂ ୧୪ରେ ଚାନ୍ଦି ଭଣ୍ଡାରର ସମସ୍ତ ଷ୍ଟୋରରେ ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି ପାଇବେ ଗ୍ରାହକ। ଏ ପରିପ୍ରେକ୍ଷୀରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ପ୍ରତ୍ୟେକ ଶିଶୁ ନିଜ ସହ ଆନନ୍ଦ, ପ୍ରେମ ଏବଂ ଆଶ୍ଚର୍ଯ୍ୟର ଏକ ଦୁନିଆ ଆଣିଥାଏ। ଉକ୍ତ ସୁନ୍ଦର ଆରମ୍ଭକୁ ସମ୍ମାନ କରିବା ଦିଗରେ 'ଟ୍ରେଜର' ଏକ ମାଧ୍ୟମ, ଯାହା ଜଣେ ଶିଶୁ ଏବଂ ପରିବାର ଉଭୟକୁ ଆକାର ଦେଇଥାଏ।

# ନେପାଳ ପାଇଁ ନୋଟ୍ ଛାପିବ ଚୀନ୍

## ୧୦୦୦ ଟଙ୍କିଆ ନୋଟ୍ ମୁଦ୍ରଣ ପାଇଁ ନେପାଳର କମ୍ପାନୀ ପାଇଛି ଠିକା

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):ପଡୋଶୀ ଦେଶ ନେପାଳରେ ପ୍ରଚଳିତ ନୋଟ୍ ପାଇଁ ଚୀନ୍ ନେଇଛି ମୁଦ୍ରଣ ଦାୟିତ୍ୱ। ଅର୍ଥାତ୍ ନେପାଳ ପାଇଁ ନୋଟ୍ ଛାପିବ ଚୀନ୍। ନେପାଳ ସରକାର ୪୩୦ ନିୟୁତ ୧୦୦୦ ଟଙ୍କିଆ ନୋଟ୍ ଛାପିବା



ପାଇଁ ଏକ ଚୀନ୍ କମ୍ପାନୀକୁ ଠିକା ପ୍ରଦାନ କରିଛି। ଏହି ଚୁକ୍ତିନାମା ଅନୁଯାୟୀ, ଚୀନ୍‌ର ବ୍ୟାଙ୍କ ନୋଟ୍ ପ୍ରିଣ୍ଟିଂ ଏବଂ ମିଣ୍ଟିଂ କର୍ପୋରେସନ୍ ୪୩୦ ନିୟୁତ ୧୦୦୦ ଟଙ୍କିଆ ନୋଟ୍ ଛାପିବ। ଶୁକ୍ରବାର, ନେପାଳ ରାଷ୍ଟ୍ର ବ୍ୟାଙ୍କ (ଏନ୍‌ଆର୍‌ବି) କମ୍ପାନୀକୁ ନୋଟ୍ ଡିଜାଇନ୍, ମୁଦ୍ରଣ ଏବଂ ଯୋଗାଣ ପାଇଁ ଏକ ଚିଠି ପ୍ରଦାନ କରିଛି। ନେପାଳ ରାଷ୍ଟ୍ର ବ୍ୟାଙ୍କର ମୁଦ୍ରା ପରିଚାଳନା ବିଭାଗ ଅନୁଯାୟୀ, ସମଗ୍ର ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୧୬.୯୮୫ ନିୟୁତ ଡଲାର।

ନେପାଳ ସର୍ବନିମ୍ନ ବିଡ୍‌କୁ ଆଧାର କରି ଚୀନ୍ କମ୍ପାନୀକୁ ଏହି ଠିକା ପ୍ରଦାନ କରିଛି। ଚୀନ୍ ବ୍ୟାଙ୍କ ନୋଟ୍ ପ୍ରିଣ୍ଟିଂ ଏବଂ ମିଣ୍ଟିଂ କର୍ପୋରେସନ୍ ପୂର୍ବରୁ ନେପାଳର ୫,୧୦, ୧୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ମୁଦ୍ରଣ କରିଛି। ଗତ କିଛି ବର୍ଷ ଧରି, ଚୀନ୍ ନେପାଳ ସହିତ ତାହାର ରାଜନୈତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ସ୍ଥିର ଭାବରେ ମଜବୁତ କରିଆସୁଛି। ନେପାଳ ସହିତ ସାଂସ୍କୃତିକ, ଧାର୍ମିକ ଏବଂ କୂଟନୈତିକ ସମ୍ପର୍କ ବଜାୟ ରଖିଥିବା ଭାରତ ଏପରି ପଦକ୍ଷେପକୁ ସନ୍ଦେହ ଦୃଷ୍ଟିରେ ଦେଖୁଛି। ଭାରତର ଭୟ ହେଉଛି ଚୀନ୍‌ର ବର୍ଦ୍ଧିତ ଉପସ୍ଥିତି ଭାରତର ଆଞ୍ଚଳିକ ସ୍ଥିତିକୁ ଦୁର୍ବଳ କରିପାରେ। ନିକଟରେ ନେପାଳରେ ବଡ଼ ଧରଣର ଜେନ୍ ଜେଡ୍ ବିକ୍ଷୋଭ ହୋଇଥିଲା। ଏହି ବିକ୍ଷୋଭ ସରକାରକୁ ଗଡ଼ାଇଦେଇଥିଲା।

## କ୍ରିସିଲ୍ ରିପୋର୍ଟ

# ଅକ୍ଟୋବରରେ କମିଛି ଖାଇବା ଥାଳି ଦାମ୍

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ପୁଣି କମିଲା ଖାଇବା ଥାଳି ଦର। ଅକ୍ଟୋବର ମାସରେ ଉଭୟ ନିରାମିଷ ଏବଂ ଆମିଷ ଥାଳି ଦର ହ୍ରାସ ଘଟିଛି। ଏହି ମାସରେ ଘରୋଇ ନିରାମିଷ ଥାଳିର ମୂଲ୍ୟ ବାର୍ଷିକ ଆଧାରରେ ୧୭% ହ୍ରାସ ପାଇ ୨୭.୮ ଟଙ୍କା ହୋଇଛି। ଗତବର୍ଷ ଅକ୍ଟୋବରରେ ନିରାମିଷ ଥାଳିର ଦାମ ୩୩.୩ ଟଙ୍କା ଥିଲା। କ୍ରିସିଲ୍ ପକ୍ଷରୁ ପ୍ରସ୍ତୁତ ଏହାର ଏହାର ମାସିକ ଫୁଡ୍ ପ୍ଲେଟ୍ ମୂଲ୍ୟର ମାସିକ ସୂଚକାଂକରେ ଏହି ସୂଚନା ଦିଆଯାଇଛି। କ୍ରିସିଲ୍ ଏହାର ରାଇସ୍, ରୋଟି ରେଟ୍ (ଆର୍‌ଆର୍‌ଆର୍) ରିପୋର୍ଟରେ କହିଛି ଯେ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ନିରାମିଷ ଥାଳିର ମୂଲ୍ୟ ୩% ହ୍ରାସ ପାଇଛି। ସେପ୍ଟେମ୍ବରରେ ନିରାମିଷ ଥାଳିର ମୂଲ୍ୟ ୫୬ ଟଙ୍କା ଥିଲା।



ସେହିପରି ବାର୍ଷିକ ହାରରେ ଦେଖିଲେ ୨୦୨୪ ଅକ୍ଟୋବର ତୁଳନାରେ ୨୦୨୫ ଅକ୍ଟୋବରରେ ଘରୋଇ ଆମିଷ ଥାଳିର ଦାମ୍‌ରେ ୧୨ ପ୍ରତିଶତ ହ୍ରାସ ହୋଇ ୫୪.୪ ଟଙ୍କା ହୋଇଛି। ଗତବର୍ଷ ଏହା ୬୧.୬ ପ୍ରତିଶତ ଥିଲା। କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ଆଳୁ, ପିଆଜ, ଟମାଟୋ ଏବଂ ଡାଲି ମୂଲ୍ୟ ହ୍ରାସ ପାଇବା ଯୋଗୁ ନିରାମିଷ ଥାଳିର ମୂଲ୍ୟ ହ୍ରାସ ପାଇଛି। ଟମାଟୋର ମୂଲ୍ୟ ୪୦%, ପିଆଜ ୫୧% ଏବଂ ଆଳୁର ମୂଲ୍ୟ ୩୧%

- ଚିକେନ୍, ଆଳୁ ଓ ପିଆଜ ଦର ହ୍ରାସର ପ୍ରଭାବ
- କମିଲା ଭେଜ୍ ଓ ନନ୍ ଭେଜ୍ ମିଲ୍ ଦର

ହ୍ରାସ ପାଇଛି। ଡାଲି ମୂଲ୍ୟ ମଧ୍ୟ ୧୭% କମିଛି। ଯାହା ଫଳରେ ଉଭୟ ଆମିଷ ଓ ନିରାମିଷ ଥାଳିର ମୂଲ୍ୟ ହ୍ରାସ କରିବାରେ ସହାୟକ ହୋଇଛି। ସୂଚନାଯୋଗ୍ୟ ଯେ, ଏକ ନିରାମିଷ ଥାଳି ମୂଲ୍ୟରେ ଆଳୁ ଏବଂ ଟମାଟୋର ୨୪% ଭାଗ ରହିଥାଏ।

ସେହିପରି ଆମିଷ କଥା ଯଦି ଦେଖିଲେ , ଚିକେନ ଦର ବାର୍ଷିକ ଆଧାରରେ ୬% କମିବା ଦ୍ୱାରା ଆମିଷ ଥାଳିର ଦାମ କମୁଛି। ନିରାମିଷ ଥାଳିରେ ଚିକେନ ଭାଗ କେବଳ ୫୦% ରହିଥାଏ। ତେଣୁ ଚିକେନ ଦର କମିଲେ ଥାଳି ଦାମ୍ କରିବା ସ୍ୱାଭାବିକ। ତେବେ ଏଥିରେ ଏକ ବଡ଼ କଥା ହେଉଛି ବାର୍ଷିକ ଆଧାରରେ, ବନସ୍ପତୀ ତେଲ ମୂଲ୍ୟ ୧୧% ଏବଂ ଏଲପିଜି ସିଲିଣ୍ଡରର ମୂଲ୍ୟ ୬% ବୃଦ୍ଧି ପାଇଛି। ନଚେତ୍ ଉଭୟ ଭେଜ୍ ଓ ନନ୍ ଭେଜ୍ ମିଲ୍ ଦର ଆହୁରି ଶସ୍ତା ହୋଇପାରିଥାନ୍ତା। ସୂଚନା ଥାଉକି ଘରେ ତିଆରି ହେଉଥିବା ଖାଦ୍ୟର ଖର୍ଚ୍ଚକୁ ଆଧାର କରି ଉଭୟ ଥାଳିର ଦର ନିର୍ଣ୍ଣୟ କରାଯାଇଛି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମାନ ସମ୍ମାନ ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୪୦- ରୋମାନିଆରେ ଆସିଥିବା ଭୂମିକମ୍ପରେ ୧୦୦୦ ଲୋକଙ୍କ ପ୍ରାଣହାନି, ୪୦୦୦ରୁ ଅଧିକ ଆହତ।
- ୧୯୫୧- ଆମେରିକାରେ ପ୍ରଥମ ଥର ପାଇଁ ଡାଇରେକ୍ଟ ଡାଏଲିଙ୍ଗ୍ ଫୋନ୍ ସେବାର ଆରମ୍ଭ ହେଲା।
- ୧୯୮୩- ବିଲ୍ ଗେଟ୍‌ସ୍ ୱିଣ୍ଡୋଜ୍ ୧.୦ ଆରମ୍ଭ କଲେ।
- ୨୦୦୧- ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମିଳିତ ଜାତିସଂଘକୁ ସମ୍ବୋଧିତ କରିଥିଲେ।

## ଘୁଞ୍ଚିଲା 'ଆଲ୍‌ଫା'ର ରିଲିଜ୍


ଆଲିଆ ଭଟ୍ଟ, ଶରବରି ୱାଗ୍, ଅନୀଲ କପୁର ଓ ବବି ଦେଓଲଙ୍କ ସ୍ପାଇ ଥ୍ରିଲର୍ ଫିଲ୍ମ 'ଆଲ୍‌ଫା' ଆସନ୍ତା ଡିସେମ୍ବରରେ ରିଲିଜ୍ ହେବ ନାହିଁ। ଏହି ଫିଲ୍ମ କ୍ରିସ୍‌ମାସ୍ ଅବସରରେ ଆସନ୍ତା ଡିସେମ୍ବର ୨୫ ତାରିଖରେ ରିଲିଜ୍ ହେବାର ଥିଲା। ପୋଷ୍ଟ ପ୍ରଡକ୍ସନ୍ ଟିମ୍‌କୁ ଫିଲ୍ମର ଭିଏଫ୍‌ଏକ୍ସ ସିନ୍‌ଗୁଡ଼ିକ ଉପରେ କାମ କରିବା ପାଇଁ ଆହୁରି ସମୟ ଦରକାର। ଅନ୍ୟପକ୍ଷରେ ଯଶରାଜ୍ ବ୍ୟାନର୍ ଏହି ଫିଲ୍ମ 'ପଠାନ୍' ଭଳି ସଫଳତା ହାସଲ କରୁ ବୋଲି ଚାହୁଁଛି। ଏଥିପାଇଁ ଏହାର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଛି। ଏନେଇ ଯଶରାଜ ବ୍ୟାନର୍ ପକ୍ଷରୁ କୁହାଯାଇଛି, 'ଆଲ୍‌ଫା' ଆମ ପାଇଁ ଏକ ସ୍ୱତନ୍ତ୍ର ଫିଲ୍ମ। ଆମେ ଏହି ଫିଲ୍ମ ମାଧ୍ୟମରେ ଦର୍ଶକଙ୍କୁ ପୂରାପୂରି ଏକ ନୂଆ ଅନୁଭବ ଦେବାକୁ ଚାହୁଁଛୁ। ଏହାକୁ ଭଲ କରିବାକୁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ।' ଏବେ ଏହି ଫିଲ୍ମ ୧୭ ଏପ୍ରିଲ୍, ୨୦୨୬ରେ ରିଲିଜ୍ ହେବ। ମ୍ୟାଡକକ୍ ଫିଲ୍ମ ପକ୍ଷରୁ ଅଗସ୍ତ୍ୟା ନନ୍ଦାଙ୍କ ଫିଲ୍ମ 'ଇକ୍କିସ୍' ଆସନ୍ତା ଡିସେମ୍ବର ୨୫ରେ ଆସିବ ବୋଲି ଘୋଷଣା କରାଯାଇଛି। ଯଦି 'ଆଲ୍‌ଫା' ଏହିଦିନ ରିଲିଜ୍ ହୋଇଥାନ୍ତା ତେବେ ଦୁଇଟି ଯାକ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ହୋଇଥାନ୍ତା। ଏହାବାଦ୍ ୩୧ ଡିସେମ୍ବରରେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଆସିବ। ତେଣୁ ଯଶରାଜ୍ ବ୍ୟାନର୍ ବକ୍ସ ଅଫିସ୍ ଲଢ଼େଇକୁ ଏଡ଼ାଇବା ପାଇଁ 'ଆଲ୍‌ଫା'ର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇଥିବା ଚର୍ଚ୍ଚା ହେଉଛି।





## ମାଣ୍ଡିଆ ଦିବସ

ମାଣ୍ଡିଆକୁ ଅଧିକ ଲୋକପ୍ରିୟ କରିବା ପାଇଁ ଓଡ଼ିଶା ସରକାର ୨୦୨୨ ମସିହା ମାର୍ଗଶୀର ମାସର ପ୍ରଥମ ଗୁରୁବାର(ନଭେମ୍ବର ୧୦ ତାରିଖ) କୁ 'ମାଣ୍ଡିଆ ଦିବସ' ଭାବେ ପାଳନ ଆରମ୍ଭ କରିଥିଲେ। ଏହାକୁ ସମ୍ମାନ ଜଣାଇ ସାରା ଓଡ଼ିଶାରେ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଦେଶର ପ୍ରଥମ ରାଜ୍ୟଭାବେ ଓଡ଼ିଶା ମାଣ୍ଡିଆ ଦିବସ ପାଳନ କରୁଛି। ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏଥିରେ ଭିଟାମିନ୍- ବି, ସି, କେ, ଇ, ପ୍ରୋଟିନ, ଆଇରନ୍, କ୍ୟାଲସିୟମ୍ ଆଦି ରହିଛି। ମାଣ୍ଡିଆର ଉପକାରିତା ସମ୍ପର୍କରେ ଜାଣିବା ପରେ ତା'ର ଗୁରୁତ୍ୱ ବଢିଯାଇଛି। ଏଥିରୁ କେକ୍, ଲଡ୍ଡୁ, ଜୁସ୍, ଚା, ସୁପ୍, ପିଠା, ଖିରି, ଛତୁଆ, ହାଲୁଆ, ରୁଟି, ଦୋସା, ଇଡ୍‌ଲି, ଚକୁଳି, ପକୁଡ଼ି, ବିସ୍କୁଟ, ଉପମା ଆଦି ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇପାରୁଛି। ମାଣ୍ଡିଆ ତିଆରି ବିଭିନ୍ନ ଖାଦ୍ୟ ଏବେ ତାରକା ହୋଟେଲରେ ମଧ୍ୟ ଦେଖିବାକୁ ମିଳୁଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଣ୍ଡିଆର ପ୍ରଚାରପ୍ରସାର ତଥା ଖାଦ୍ୟ ଥାଳିରେ ଲଘୁ ଶସ୍ୟକୁ ସାମିଲ କରିବା ପାଇଁ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍'। ୭ଟି ଜିଲ୍ଲାରୁ ଆରମ୍ଭ ହୋଇଥିବା ମିଲେଟ ମିଶନ ଏବେ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି। ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ତଥା ମାଣ୍ଡିଆ ଚାଷୀଙ୍କ ଜୀବନ ଓ ଜୀବିକାର ବିକାଶ ଦିଗରେ ସହାୟ ହେବା ଏହି ଦିବସ ପାଳନର ଉଦ୍ଦେଶ୍ୟ।





## ସାଇକଲରେ ଚଢ଼ିଲେ ଏଫିଲ ଟାୱାର

ଫ୍ରାନ୍ସର ଲୋକପ୍ରିୟ ସାଇକଲିଷ୍ଟ ଏବଂ ଟିକ୍‌ଟକ୍ ଷ୍ଟାର୍ ଅରେଲିୟନ ଫଣ୍ଟେନୟ ଭିନ୍ନ ଏକ କାରନାମା କରି ବିଶ୍ୱ ରେକର୍ଡରେ ନିଜକୁ ସାମିଲ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ସାଇକଲରେ ଏଫିଲ ଟାୱାର ଚଢ଼ି ବିଶ୍ୱ ରେକର୍ଡ କରିଛନ୍ତି। ମାତ୍ର ୧୨ ମିନିଟ୍‌ରେ ଏଫିଲ୍ ଟାୱାରର ଦ୍ୱିତୀୟ ମହଲାରେ ସବୁଠୁ ଦ୍ରୁତ ବେଗରେ ସାଇକଲ ଚଳାଇ ସେ ବିଶ୍ୱ ରେକର୍ଡ କରିଥିଲେ। ସେ ସାଇକଲ ଚାଳନାବେଳେ ପାଦ ଯେଉଁଳି ତଳେ ବା ଭୂମିରେ ନ ରଖିବେ, ସେନେଇ ଚ୍ୟାଲେଞ୍ଜ ଥିଲା। ତେବେ ଅରେଲିୟନ ୬୮୬ ଶିଡ଼ି କେବଳ ୧୨ ମିନିଟ୍ ୩୦ ସେକେଣ୍ଡରେ ଚଢ଼ିଥିଲେ। ଏହାବାଦ୍ ଏହି କାରନାମା କରି ସେ ଦୁଇ ଦଶନ୍ଧି ପୂର୍ବରୁ ଥିବା ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପଟେ ଏହା ଲାଗି ସେ ଦୀର୍ଘଦିନ ଧରି ପ୍ରସ୍ତୁତି କରିଥିଲେ। ତେବେ ରେକର୍ଡ କରିବା ପ୍ରଚେଷ୍ଟାରେ ତାଙ୍କୁ ଅନେକ ସମୟ ଲାଗିଯାଇଥିବା ସେ କହନ୍ତି। ଆଗାମୀ ଦିନରେ ସେ ବୁର୍ଜ ଖଲିଫାରେ ଏପରି କରିବା ପାଇଁ ଯୋଜନା କରିଛନ୍ତି।



## ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ମାର୍ଗଶିର

ମାର୍ଗଶିର ମାସରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ଦେବୀ ଲକ୍ଷ୍ମୀଙ୍କ ପୂଜାର ବିଶେଷ ବିଧାନ ଅଛି। ମାର୍ଗଶିର ମାସକୁ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣ ନିଜେ ଶ୍ରୀମଦ୍‌ଭଗବତ ଗୀତାରେ ଏହି ମାସକୁ ସର୍ବଶ୍ରେଷ୍ଠ ବୋଲି କହିଛନ୍ତି। ଏ ଦୃଷ୍ଟିରୁ କୃଷ୍ଣ ପୂଜା ଲାଗି ଏହି ମାସ ବିଶେଷ ଭାବେ ଉତ୍ସର୍ଗୀକୃତ। ତେଣୁ ଏହି ମାସ ଶ୍ରୀକୃଷ୍ଣ ଭକ୍ତି ଲାଗି ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ଏହି ମାସରେ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜା ଓ ତାଙ୍କ ମନ୍ତ୍ର ଜପ ଦ୍ୱାରା ମନୋକାମନା ପୂରଣ ହୁଏ। ମୋକ୍ଷ ପ୍ରାପ୍ତି ହୁଏ। ତେବେ ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଗୀତା ଜ୍ଞାନ ଏହି ମାସରେ ପ୍ରଦାନ କରିଥିଲେ। ଏଣୁ ଏହି ମାସ ଧର୍ମ, କର୍ମ ଏବଂ ଜ୍ଞାନର ପ୍ରତୀକ ଭାବେ ବିବେଚନା କରାଯାଏ। ସେହିପରି ଏହି ମାସରେ ଗୁରୁବାର ବ୍ରତ, ପୂଜା ଏବଂ ବିଷ୍ଣୁ ସହସ୍ରନାମ ପାଠ କଲେ ଜୀବନରେ ସୁଖ, ଶାନ୍ତି ଆସେ। ଏହି ମାସରେ ଅନ୍ନ, ବସ୍ତ୍ର, ଦୀପଦାନ ଏବଂ ଗରିବଙ୍କୁ ସହାୟତା କରିବା ଶୁଭ ବୋଲି କୁହାଯାଇଛି। ଏହି ମାସରେ ମନ ଧ୍ୟାନ ଓ ଭକ୍ତିରେ ଦେବା ଉଚିତ। ତେଣୁ ଏହି ମାସ ସାଧନା, ଭକ୍ତି ଏବଂ ଆତ୍ମଶୁଦ୍ଧି ଲାଗି ସବୁଠୁ ଉତ୍ତମ ବୋଲି କୁହାଯାଇଛି।

**ମାର୍ଗଶିର ମାସକୁ ଧାର୍ମିକ ଆଚରଣ, ଭକ୍ତି ଓ ଦାନର ମାସ ବୋଲି କୁହାଯାଏ। କୁହାଯାଏ, ଏହି ମାସରେ ଶ୍ରଦ୍ଧାର ସହିତ ଭଗବାନଙ୍କୁ ଉପାସନା କଲେ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆସେ। ଏହାକୁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ବୋଲି କୁହାଯାଏ।**

## ସ୍ମୃତି

## ପ୍ରଥମାଷ୍ଟମୀ

ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ପାଳନ କରାଯାଏ ପ୍ରଥମାଷ୍ଟମୀ। ଓଡ଼ିଶାର ଏହା ହେଉଛି ଏକ ବିଶେଷ ପର୍ବ। ଏହା 'ସୌଭାଗିନୀ ଅଷ୍ଟମୀ', 'କାଳ ଭୈରବାଷ୍ଟମୀ', 'ପାପନାଶିନୀ ଅଷ୍ଟମୀ' ଭାବେ ମଧ୍ୟ ପରିଚିତ। ତେବେ ମାର୍ଗଶିରକୁ ପ୍ରଥମ ମାସ ଭାବେ ଗଣନା କରାଯାଇ ବର୍ଷାରମ୍ଭ ହେଉଥିଲା। ସେହି ହିସାବରେ ବର୍ଷର ପ୍ରଥମ ମାସର ଅଷ୍ଟମୀକୁ 'ପ୍ରଥମାଷ୍ଟମୀ' ବୋଲି କୁହାଯାଏ। ଏହିଦିନ ଜ୍ୟେଷ୍ଠ ସନ୍ତାନର ସୁଖ, ସମୃଦ୍ଧି ଏବଂ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ଦୀର୍ଘଜୀବନ କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଘରର ଜ୍ୟେଷ୍ଠ କନ୍ୟା ବା ପୁତ୍ର ନୂଆ ବସ୍ତ୍ର ପରିଧାନ କରନ୍ତି। ପିଢ଼ା ଉପରେ ସେମାନଙ୍କୁ ବସାଯାଇ ଫୁଲ ଚନ୍ଦନରେ ଠାକୁରଙ୍କ ସାମ୍ନାରେ ବନ୍ଦାପନା କରାଯାଏ। ପରମ୍ପରା ଅନୁଯାୟୀ ଏହି ନୂଆ ବସ୍ତ୍ର ମାମୁଁଘରୁ ଆସିଥାଏ। ସେହିପରି ଏହିଦିନ ଏଣ୍ଡୁରି ପିଠାର ମହତ୍ତ୍ୱ ବେଶି। ହଳଦିପତ୍ରରେ ଏହି ପିଠାକୁ ତିଆରି କରାଯାଏ। ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ। ପୋଡୁଆଁ ହେବା ପାଇଁ ଲିଙ୍ଗରାଜ ମହାପ୍ରଭୁ କପାଳିମଠ ବିଜେ କରନ୍ତି। ଏହି ମଠର ଆରାଧ୍ୟ ଦେବତା ବରୁଣେଶ୍ୱର ଓ ବନଦେବ।



## ରୁପା ମୟୂର



**ବାସ୍ତୁ ଶାସ୍ତ୍ରରେ ରୁପା ମୟୂରକୁ ସମୃଦ୍ଧି, ସୌଭାଗ୍ୟ ଏବଂ ଶାନ୍ତିର ପ୍ରତୀକ ବୋଲି କୁହାଯାଇଛି। ଠିକ୍ ଦିଗ ଓ ସ୍ଥାନରେ ଏହାକୁ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ ଏବଂ ଆର୍ଥିକ ସ୍ଥିତି ମଜଭୁତ ହୁଏ।**

- ପୂଜା ଘରେ ରୁପା ମୟୁର ରଖିବା ଦ୍ୱାରା ଏହାଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ପରିବାରରେ ସୁଖ-ସମୃଦ୍ଧି ବଜାୟ ରହେ। ମାନସିକ ଶାନ୍ତି ପ୍ରାପ୍ତ ହୁଏ। ପୂର୍ଣ୍ଣିମାରେ ରୁପା ମୟୁର ଘରକୁ ଆଣି ତାହାକୁ ଆଲମାରିରେ ରଖିଲେ କାର୍ଯ୍ୟରେ ସଫଳତା ମିଳେ।
- ଅଫିସ୍ ଡେସ୍କ ତଥା ଷ୍ଟଡି ଟେବୁଲରେ ରୁପା ମୟୁର ରଖିବା ଶୁଭ। କାର୍ଯ୍ୟାଳୟର ନକାରାତ୍ମକ ଶକ୍ତି ଦୂର ହୁଏ। ପ୍ରଗତିର ନୂଆ ଅବସର ମିଳେ।
- ସେହିପରି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବାରମ୍ବାର ମତମତାନ୍ତର ଦୂର କରିବାରେ ରୁପା ମୟୂରକୁ ପ୍ରଭାବୀ ବୋଲି କୁହାଯାଇଛି। ଏହାକୁ ଶୋଇବା କକ୍ଷର ଉତ୍ତର ଦିଗରେ ରଖିବା ଶୁଭ।
- ଘରେ ଅର୍ଥାଭାବ ଦେଖା ଦେଉଥିଲେ ଆଲମାରି ଉପରେ ରୁପା ମୟୁର ରଖିବା ଲାଭକାରୀ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ।

## କାଞ୍ଜି ଅଁଳା ନବମୀ

ମାର୍ଗଶିର କୃଷ୍ଣ ନବମୀ ଦିନ ପାଳନ କରାଯାଏ କାଞ୍ଜି ଅଁଳା ନବମୀ। ପ୍ରଥମାଷ୍ଟମୀ ପରଦିନ ଏହାକୁ ପାଳନ କରାଯାଏ। ଏଥିରେ ଭୋଗ ହେଉଥିବା କାଞ୍ଜିରେ ଅଁଳା ପଡୁଥିବାରୁ ଏବଂ କୃଷ୍ଣ ନବମୀ ତିଥିରେ ଏହା ପଡୁଥିବାରୁ ଏହାର ନାଁ 'କାଞ୍ଜି ଅଁଳା ନବମୀ।' ସନ୍ତାନଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ଏବଂ ନିଃସନ୍ତାନ ନାରୀମାନେ ସନ୍ତାନ ପ୍ରାପ୍ତି ପାଇଁ ମା' ଷଠୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟାରେ ମହିଳାମାନେ ଏକତ୍ର ହୋଇ ଏହି ପୂଜା କରିଥାନ୍ତି। ତୁଳସୀ ଚଉଁରା ମୂଳେ ଗୋଟିଏ ଛୋଟ ଚାରିକୋଣିଆ ଗାତ ଖୋଳି ସେଥିରେ ପାଣି ଭରନ୍ତି। ଏହା ଭିତରେ ଛୋଟ ଛୋଟ ମାଛ ଛଡ଼ାଯାଏ। ଏହି ଗାତ ଚାରିପଟେ ବାଲୁଙ୍ଗା ଧାନ ପୋତାଯାଏ। ଏହି ପୂଜାରେ ଚକୁଳି ପିଠା, କାଞ୍ଜି ଏବଂ ପିତାଶୁଖୁଆ ପୂଜା କରାଯାଏ। ପିତା ଶୁଖୁଆକୁ କଦଳୀ ପତ୍ରରେ ରଖାଯାଇ ବୋହୂ ଭଳି ସଜାଯାଏ। ଏହାକୁ ଶୁଖୁଆ ବୋହୂ କୁହାଯାଏ। ଭୋଗ ପରେ ଏ ସମସ୍ତ ସାମଗ୍ରୀକୁ ଯେଉଁ ପିଲାଙ୍କ ପାଖରେ ମାନସିକ ଥାଏ, ସେମାନଙ୍କୁ ଖାଇବାକୁ ଦିଆଯାଏ। ଅବଶିଷ୍ଟ ଭୋଗ ନଦୀରେ ଭସାଇ ଦିଆଯାଏ।



# ଆକାଶଙ୍କ ବିଶ୍ୱ ରେକର୍ଡ

## କ୍ରମାଗତ ୮ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ



**ସୁରଟ, ୯ ।୧୧ (ଏଜେନ୍ସି):** ମେଘାଳୟ ବ୍ୟାଟର୍ ଆକାଶ କୁମାର ଚୌଧୁରୀ ଅରୁଣାଚଳ ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ବିଧ୍ୱଂସୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ଆକାଶ ଏହି ମ୍ୟାଚରେ ମାତ୍ର ୯ ମିନିଟ୍ ମଧ୍ୟରେ ୧୧ ବଲରେ ଅର୍ଦ୍ଧଶତକ ପୂରଣ କରି ବିଶ୍ୱରେକର୍ଡ କରିଛନ୍ତି । ପ୍ରଥମଶ୍ରେଣୀ କ୍ରିକେଟ୍ ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ଏବେ ଆକାଶଙ୍କ ନାମରେ ଲିପିବଦ୍ଧ ହୋଇଛି । ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ୱେନ ହ୍ୱାଇଟଙ୍କ ନାମରେ ରହିଥିଲା । ୨୦୧୨ରେ ହ୍ୱାଇଟ କାଉଣ୍ଟି କ୍ରିକେଟ୍‌ର ଏକ ମ୍ୟାଚରେ ଲିସେଷ୍ଟରଶାୟର କ୍ଲବ ପକ୍ଷରୁ ଖେଳି ସସେକ୍ସ ବିପକ୍ଷରେ ମାତ୍ର ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ । ଯାହାକୁ ଏବେ ଆକାଶ ପଛରେ ପକାଇଦେଇଛନ୍ତି ।

ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଆକାଶ ଏହି ଇନିଂସରେ କ୍ରମାଗତ ୮ଟି ବଲରେ ୮ଟି ଛକା ମାରିଥିଲେ । ବିଶ୍ୱର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରିଛନ୍ତି । ସେ ଅରୁଣାଚଳ ସ୍ପିନର ଲିମାର ଦାବିଙ୍କ ଗୋଟିଏ ଓଭରର ୬ଟି ଯାକ ବଲ୍‌କୁ ଛକା ମାରି ଆଉ ଏକ ରେକର୍ଡ କରିଥିଲେ । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଗୋଟିଏ ଓଭରରେ ୬ଟି ଛକା ମାରିବାରେ ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ ଓ ଭାରତର ରବି ଶାସ୍ତ୍ରୀଙ୍କ ପରେ ଆକାଶ ୩ୟ କ୍ରିକେଟର୍ ଭାବେ ଏହି ସଫଳତା ପାଇଛନ୍ତି ।

### ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ

| ବଲ୍ | ଖେଳାଳି | ଟିମ୍ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ୧୧ | ଆକାଶ କୁମାର | ମେଘାଳୟ | ଅରୁଣାଚଳ | ୨୦୨୫ |
| ୧୨ | ୱେନ ହ୍ୱାଇଟ | ଲିସେଷ୍ଟରଶାୟର | ସସେକ୍ସ | ୨୦୧୨ |
| ୧୩ | ମାଇକେଲ ଭୁରେନ | ଇଷ୍ଟର୍ନ ପ୍ରୋଭିଡେନ୍ସ | ଗ୍ରିକ୍ୱାଲାଣ୍ଡ ୱେଷ୍ଟ | ୧୯୮୪ |

ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ରେକର୍ଡ ରନ୍ ଚେଜ୍

# ଦକ୍ଷିଣ ଆଫ୍ରିକା-ଏ' ଦଳର ଦମ୍‌ଦାର ବିଜୟ

**ବେଙ୍ଗାଲୁରୁ, ୯।୧୧(ଏଜେନ୍ସି):** ଭାରତ ମାଟିରେ ବ୍ୟାଟରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଦକ୍ଷିଣ ଆଫ୍ରିକା-ଏ' ୫ ୱିକେଟରେ ଭାରତ-ଏ'କୁ ହରାଇ ଏଠାରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଦମଦାର ବିଜୟ ହାସଲ କରିଛି । ଏହା ଫଳରେ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୧ ବରାବର ସ୍ଥିତିକୁ ନେଇଆସିଛି । ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ୧୧୮ ବଲ୍‌ରୁ ୧୩୪ ଓ ଦ୍ୱିତୀୟ ଇନିଂସରେ ୨୪ ରନ୍ କରିଥିବା ଦକ୍ଷିଣ ଆଫ୍ରିକା-ଏ' ଦଳର ଅଧିନାୟକ ଏମ୍. ଆକରମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ଟେଷ୍ଟର ପ୍ରଥମ ଇନିଂସରେ ୧୩୨ ଓ ଦ୍ୱିତୀୟ ଇନିଂସରେ ୧୨୪ ରନ୍ କରି ଅପରାଜିତ ଥିବା ଭାରତ-ଏ' ଦଳର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହା ପରେ ଦୁଇ ଏ' ଦଳ ମଧ୍ୟରେ ୩ଟି ଅନ୍‌ଅଫିସିଆଲ ଦିନିକିଆ ବା ଲିଷ୍ଟ-ଏ' ସିରିଜ୍ ଖେଳାଯିବ । ସିରିଜ୍‌ର ସମସ୍ତ ମ୍ୟାଚ୍ ରାଜକୋଟର କନ୍ଧେରୀ ଷ୍ଟାଡିୟମ୍‌ରେ ଖେଳାଯିବ । ନଭେମ୍ବର ୧୩, ୧୬ ଓ ୧୯ରେ ଏହି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଦକ୍ଷିଣ ଆଫ୍ରିକା ୪୧୭ ରନ୍‌ର ଟାର୍ଗେଟକୁ ହାସଲ କରି ୨୦୧୬ ପରେ ଭାରତରେ ଖେଳାଯାଇଥିବା ମ୍ୟାଚ୍‌ର ଚତୁର୍ଥ ଇନିଂସରେ ସର୍ବାଧିକ ଓ ଭାରତରେ ଖେଳାଯାଇଥିବା ସମସ୍ତ ପ୍ରଥମଶ୍ରେଣୀ କ୍ରିକେଟରେ ୬ଷ୍ଠ ସର୍ବୋଚ୍ଚ ରନ୍ । ଏହି ରେକର୍ଡ ଚେଜ୍ ସ୍ପିନ୍ ବୋଲିଂ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଦକ୍ଷତାକୁ ପ୍ରଦର୍ଶିତ କରୁଛି ।

ଏହି ମ୍ୟାଚ୍‌ରେ ଜୁରେଲଙ୍କ ଡବଲ ଶତକ ସହାୟତାରେ ଭାରତ-ଏ' ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ' ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା । ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା-ଏ' ଖେଳର ଶେଷ ଦିନରେ ୫ ୱିକେଟ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ ଦୁଇ ଓପନର ଜୋର୍ଡାନ ହର୍ମନ ଓ ଲେସେଗୋ ସେନୋକ୍ୱାନେ ପ୍ରଥମ ୱିକେଟରୁ ୧୫୬ ରନ୍ ଉଠାଇ ଜିତିବାର ମୂଳଦୁଆ ପକାଇଥିଲେ । ହର୍ମନ ୯୧ ଓ ସେନୋକ୍ୱାନେ ୭୭ ରନ୍‌ରେ ଆଉଟ ହୋଇଥିଲେ । ଏହା ପରେ ଭାରତ ବିପକ୍ଷରେ ଖେଳିବାକୁ ଯାଉଥିବା ଜୁବେର ହାମ୍‌ଜା ୮୮ ବଲ୍‌ରେ ୭୭ ଓ ଟେମ୍ବା ବଭୁମା ୧୦୧ ବଲ୍‌ରେ ୫୯ ରନ୍ ଉଠାଇ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ । ଅଧିନାୟକ ଆରମ୍ୟାନ୍ ୨୪ ରନ୍‌ରେ ଆଉଟ ହୋଇଥିଲେ । ୩୫୨ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ୱିକେଟରକ୍ଷକ କନ୍ନର ଇସ୍ତରହୁଇଜେନ୍ ୫୨ ଓ ତିଆନ ଭାନ ଭୁରେନ୍ ୨୦ ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ । ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟକୁ ଭାରତ-ଏ' ୩ ୱିକେଟରେ ଜିତିଥିଲା ।

## ଓଡ଼ିଶାରେ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୯।୧୧(ସମିସ):** ଏଥର ଓଡ଼ିଶାରେ ଦୁଇଟି ଅନ୍ତର୍ଜାତୀୟ ଭଲିବଲ ଇଭେଣ୍ଟ ଆୟୋଜିତ ହେବ । ଏହା ମଧ୍ୟରୁ ଏଫ୍‌ଆଇଭିବି ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଓ ୪ ଦିନିଆ ଏଫ୍‌ଆଇଭିବି ମହିଳା ପ୍ରଶିକ୍ଷିକାଙ୍କ କର୍ମଶାଳା ଆୟୋଜିତ ହେବ ବୋଲି ଓଡ଼ିଶା ଭଲିବଲ ସଂଘର ବାର୍ଷିକ ସାଧାରଣ ବୈଠକରେ ସ୍ଥିର ହୋଇଛି । ସଭାପତି ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ଏହି ବୈଠକରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଟକ ବାରବାଟୀ ଷ୍ଟାଡିୟମ୍ କନଫରେନ୍ସ ହଲ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୨୬ ଫେବୃଆରୀ କିମ୍ବା ମାର୍ଚ୍ଚରେ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜିତ ହେବ । ଏଥିରେ ୪୦ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଜାତୀୟ ପ୍ରତିଯୋଗିତା ଲାଗି ଏଥର ପ୍ରସ୍ତୁତି ଜୋରଦାର କରିବାକୁ ସ୍ଥିର ହୋଇଛି । ପାରାଦୀପ୍‌ରେ ରାଜ୍ୟ ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## କେଡିଟିଏ ଓଡ଼ିଶା ଓପନ ଉଦ୍‌ଯାପିତ

**ଭୁବନେଶ୍ୱର, ୯।୧୧(ସମିସ):** ଓଡ଼ିଶା ଟେନିସ ଆସୋସିଏସନ ଆନୁକୂଲ୍ୟରେ କେଡିଟିଏ ଓଡ଼ିଶା ଓପନ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୩ଟି କାଟାଗୋରୀରେ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହା ମଧ୍ୟରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ରେ ବିବେକ ତିବରୱାଲ ଓ ଶାଶ୍ୱତ ଜେନା, ୫୫ ବର୍ଷରୁ ଉର୍ଦ୍ଧ୍ୱ କାଟାଗୋରୀରେ ପିକେ ମିଶ୍ର ଓ ମନୋଜ ଭଟ୍ଟାଚାର୍ଯ୍ୟ, ୬୫ ବର୍ଷରୁ ଉର୍ଦ୍ଧ୍ୱ କାଟାଗୋରୀରେ ଏସ୍‌ଏସ୍ ରଥ ଓ ବିଏନ୍ ମହାନ୍ତିଙ୍କ ଯୋଡି ବିଜୟୀ ହୋଇଛନ୍ତି । ଖେଳ ଶେଷରେ ଓଆର୍‌ଇଆର୍‌ଏ ଚେୟାରମ୍ୟାନ୍ ଅସିତ ମହାପାତ୍ର ମୁଖ୍ୟ ଅତିଥି, ଆଇପିଏଲ୍ ଲଳିତ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଟେନିସ ସଂଘ ସଭାପତି ମଧୁସୂଦନ ପାଢ଼ୀ ଓ ସମ୍ପାଦକ ଅସିତ ପ୍ରଧାନଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଡବ୍ଲ୍ୟୁଟିଏ ଫାଇନାଲ୍ସ

## ସାବାଲେଙ୍କାଙ୍କୁ ହରାଇ ୪୬.୪୦ କୋଟି ଜିତିଲେ ଏଲିନା

**ରିୟାଧ, ୯ ।୧୧ (ଏଜେନ୍ସି):** କାଜାଖସ୍ତାନର ଏଲିନା ରିବାକିନା ଚଳିତ ବର୍ଷର ଡବ୍ଲ୍ୟୁଟିଏ ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ରିବାକିନା ୬-୩, ୭-୬ (୭/୦) ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୪ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ । ଏଥିସହ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ରିବାକିନା ମହିଳା ଟେନିସ ଇତିହାସର ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ଏଠାରେ ଚାମ୍ପିଅନ ହେବା ସହ ୨୬ ବର୍ଷୀୟା ରିବାକିନା ୫.୨୩୫ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୬ କୋଟି ୪୦ ଲକ୍ଷ) ପୁରସ୍କାର ଆକାରରେ ପାଇଛନ୍ତି । ଗତ ସେପ୍ଟେମ୍ବରରେ ସାବାଲେଙ୍କା ୟୁଏସ୍ ଓପନ୍ ଚାମ୍ପିଅନ ହେବାପରେ ପୁରସ୍କାର ଆକାରରେ ୩.୭୪ ମିଲିୟନ ଡଲାର (ପ୍ରାୟ ୩୩ କୋଟି ୧୫ ଲକ୍ଷ ଟଙ୍କା) ହାସଲ କରିଥିଲେ । ଯାହାକି ମହିଳା ଟେନିସ ଇତିହାସରେ ସର୍ବାଧିକ ପୁରସ୍କାର ରାଶିଭାବେ ବିବେଚିତ ହେଉଥିଲା । ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଡବ୍ଲ୍ୟୁଟିଏ ଫାଇନାଲ୍ସର ରାଉଣ୍ଡ-ରବିନ ପର୍ଯ୍ୟାୟରେ ପ୍ରତି ବିଜୟ ପିଛା ୩.୧୪ କୋଟି ଟଙ୍କା ଦିଆଯାଇଥିଲା ।



ମହିଳା ଟେନିସ ଇତିହାସର ରେକର୍ଡ ପୁରସ୍କାର ରାଶି

ପ୍ରେସିଡେଣ୍ଟସ ଟ୍ରଫି ଗଲ୍ଫ

## ଲଖି ସ୍ୱାଇଁ, ଅସିତ ତ୍ରିପାଠୀ ଚାମ୍ପିଅନ



**ଭୁବନେଶ୍ୱର, ୯।୧୧ (ସମିସ):** ଭୁବନେଶ୍ୱର ଗଲ୍ଫ କ୍ଲବ୍ ଆନୁକୂଲ୍ୟରେ ପ୍ରେସିଡେଣ୍ଟସ ଟ୍ରଫି ଗଲ୍ଫ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ୦ରୁ ୧୬ କାଟାଗୋରୀରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅସିତ ତ୍ରିପାଠୀ ଚାମ୍ପିଅନ ଓ କମୋଡୋର ଦିଗବିଜୟ ସିଂ ରନର୍ସ ଅପ୍ ହୋଇଛନ୍ତି । କ୍ୟାପ୍ଟେନ ସୁଭାସ ଦାସ ବେଷ୍ଟ ଗ୍ରସ୍ ପାଇଛନ୍ତି । ସେହିପରି ପୁରୁଷ ୧୭ରୁ ୨୪ କାଟାଗୋରୀରେ ଧନଞ୍ଜୟ ବୋଷ ଚାମ୍ପିଅନ ଓ ଡା. ପିଭି ମୋହନ ରନର୍ସ ଅପ୍ ହୋଇଛନ୍ତି । ବରିଷ୍ଠ ବିଭାଗରେ ବ୍ରିଗେଡିୟର ଡ. କେସି ବେହେରା ଚାମ୍ପିଅନ, ସୂର୍ଯ୍ୟକାନ୍ତ ମିଶ୍ର ରନର୍ସ ଅପ୍, ମହିଳା ବିଭାଗରେ ଲଖି ସ୍ୱାଇଁ ଚାମ୍ପିଅନ ଓ ସୁପର୍ଣ୍ଣା ପଣ୍ଡା ରନର୍ସ ଅପ୍ ହୋଇଛନ୍ତି ।

ଜାପାନ ପାରା ବ୍ୟାଡ୍‌ମିଣ୍ଟନ

## ପ୍ରମୋଦଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୯ ।୧୧ (ସମିସ):** ପାରା ଅଲିମ୍ପିକ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଜାପାନ ପାରା ବ୍ୟାଡ୍‌ମିଣ୍ଟନରେ ତିନି ତିନୋଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି । ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ପ୍ରମୋଦ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଚାମ୍ପିଅନ ହୋଇ ଏହି ସଫଳତା ପାଇଛନ୍ତି । ଏସ୍‌ଏଲ୍-୩ କାଟାଗୋରୀର ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ୧୭-୨୧, ୨୧-୧୯, ୨୧-୧୦ରେ ଘରୋଇ ସଟ୍‌ଲର୍ ଦାଇସୁକି ଫୁଜିହାରାଙ୍କୁ ପରାସ୍ତ କରିଥିଲେ । ଏହାପରେ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ୨୧-୧୭, ୧୮-୨୧, ୨୧-୧୬ ଗେମରେ ସାଥୀ ଭାରତୀୟ ଖେଳାଳି ଜଗଦୀଶ ଡିଲ୍ଲି ଓ ନବୀନ ଶିବକୁମାର ଯୋଡ଼ିଙ୍କୁ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଶେଷରେ ପ୍ରମୋଦ ଏସଏଲ୍୪-ଏସୟୁ୫ କାଟାଗୋରୀର ମିକ୍ସଡ ଡବଲ୍ସରେ ମନିଷା ରାମଦାସଙ୍କୁ ସାଥୀ କରି ଚାମ୍ପିଅନ ହେବା ସହ ହ୍ୟାଟ୍ରିକ ସ୍ୱର୍ଣ୍ଣ ହାସଲ କରିଥିଲେ ।

## ରାଜ୍ୟ ସ୍କୁଲ ଓପନ ଚେସ୍ ଜିତିଲେ ଦିବ୍ୟାଂଶ



**ଭୁବନେଶ୍ୱର, ୯।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଚତୁର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଦିବ୍ୟାଂଶ ନାୟକ ଚାମ୍ପିଅନ ହୋଇଛନ୍ତି । ତାଙ୍କ ସହ ସମାନ ୪.୫ ପଏଣ୍ଟ ପାଇଥିବା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ରନର୍ସଅପ୍, ଖଣ୍ଡଗିରି ସେଣ୍ଟ ଜାଭିୟର ଓମ୍ ଶତପଥୀ ତୃତୀୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ମନୀଷରଞ୍ଜନ ଦାସ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ସ୍ଥିତପ୍ରଜ୍ଞ ପଟ୍ଟନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ଆଇଏସ୍‌ଏସ୍‌ଏଫ୍ ଚାମ୍ପିଅନସିପ୍

## ଅନିସ ଭାନୱାଲାଙ୍କୁ ରୌପ୍ୟ ପଦକ



**ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):** ଭାରତର ଅନିସ ଭାନୱାଲା କାଇରୋରେ ଚାଲିଥିବା ସୁଟିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ରବିବାର ଅନୁଷ୍ଠିତ ପୁରୁଷ ୨୫ ମିଟର ଏୟାର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଭାନୱାଲା ୪ଟି ସୁଟ୍ ଅଫ୍‌ରେ ପ୍ରଥମ ବିଶ୍ୱଚାମ୍ପିଅନସିପ୍ ପଦକ ହାତେଇବାରେ ସମର୍ଥ ହୋଇଛନ୍ତି । ଏହି ଇଭେଣ୍ଟରେ ସେ ମଧ୍ୟ ଏସିଆନ ମେଡାଲ ବିଜୟୀ ହୋଇଥିଲେ । ଏହି ଚାମ୍ପିଅନସିପ୍‌ରେ ଭାନୱାଲା ଭାରତ ଲାଗି ୫ମ ପଦକ ବିଜୟୀ ହୋଇଛନ୍ତି । ତାଙ୍କ ପୂର୍ବରୁ ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଏଲାଭେନେଲି ଭାରାରିଭାନ କାଂସ୍ୟ, ଅଣ ଅଲିମ୍ପିକ୍ ଇଭେଣ୍ଟରେ ରବିନ୍ଦର ସିଂ ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ।

ଟି-୨୦ ବିଶ୍ୱକପ୍


## ଅହମ୍ମଦାବାଦରେ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୯ ।୧୧ (ଏଜେନ୍ସି):** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ୧୦ମ ସଂସ୍କରଣ ୭ ଫେବୃଆରୀରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ । ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବା ଲାଗି ଚୂଡ଼ାନ୍ତ ହୋଇଛି । ଭାରତର ମୁମ୍ବଇ, ଦିଲ୍ଲୀ, ଚେନ୍ନଇ, ଅହମ୍ମଦାବାଦ ଓ କୋଲକାତା ସହର ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଛନ୍ତି । ସେହିଭଳି ଶ୍ରୀଲଙ୍କାର କଲମ୍ବୋର ୨ଟି ଓ କାଣ୍ଡିର ଗୋଟିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ । ଅହମ୍ମଦାବାଦରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ । ସେହିଭଳି ପାକିସ୍ତାନ ଯଦି ଫାଇନାଲକୁ ଯୋଗ୍ୟତା ଅର୍ଜନ ନ କରେ ତେବେ ଟାଇଟଲ୍ ଲଢ଼େଇ ମୁକାବିଲା ମଧ୍ୟ ଏଠାରେ ଖେଳାଯାଇପାରେ । କିନ୍ତୁ ପାକିସ୍ତାନ ଫାଇନାଲ ଟିକଟ୍ ହାସଲ କରେ ପୂର୍ବ ଚୁକ୍ତି ଅନୁଯାୟୀ ଏହା କଲମ୍ବୋରେ ଅନୁଷ୍ଠିତ ହେବ । ଅପରପକ୍ଷରେ ମୁମ୍ବଇର ୱାଙ୍ଖେଡେ ଓ କୋଲକାତାର ଇଡେନ ଗାର୍ଡେନ୍ସ ସେମିଫାଇନାଲ ଦୌଡ଼ରେ ରହିଛନ୍ତି । ୱାଙ୍ଖେଡେରେ ପ୍ରଥମ ସେମିଫାଇନାଲ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିଭଳି ଯଦି ପାକିସ୍ତାନ ଅନ୍ତିମ-୪କୁ ଉଠି ନ ପାରେ ତେବେ ୨ୟ ସେମିଫାଇନାଲ ଇଡେନରେ ଖେଳାଯିବ ।

## ଷ୍ଟେଟ-ଏ ଟ୍ରଫି: ଓଡ଼ିଶା ବିଜୟୀ



ସୟଦ ତୁଫାଏଲ



ଆଶୁତୋଷ ଛୁରିଆ

**ଭୁବନେଶ୍ୱର, ୯।୧୧(ସମିସ):** ଗୋଆକୁ ୭ ୱିକେଟରେ ହରାଇ ଓଡ଼ିଶା ଆଜି ଭଦୋଦରାରେ ଅନୁଷ୍ଠିତ ଷ୍ଟେଟ-ଏ' ଦିନିକିଆ ଟ୍ରଫିରେ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୋଆ ୩୬.୪ ଓଭରରେ ୧୬୬ ରନ୍ କରିଥିଲା । ଦଳ ପକ୍ଷରୁ ସନତ ନେଭାଗି ସର୍ବାଧିକ ୯୧ ରନ୍ କରିଥିଲେ । ଓଡ଼ିଶାର ସୟଦ ତୁଫାଏଲ ଅହମ୍ମଦ୍ ୪ଟି ଓ ଆଶୁତୋଷ ଛୁରିଆ ୩ଟି ୱିକେଟ ପାଇଥିଲେ । ଜବାବରେ ଓଡ଼ିଶା ୨୮.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ପାନକଲ ଶଶାଙ୍କ ୫୬, ଅଧିନାୟକ ଓମ୍‌ଟି ମୁଣ୍ଡେ ୫୩ ରନ୍ କରିଥିଲେ । ପ୍ରତିପକ୍ଷ ଦଳର ମନୀଷ କାକୋଡେଙ୍କୁ ୨ଟି ୱିକେଟ ମିଳିଥିଲା ।

## କୁଚ୍‌ବିହାର ଟ୍ରଫିରେ ଓଡ଼ିଶାର ନେତୃତ୍ୱ ନେବେ ବିଶ୍ୱଜିତ୍

**ଭୁବନେଶ୍ୱର, ୯।୧୧(ସମିସ):** ବିସିସିଆଇ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ କ୍ରିକେଟ କୁଚ୍‌ବିହାର ଟ୍ରଫି ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ । ଏଥିଲାଗି ରବିବାର ଓଡ଼ିଶା ଦଳ ଘୋଷଣା ହୋଇଛି । ବିଶ୍ୱଜିତ ପ୍ରଧାନଙ୍କୁ ୧୮ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି । ଓଡ଼ିଶା ଏଥର ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି । ଏହି ଗ୍ରୁପ୍‌ରେ ମହାରାଷ୍ଟ୍ର, ଆନ୍ଧ୍ର, ଉତ୍ତରାଖଣ୍ଡ, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶକୁ ସ୍ଥାନ ମିଳିଛି । ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ମହାରାଷ୍ଟ୍ର ସହ ନାଗୋଥାନେରେ ନଭେମ୍ବର ୧୬ରୁ ୧୯ ଯାଏ, ଦ୍ୱିତୀୟ ମ୍ୟାଚ୍ ଆନ୍ଧ୍ର ସହ ଅନନ୍ତପୁରରେ ୨୩ରୁ ୨୬ ଯାଏ, ତୃତୀୟ ମ୍ୟାଚ୍ କାଶିପୁରରେ ଉତ୍ତରାଖଣ୍ଡ ସହ ଡିସେମ୍ବର ୧ରୁ ୪ ଯାଏ ଖେଳାଯିବ । ଶେଷ ଦୁଇଟି ମ୍ୟାଚ୍ କର୍ଣ୍ଣାଟକ ସହ ଡିସେମ୍ବର ୮ରୁ ୧୧ଯାଏ ଓ ହିମାଚଳ ପ୍ରଦେଶ ସହ ଡିସେମ୍ବର ୧୬ରୁ ୧୯ ଯାଏ ବଲାଙ୍ଗୀରର ଗାନ୍ଧି ଷ୍ଟାଡିୟମ୍‌ରେ ଖେଳିବ ।

**ଓଡ଼ିଶା ଦଳ:** ଶୁଭାଶିଷ ମଲ୍ଲିକ, ଶ୍ରେୟାଂଶୁ ପଟ୍ଟନାୟକ, ସାର୍ଥକ ପ୍ରକାଶ ଓ ପାନକଲ ମୋକ୍ଷିତ (ଉଭୟ ୱିକେଟରକ୍ଷକ), ସ୍ୱାଗତ ମିଶ୍ର, ଆଦିତ୍ୟ ରାୟ, ଆଦିତ୍ୟ ଆନନ୍ଦ, ବିଶ୍ୱଜିତ ପ୍ରଧାନ (ଅଧିନାୟକ), ପୀୟୂଷ ମନ୍ତ୍ରୀ, ରାଜ ଯାଦବ, ଦିବ୍ୟମ ଛପାଡ଼ିଆ, ପ୍ରିୟାଂଶୁ ମହାନ୍ତି, ଜନ୍ମେଜୟ ଜେନା, ଶିବୁନ ନନ୍ଦ, ମହେଶ ସାହୁ, ରୁଦ୍ରପ୍ରସାଦ ମଲ୍ଲିକ, ଅର୍ପିତ ଏସ୍ ମହାନ୍ତି, ଅର୍ଣ୍ଣବ ପଟ୍ଟନାୟକ ।

ବିଦର୍ଭ ବିପକ୍ଷ ରଣଜୀ ମୁକାବିଲା

## ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୯।୧୧(ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷ ଏଲିଟ୍-ଏ' ରଣଜୀ ଟ୍ରଫିର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଧ୍ରୁବ ସୋରେଙ୍କ ଦମ୍‌ଦାର ୧୪୪ ରନ୍‌ର ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୨୮୬ ରନ୍‌ରେ ଅଲଆଉଟ ହୋଇଥିଲା । ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୬ ୱିକେଟରେ ୧୨୨ ରନ୍ ସଂଗ୍ରହ କରିଛି । ରବିବାର ଷ୍ଟମ୍ପ ଅପସାରଣ ବେଳକୁ ସମ୍ବିତ ବରାଳ ୨ ରନ୍‌ରେ ଅପରାଜିତ ରହିଛନ୍ତି । ଦଳ ପକ୍ଷରୁ ଦୁଇ ଅଭିଜ୍ଞ ଖେଳାଳି ଯଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ଓ ଗୋବିନ୍ଦ ପୋଦ୍ଦାର ୧୭ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ । ନୂଆ ଓପନର ଗୌରବ ଚୌଧୁରୀ ୨୪, ସ୍ୱସ୍ତିକ ସାମଲ ୯, ନଂ-୩ ସନ୍ଦୀପ ପଟ୍ଟନାୟକ ୧୬ ଓ ୱିକେଟରକ୍ଷକ ରାଜେଶ ଧୂପର ୮ ରନ୍‌ରେ ଆଉଟ ହୋଇଥିଲେ । ବିଦର୍ଭ ପକ୍ଷରୁ ଗୌରବ ଫାର୍ଡେଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା । ଅନ୍ୟ ୫ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ।

ପୂର୍ବରୁ ବିଦର୍ଭ ୫ୱିକେଟରେ ୨୩୪ ରନ୍‌ରୁ ପ୍ରଥମ ଇନିଂସ ଖେଳ ଆରମ୍ଭ କରିଥିଲା । କିନ୍ତୁ ଓଡ଼ିଶାର ବୋଲରମାନେ ଆଉ ୫୨ ରନ୍ ଦେଇ ଅବଶିଷ୍ଟ ୫ଟି ୱିକେଟ ଅକ୍ତିଆର କରିନେବା ଫଳରେ ଦଳ ୨୮୬ରେ ଅଲଆଉଟ ହୋଇଯାଇଥିଲା । ସୋରେଙ୍କ ୧୪୪ ରନ୍ ବ୍ୟତୀତ ସମର୍ଥ ଆର୍ ୪୯, ଯଶ ରାଠୋଡ ୩୮ ରନ୍ କରିଥିଲେ । ବିଦର୍ଭ ୬ ରନ୍‌ରେ ପ୍ରଥମ ୩ଜଣ ଓ ୨୪ ରନ୍‌ରେ ଶେଷ ୫ଜଣ ଖେଳାଳିଙ୍କୁ ହରାଇଥିଲା । ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ତାପସ ଦାସ, ରାଜେଶ ମହାନ୍ତି ଓ ବାଦଲ ବିଶ୍ୱାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ସ୍ପିନର ଜାମଲାଭଞ୍ଜନ ମହାପାତ୍ର ଜଣେ ଖେଳାଳିଙ୍କୁ ଆଉଟ କରିଥିଲେ ।

'ନନ୍ଦିଘୋଷ ଟିଭି'
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS